

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୯ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 09 FEBRUARY 2025

Vol.No. 36 ■ No.38 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ଅପେକ୍ଷାରେ ନୂଆବର୍ଷ ୨୦୨୫ର ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ୨୭ ବର୍ଷ ପରେ ଦିଲ୍ଲୀରେ ଫୁଟିଲା ପଦ୍ମ




ନୂଆଦିଲ୍ଲୀ, ୮/୨ : ସରିଲା ବନବାସ। ଶାସନକୁ ଫେରିଲା ବିଜେପି। ଦୀର୍ଘ ୨୭ ବର୍ଷ ପରେ ଦିଲ୍ଲୀରେ ଫୁଟିଲା ପଦ୍ମ। ଦମ୍ଭୋକ୍ତି ମୁତାବକ ରେକର୍ଡ ଦୁଇ ତୃତୀୟାଂଶ ଆସନ ସହ ଦିଲ୍ଲୀରେ ଶାସନ ସିଂହାସନ ଦଖଲ କରିଛି ବିଜେପି। ୧୯୯୮ ପରେ ଦେଶର ରାଜଧାନୀ ଦିଲ୍ଲୀରେ ଶାସନ କରିବାକୁ ଜନାଦେଶ ପାଇଛି ବିଜେପି। ଆପ୍‌ର ହ୍ୟାଟ୍ରିକ ବିଜୟ ସ୍ୱପ୍ନକୁ ଚୂରମାର କରି ବିଜୟ ପତାକା ଉଡ଼ାଇଛି ବିଜେପି। ଦିଲ୍ଲୀର ୭୦ଟି ବିଧାନସଭା ଆସନରୁ ଦଳ ୪୮ଟି ଆସନ ଜିତି ରେକର୍ଡ କରିଛି। ୨୦୧୫ ଓ ୨୦୨୦ ବିଧାନସଭା ନିର୍ବାଚନରେ ରେକର୍ଡ ସଂଖ୍ୟକ ଆସନ ଜିତିଥିବା ଆପ୍ ଏଥର ୨୨ରେ ଅଟକି ଯାଇଛି। କଂଗ୍ରେସ ପୁଣି ସମସ୍ତଙ୍କୁ ନିରାଶ କରିଛି। ଦଳ ହ୍ୟାଟ୍ରିକ ଶୂନ ସହ ଲଜ୍ଜାଜନକ ପରାଜୟ ବରଣ କରିଛି। ୨୦୧୫ ଓ ୨୦୨୦ ଭଳି କଂଗ୍ରେସ ଦିଲ୍ଲୀରେ ଏଥର ବି ଖାତା ଖୋଲି ପାରି ନାହିଁ। ବିଜେପି ଶେଷ ଥର ପାଇଁ ଦିଲ୍ଲୀ ବିଧାନସଭା ନିର୍ବାଚନ ୧୯୯୩ ମସିହାରେ ଜିତିଥିଲା। ୧୯୯୩ରୁ ୧୯୯୮ ମଧ୍ୟରେ ବିଜେପି ୩ ଜଣ ମୁଖ୍ୟମନ୍ତ୍ରୀଙ୍କୁ ଶାସନ ଭାର ଦେଇଥିଲା। ପ୍ରଥମେ ମଦନ ଲାଲ ଖୁରାନା, ତା'ପରେ ସାହିବ ସିଂହ ବର୍ମା ଓ ଶେଷ କିଛି ମାସ ସୁଷମା ସ୍ୱରାଜ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୯୮ ପରଠାରୁ ଆଉ ବିଜେପି କ୍ଷମତାକୁ ଫେରି ପାରି ନାହିଁ। ପ୍ରଥମେ କଂଗ୍ରେସ ୧୫ ବର୍ଷ ଧରି ଦିଲ୍ଲୀକୁ ଶାସନ କରିଥିଲା। ଏହାପରେ ଅରବିନ୍ଦ କେଜ୍ରିୱାଲ ଆପ୍ ମୈଦାନକୁ ଓହ୍ଲାଇ ବିଜୟୀ ହୋଇଥିଲା। ୨୦୧୫ରେ ଆପ୍ ରେକର୍ଡ ୬୭ ଆସନ ଜିତିଥିବା ବେଳେ ବିଜେପି ମାତ୍ର ୩ଟି ଆସନ ପାଇଥିଲା। ୨୦୨୦ରେ ଏହି ସଂଖ୍ୟା ୬୨ ଓ ୮ ରହିଥିଲା। ୨୦୨୫ରେ ଆପ୍ ହ୍ୟାଟ୍ରିକ ବିଜୟର ଲକ୍ଷ୍ୟ ରଖିଥିଲା। କିନ୍ତୁ ବିଜେପିର ଦମଦାର ପ୍ରଚାର ଓ ସିଟ୍ ବାଇ ସିଟ୍ ରଣନୀତିକୁ ଆପ୍ ବୁଝିବାରେ ଅକ୍ଷମ ହୋଇଛି। ଆପ୍‌ର ଅନେକ ହେଭିୱେଟ ବିଜେପି ପ୍ରାର୍ଥୀଙ୍କ ଆଗରେ ଧରାଶାୟୀ ହୋଇଛନ୍ତି। ଦଳର ଜାତୀୟ ଆବାହକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ବିଜେପିର ପ୍ରବେଶ ବର୍ମା ନୂଆଦିଲ୍ଲୀ ଆସନରେ ୪ ହଜାରରୁ ▶▶ପୃଷ୍ଠା ୭

## କେଜ୍ରିୱାଲଙ୍କ ପରାଜୟର କାରଣ

- ♦ସରକାରଙ୍କ ଉପରେ ଦୁର୍ନୀତିର ଛିଟା
- ♦ମଦ ଦୁର୍ନୀତିରେ କେଜରିୱାଲ ଓ ସରକାର ବଦନାମ ହେବା
- ♦ମନି ଲଣ୍ଡରିଂ ମାମଲାରେ କେଜରିୱାଲ ଜେଲ୍ ଯିବା
- ♦ଆପର ବଡ଼ ଚେହେରା ଜେଲ୍ ଯିବା
- ♦ସରକାରୀ ବାସଭବନକୁ କେଜରିୱାଲ ବିଳାସପୂର୍ଣ୍ଣ କରିବା
- ♦ସୋସିଆଲ ମିଡିଆରେ ଏହି ଭିଡିଓ ଭାଇରାଲ ହେବା ପରେ ଆପ୍ ଛବି ମଳିନ ହେବା
- ♦ଯମୁନା ପ୍ରଦୂଷିତ ହେବା ପ୍ରସଙ୍ଗରେ ବିଜେପି ରଣନୀତିକୁ କାଉଣ୍ଟର ନ କରିପାରିବା
- ♦ଭଲ ରାସ୍ତା ଓ ପିଇବା ପାଣି ଦେବାରେ ବିଫଳ
- ♦ଏଲଜି, କେନ୍ଦ୍ର ସହ ବାରମ୍ବାର ମୁହାଁମୁହିଁ ଓ ନକାରାତ୍ମକ ପ୍ରଚାର
- ♦କଂଗ୍ରେସ ସହ ମେଣ୍ଟ ନ କରିବା

ଏହାଛଡା ସରକାର ବିରୋଧୀ ହାୱା ଓ ଦିଲ୍ଲୀରେ ବିଜେପିର ରଣନୀତି ଆଗରେ ଆପ ଫେଲ ହେଲା ବୋଲି ବିଶେଷଜ୍ଞ କହୁଛନ୍ତି । ଅରବିନ୍ଦ କେଜରିୱାଲ ବି ପରାଜୟକୁ ସ୍ୱୀକାର କରିଛନ୍ତି । ▶▶ପୃଷ୍ଠା ୭

# ଆପ୍‌ଦାରୁ ମୁକ୍ତ ହେଲା ଦିଲ୍ଲୀ: ମୋଦି



ନୂଆଦିଲ୍ଲୀ, ୮/୨ : ଶେଷରେ ଆପ୍‌ଦାରୁ ମୁକ୍ତ ହେଲା ଦିଲ୍ଲୀ। ବିଜୟ ପାଇଁ ଦିଲ୍ଲୀବାସୀଙ୍କୁ କୃତଜ୍ଞତା ଜଣାଉଛି। ଦିଲ୍ଲୀବାସୀଙ୍କ ଏହି ବିଶ୍ୱାସ ଆମ ଉପରେ ଋଣ। ଦ୍ରୁତଗତିରେ ଦିଲ୍ଲୀର ବିକାଶ କରି ଆମେ ଏହି ଋଣ ସୁଝିବୁ। ଦିଲ୍ଲୀ ବିଧାନସଭା ନିର୍ବାଚନରେ ବଡ଼ ବିଜୟ ପରେ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ କହିଛନ୍ତି, ଗୋଟିଏ ଦଶକର ଆପ୍‌ଦାରୁ ଦିଲ୍ଲୀ ମୁକ୍ତ ହେଲା। ଆଜି ଦିଲ୍ଲୀରେ ବିକାଶ,ଦୂରଦୃଷ୍ଟି ଓ ବିଶ୍ୱାସର ବିଜୟ ହୋଇଛି। ଆଡ଼ମ୍ବର, ଅରାଜକତା ଓ ଅହଙ୍କାର ପାଇଁ ଆପ୍‌ଦା (ଆମ୍ ଆଦମୀ ପାର୍ଟି) ପରାସ୍ତ ହୋଇଛି। ବିଜେପିର ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ଏହି ବିଜୟର ହକ୍‌ଦାର। ଦିଲ୍ଲୀବାସୀ ସ୍ପଷ୍ଟ କରିଦେଲେ ଦିଲ୍ଲୀର ପ୍ରକୃତ ମାଲିକ କେବଳ ଜନତା। ସର୍ଟକଟ୍ ରାଜନୀତିକୁ ଦିଲ୍ଲୀବାସୀ ସର୍ଟ ସର୍କିଟ କରିଦେଲେ। ଲୋକସଭା ନିର୍ବାଚନରେ ଦିଲ୍ଲୀବାସୀ କେବେ ଆମକୁ ନିରାଶ କରିନାହାନ୍ତି। ୩ ଥର ଲୋକସଭା ନିର୍ବାଚନରେ ଶତ ପ୍ରତିଶତ ବିଜୟ ଆମକୁ ମିଳିଥିଲା। ଏଥର ଦିଲ୍ଲୀର ଯୁବବର୍ଗ ପ୍ରଥମ ଥର ବିଜେପିର ସୁଶାସନ ଦେଖିବ। ପ୍ରଧାନମନ୍ତ୍ରୀ କହିଛନ୍ତି, ଦିଲ୍ଲୀ କେବଳ ଗୋଟିଏ ସହର ନୁହେଁ, ଏହା ମିନି ଇଣ୍ଡିଆ। ବିବିଧତା ଥିବା ଦିଲ୍ଲୀରେ ଆମକୁ ପ୍ରଚଣ୍ଡ ବହୁମତ ମିଳିଛି। ବିଶେଷ ଭାବେ ପୂର୍ବାଞ୍ଚଳ ଲୋକଙ୍କୁ କୃତଜ୍ଞତା ଜଣାଉଛି। ତୁଷ୍ଟୀକରଣ ନୁହେଁ, ସନ୍ତୁଷ୍ଟୀକରଣ ନୀତିକୁ ଲୋକେ ବାଛିଛନ୍ତି। ବିକାଶରେ ବାଧା ସୃଷ୍ଟି କରୁଥିବା ଆପ୍‌ଦାକୁ ଜନତା ହଟାଇଛନ୍ତି। ପୂରା ଦେଶ ଜାଣିଛି ଯେଉଁଠି ଏନ୍‌ଡିଏ, ସେଠାରେ ସୁଶାସନ। ସୁଶାସନର ଲାଭ ମଧ୍ୟବିତ୍ତ ଓ ଗରିବଙ୍କୁ ମିଳିଥାଏ। ଆମ ଦଳ ସବୁବେଳେ ମଧ୍ୟବିତ୍ତଙ୍କୁ ଗୁରୁତ୍ୱ ଦେଇଥାଏ। ଦେଶର ନାରୀଶକ୍ତି ଆମର ସବୁଠୁ ବଡ଼ ରକ୍ଷା କବଚ। ମହିଳାଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ନିଶ୍ଚିତ ପୂରଣ ହେବ। ମୋଦିଙ୍କ ଗ୍ୟାରେଣ୍ଟି ଅର୍ଥ ଗ୍ୟାରେଣ୍ଟି ପୂରଣ ହେବାର ଗ୍ୟାରେଣ୍ଟି। ▶▶ପୃଷ୍ଠା ୭

## ଛତିଶଗଡର ବିଳାସପୁରରେ ମହୁଆ ମଦ ପିଇ ସାତଜଣଙ୍କର ମୃତ୍ୟୁ

ବିଳାସପୁର /ରାୟପୁର , ୮/୨ : ଛତିଶଗଡର ବିଳାସପୁରର କୋନୀ ଥାନା ଅଂଚଳର ଲୋଫନ୍ଦୀରେ ମହୁଆ ମଦ ପିଇ ସାତଜଣଙ୍କ ମୃତ୍ୟୁ ଘଟିଛି। ଚାରିଜଣଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଉଛି। ତାଙ୍କର ଚିକିତ୍ସା ବିଳାସପୁର ସିମ୍ସରେ ଚାଲିଛି। ମୃତକଙ୍କ ମଧ୍ୟରେ ଏହି ଅଂଚଳର ସରପଂଚଙ୍କ ଭାଇ ମଧ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଆଶଙ୍କା କରୁଛନ୍ତି ଯେ ଏହି ଲୋକଙ୍କ ମୃତ୍ୟୁ ବିଷାକ୍ତ ମଦ ସେବନ ହେତୁ ହୋଇଛି। ▶▶ପୃଷ୍ଠା ୭

## କ୍ୟାବିନେଟ୍ ନିଷ୍ପତ୍ତି: ରାଜ୍ୟ କର୍ମଚାରୀଙ୍କ ପାଇଁ ଲାଗୁ ହେବ ଏକୀକୃତ ପେନସନ୍ ଯୋଜନା




ଭୁବନେଶ୍ୱର, ୮/୨(ନି.ପ୍ର) : ରାଜ୍ୟର ସରକାରୀ କର୍ମଚାରୀମାନଙ୍କୁ ଏଣିକି 'ଏନପିଏସ' ବଦଳରେ 'ୟୁପିଏସ' ଅର୍ଥାତ୍ ଏକୀକୃତ ପେନସନ୍ ଯୋଜନାର ସୁବିଧା ମିଳିବ । ଯେଉଁ ରାଜ୍ୟ କର୍ମଚାରୀମାନେ ଏନପିଏସ୍ ବ୍ୟବସ୍ଥାରେ ପେନସନ୍ ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି ସେମାନଙ୍କ ପାଇଁ ଏହି ବ୍ୟବସ୍ଥା ଲାଗୁ ହେବ । ଏନପିଏସ୍ ଅଧୀନରେ ଥିବା କର୍ମଚାରୀମାନେ ୟୁପିଏସ ଚୟନ କରିବାକୁ କିମ୍ବା ଏନପିଏସ୍ ସହିତ ଜାରି ରହିବା ପାଇଁ ବିକଳ୍ପ ବାଛିପାରିବେ । ଏହି ୟୁପିଏସ୍ ବ୍ୟବସ୍ଥା ରାଜ୍ୟରେ ୨୦୨୫ ଏପ୍ରିଲ ପହିଲାରୁ କାର୍ଯ୍ୟକ୍ଷମ ହେବ । ▶▶ପୃଷ୍ଠା ୭

## ସବୁ ଗରିବଙ୍କୁ 'ଅନ୍ତ୍ୟୋଦୟ ଗୃହ ଯୋଜନା'ରେ ମିଳିବ ପକ୍କାଘର: କୋହଳ ହେଲା ନିୟମ, ୩ ବର୍ଷରେ ୨.୨୫ଲକ୍ଷ ଘର



ଭୁବନେଶ୍ୱର, ୮/୨(ନି.ପ୍ର) : ରାଜ୍ୟରେ 'ଅନ୍ତ୍ୟୋଦୟ ଗୃହ ଯୋଜନା'ରେ ସମାଜର ଦୁର୍ବଳ ବର୍ଗର ସବୁ ଲୋକଙ୍କୁ ପକ୍କାଘର ଯୋଗାଇ ମିଳିବ । ପ୍ରଚଳିତ ଗୃହନିର୍ମାଣ ଯୋଜନାରେ ଉପକୃତ ହୋଇନଥିବା ଯୋଗ୍ୟ ପରିବାରଗୁଡ଼ିକୁ ଏହି ଯୋଜନାରେ ପକ୍କାଘର ଦିଆଯିବ । ୨୫ବର୍ଗ ମିଟର ପରିଧିର ପକ୍କାଘର ନିର୍ମାଣ ପାଇଁ ୧.୨୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସରକାର ଦେବେ। ୩ବର୍ଷ ମଧ୍ୟରେ ଏହି ଯୋଜନାରେ ଅତିକମରେ ୨.୨୫ଲକ୍ଷ ଘର ମଞ୍ଜୁର କରାଯିବ । ଏଥିପାଇଁ ପକ୍କାଘରର ସଂଜ୍ଞା ଓ ପରିବାରର ସଂଜ୍ଞାକୁ ମଧ ସରକାର କୋହଳ କରିଛନ୍ତି । ଏହି ଯୋଜନା ପାଇଁ ୭୫୫୦କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଅନ୍ତୋଦୟ ଗୃହ ଯୋଜନାର ନିୟମକୁ କୋହଳ କରିବା ସହ ଆଗାମୀ ୩ବର୍ଷରେ ୨.୨୫ଲକ୍ଷ ପକ୍କାଘର ଆବଂଟନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏହି ଯୋଜନାରେ ୭୫୫୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ▶▶ପୃଷ୍ଠା ୭

## ପୂର୍ଣ୍ଣଚନ୍ଦ୍ର ବିବେକାନନ୍ଦ ଶିଶୁ ମନ୍ଦିରର ତ୍ରୟୋଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ




ବାଲେଶ୍ୱର, ୮/୨ (ନି.ପ୍ର): ପୂର୍ଣ୍ଣଚନ୍ଦ୍ର ବିବେକାନନ୍ଦ ଶିଶୁ ମନ୍ଦିର, ଗୋପାଳଗାଁର ତ୍ରୟୋଦଶ ବାର୍ଷିକ ଉତ୍ସବ ଅନୁଷ୍ଠାନର ଉପସଭାପତି ପ୍ରଭାତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ସାମୁହିକ ଭାରତମାତା, ବିବେକାନନ୍ଦ ଏବଂ ସଦାନନ୍ଦଜୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ମୁଖ୍ୟଅତିଥିଭାବେ "ଧ୍ୱନି ପ୍ରତିଧ୍ୱନି" ସମ୍ବାଦପତ୍ରର ମୁଖ୍ୟ ସୃଷ୍ଟିଧର ପରିଡ଼ା ଯୋଗଦେଇ ଶିଶୁମାନଙ୍କର ସ୍ୱପ୍ନିଳ ଦୁନିଆକୁ ବାସ୍ତବ ରୂପ ଦେବାକୁ ହେଲେ ଉତ୍ସବ ଓ ପ୍ରତିଭା କାର୍ଯ୍ୟକ୍ରମର ଆବଶ୍ୟକତା ଅଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ "ସୁବର୍ଣ୍ଣଶ୍ରୀ"ର ପ୍ରକାଶନର ମୁଖ୍ୟ କବି କାଳୀପଦ ପଣ୍ଡା ଯୋଗଦେଇ ଶିଶୁମାନଙ୍କର ସୃଜନଶୀଳତାକୁ ଚିହ୍ନିବା ପାଇଁ ଆଦର୍ଶ ମାତା ପିତା ଏବଂ ଗୁରୁଜୀ ଗୁରୁମା ମାନଙ୍କର ଆବଶ୍ୟକତା ରହିଛି ବୋଲି କହିଥିଲେ।। ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସଂପାଦିକା ପ୍ରତିମା ବାଗ, କୁରୁଡ଼ା ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ସଂପାଦକ ମନୋଜ କୁମାର ପଣ୍ଡା, ଉତ୍କଳ ଶିକ୍ଷା ପରିଷଦ, ଓଡ଼ିଶାର ରାଜ୍ୟ ସଂପାଦକ ଯୋଗେନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟ ଅଞ୍ଜନ କୁମାର ଚାନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଉପ ପ୍ରଧାନ ଆଚାର୍ଯ୍ୟ ରାଜକମଲ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ମୁଖ୍ୟ ମନ୍ମଥ ବାଗ ମଂଚ ସଂଯୋଜନା କରିଥିବାବେଳେ ସଦସ୍ୟ ଶରତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ଗୀତ, ନାଚ, ନାଟକ "ନିଶା ନିବାରଣ ଅନୁଷ୍ଠିତ ହୋଇଥିଲା।

## ମେଳାରୁ ଫେରିବା ବେଳେ ୩ ବାଇକ୍ ଆରୋହୀଙ୍କ ଦୁର୍ଘଟଣାରେ ମୃତ୍ୟୁ

ବାରିପଦା/ଶୁଳିଆପଦା, ୮/୨ (ନି.ପ୍ର): ଦ୍ରୁତଗତି, ମହା ବିପତ୍ତି। ଏଭଳି ଖବର ମୟୂରଭଂଜ ଜିଲ୍ଲା ସୁଳିଆପଦା ବ୍ଲକ ସିଙ୍ଗଡ଼ା ଅଞ୍ଚଳରୁ ଆସିଛି। ଭୀମମେଳା ଘଟ ଉତ୍ତୋଳନରୁ ଫେରିବା ବେଳେ ୩ ଜଣ ବାଇକ୍ ଆରୋହୀ ଦୁର୍ଘଟଣାର ଶିକାର ହୋଇଛନ୍ତି। ଭାରସାମ୍ୟ ହରାଇ ଡିମିଆ ନିକଟରେ ଗଛରେ ଧକ୍କା ଖାଇ ସମୋନଙ୍କର ମୃତ୍ୟୁ ହୋଇଛି। ମୃତକମାନେ ହେଲେ ବିଜନ ଦେଓ, ରବୀନ୍ଦ୍ର ଦେଓ ଓ ବାଦଲ ନାଏକ। ସୂଚନା ଅନୁସାରେ ଭୌମୀ ଅମାବାସ୍ୟା ଉପଲକ୍ଷେ ଶୁଳିଆପଦା ବ୍ଲକ ସିଙ୍ଗଡା ଗ୍ରାମରେ ଭୀମ ମେଳା ଅନୁଷ୍ଠିତ ହୋଇଥିଲା। ▶▶ପୃଷ୍ଠା ୭

## ଏୟାରଲିଫ୍ଟ ହେଲେ ବିଶିଷ୍ଟ ଅଭିନେତା ଉତ୍ତମ ମହାନ୍ତି



ଭୁବନେଶ୍ୱର, ୮/୨(ନି.ପ୍ର) : ଓଡ଼ିଆ ଅଭିନେତା ଉତ୍ତମ ମହାନ୍ତିଙ୍କୁ ଚିକିତ୍ସା ପାଇଁ ଏୟାର ଲିଫ୍ଟ କରାଯାଇଛି । ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରୁ ତାଙ୍କୁ ଏୟାରପୋର୍ଟ ନିଆଯାଇଛି । ସେଠାରୁ ତାଙ୍କୁ ଦିଲ୍ଲୀ ନିଆଯିବ । ଉନ୍ନତ ଚିକିତ୍ସା ପାଇଁ ଦିଲ୍ଲୀ ଗୁରୁଗାଓଁର ଏକ ହସ୍ପିଟାଲକୁ ନିଆଯିବ । ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭେଣ୍ଟିଲେଟରରେ ତାଙ୍କର ଚିକିତ୍ସା ଚାଲିଥିଲା । ସେ ଫିଲ୍ମ ସୁଟିଂ ପାଇଁ ଯାଇଥିବା ବେଳେ ଗୁରୁତର ହୋଇଥିଲେ। ଏହି ଖବର ଶୁଣି ସମସ୍ତ ସିନେ ପ୍ରେମୀ ଦୁଃଖ ପ୍ରକାଶ କରିଥିଲେ । ଅପରପକ୍ଷରେ ପୁଅ ବାବୁ ସାନ କହିଛନ୍ତି ଯେ ଉତ୍ତମ ମହାନ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ବହୁତ ଖରାପ ଅଛି । ଅଭିନେତା ଉତ୍ତମ ମହାନ୍ତି ଲିଭର ସିରୋସିସ ରୋଗରେ ପୀଡିତ ଥିବା ନେଇ ସୂଚନା ମିଳିଛି। କିମ୍ସ କ୍ୟାନସର ହସ୍ପିଟାଲ ନିର୍ଦ୍ଦେଶକ ▶▶ପୃଷ୍ଠା ୭

## ଖାଇରେ କାର ପଡି ଦୁଇ ମୃତ

ଶିମଳା , ୮/୨ (ନି.ପ୍ର): ହିମାଚଳପ୍ରଦେଶର ଶିମଳା ଜିଲ୍ଲାର ଚୌପାଲ ଅଂଚଳରେ ଶୁକ୍ରବାର ବିଳମ୍ବିତ ସନ୍ଧ୍ୟାରେ ଏକ ସଡକ ଦୁର୍ଘଟଣାରେ ଦୁଇ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ।ଘଟଣା ଚୌପାଲର ଚମ୍ବୀ ଚୌକ ନିକଟରେ ହୋଇଥିଲା ଯେଉଁଠାରେ ଏକ କାର ନିୟନ୍ତ୍ରଣ ବାହାରକୁ ଯାଇ ସଡକରୁ ତଳକୁ ଖାଇରେ ଗଳିପଡିଥିଲା ।ମୃତକଙ୍କ ପରିଚୟ ଡ୍ରାଇଭର ରାମକୃଷ୍ଣ(୪୮) ଏବଂ ଯାତ୍ରୀ ସୁରଜୀତ(୫୦ ) ବୋଲି ଜଣାପଡିଛି । ଉଭୟ ମୃତକ ଚୌପାଲର ବଦଲୋଗ ଗ୍ରାମ ବାସିନ୍ଦା ଥିଲେ ।ପ୍ରତ୍ୟକ୍ଷଦର୍ଶୀ ଦେବିନ୍ଦର ସିଂହ ଠାକୁର ପୋଲିସକୁ କହିଛନ୍ତି ଯେ ସେ ଚମ୍ବି ଚୌକରେ ଉପସ୍ଥିତ ଥିଲେ ସେତେବେଳେ ସେ କାର (କୁ ଦ୍ରୁତ ଗତିରେ ଆସୁଥିବା ଦେଖିଥିଲେ।

## ଆଜି ବାରବାଟୀ ମ୍ୟାଚ: ଲଢ଼େଇ ପୂର୍ବରୁ ଜଗା ଦର୍ଶନ କଲେ ଭାରତୀୟ ଖେଳାଳି



ଭୁବନେଶ୍ୱର, ୮/୨(ନି.ପ୍ର) : ଆସନ୍ତାକାଲି ବାରବାଟୀରେ ହେବ କ୍ରିକେଟର ମହାଯୁଦ୍ଧ। ସୁପରସଣ୍ଡେରେ ଇଂଲଣ୍ଡ-ଇଣ୍ଡିଆ ମଧ୍ୟରେ ହେବ ସୁପରସୋ। ମ୍ୟାଚ ପୂର୍ବରୁ ଆଜି ସକାଳେ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ଟିମ୍ ଇଣ୍ଡିଆର ଖେଳାଳି। ବରୁଣ ଚକ୍ରବର୍ତ୍ତୀ, ୱାଶିଂଟନ୍ ସୁନ୍ଦର ଓ ଅକ୍ଷର ପଟେଲ୍ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିଛନ୍ତି। ରବିବାର ବାରବାଟୀରେ ଭାରତ-ଇଂଲଣ୍ଡ ଟକ୍କର। ମୁକାବିଲା ୨ ଦଳ ଭୁବନେଶ୍ୱରରେ ପହଞ୍ଚିସାରିଛନ୍ତି । ଆଜି ଟିମ ଇଣ୍ଡିଆ ବାରବାଟୀକୁ ଅଭ୍ୟାସ ପାଇଁ ଯିବ। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ଦଳର ଅପରାହ୍ଣ ୫ଟାରେ ଅଭ୍ୟାସ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଖେଳାଳିମାନେ ଭୁବନେଶ୍ୱର ମେ'ଫେୟାରରେ ରହୁଥିବାରୁ ଅଭ୍ୟାସ ଓ ରବିବାର ମ୍ୟାଚ୍ ପାଇଁ ପରିବହନ କରିବାକୁ ଓସିଏ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଓସିଏ ପକ୍ଷରୁ ୫ଟି ସ୍ୱତନ୍ତ୍ର ବସ୍ ସହ କିଛି ଇନୋଭା ଗାଡ଼ି କମିସନରେଟ ପୁଲିସକୁ ହସ୍ତାନ୍ତର କରାଯାଇଛି। ଷ୍ଟାଡିୟମରେ ମଧ ଖେଳାଳିଙ୍କ ଅଭ୍ୟାସ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଉଭୟ ଦଳର ଅଭ୍ୟାସ ପାଇଁ ସ୍ୱତନ୍ତ୍ର ପିଚ୍ ନିର୍ମାଣ ହୋଇଥିବା ବେଳେ ▶▶ପୃଷ୍ଠା ୭

## ଫେବୃଆରୀ ୧୦ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର , ୮/୨ (ନି.ପ୍ର): ଆଗାମୀ ଫେବୃଆରୀ ୧୦ ତାରିଖ (ସୋମବାର)ରେ ଭୁବନେଶ୍ୱର, ୟୁନିଟ -୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ଦିଆଯାଇଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ପ୍ରକାଶ ପାଇଛି ।

# ଯାଜପୁର ରୋଡ଼୍-ଧାମରା ରେଳପଥ : ପ୍ରକଳ୍ପ ମଞ୍ଜୁରୀ ଦିଗରେ ଆଉ ଏକ ସୋପାନ ଅଗ୍ରଗତି

କୋରେଇ, ୮/୨ (ନି.ପ୍ର): ପ୍ରସ୍ତାବିତ ଯାଜପୁର ରୋଡ଼୍-ଧାମରା ରେଳପଥର ମଞ୍ଜୁରୀ ପ୍ରକ୍ରିୟା ଆଉ ଏକ ସୋପାନ ଆଗକୁ ବଢ଼ିଛି। ବିସ୍ତୃତ ପ୍ରକଳ୍ପ ରିପୋର୍ଟକୁ ରେଳବାଇ ବୋର୍ଡ଼ ଯାଂଚ କରିବା ପରେ ଏହା ଏବେ କେନ୍ଦ୍ର ସରକାରଙ୍କ "ନେଟୱାର୍କ ପ୍ଲାନିଂ ଗ୍ରୁପ" (ଏନ୍.ପି.ଜି.) ଦ୍ୱାରା ତର୍ଜମା କରାଯିବା ସ୍ତରକୁ ଆସିଛି। ଏହି ସଂସ୍ଥାର କାମ ହେଉଛି କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ତଥା ବିଭାଗ ସମେତ ରାଜ୍ୟ ସରକାର, ଘରୋଇ ଉଦ୍ୟୋଗ, ଶିକ୍ଷାନୁଷ୍ଠାନ ଓ ବିଶେଷଜ୍ଞଙ୍କ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବା ଏବଂ ପ୍ରକଳ୍ପ ଗୁଡ଼ିକ ପାଇଁ ସମନ୍ୱିତ ଭାବେ ଯୋଜନା ପ୍ରସ୍ତୁତ କରିବା। ଖୁବ ଶୀଘ୍ର ଆଭାସି ମାଧ୍ୟମରେ ରେଳପଥ ନିର୍ମାଣ ସହ ସଂପୃକ୍ତ ବିଭିନ୍ନ କେନ୍ଦ୍ରୀୟ ବିଭାଗ/ ମନ୍ତ୍ରଣାଳୟ, ରେଳବାଇ ବୋର୍ଡ଼, ପୂର୍ବତଟ ରେଳପଥ, ଯାଜପୁର ଓ ଭଦ୍ରକ ଜିଲ୍ଲାପାଳ, ରାଜ୍ୟ ସରକାରଙ୍କ ରାଜସ୍ୱ, ଶିଳ୍ପ, ପରିବହନ, ଜଙ୍ଗଲ ଓ ପରିବେଶ ଆଦି ବିଭାଗର କର୍ତ୍ତୃପକ୍ଷଙ୍କୁ ନେଇ ଏକ ଆଭାସି ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ପ୍ରକଳ୍ପ ମଞ୍ଜୁରୀ ପ୍ରକ୍ରିୟାର ଏହି ଅଗ୍ରଗତି ଯାଜପୁର ଓ ଭଦ୍ରକ ଜିଲ୍ଲାବାସୀଙ୍କ ମଧ୍ୟରେ ଆଶା ସଂଚାର କରିଥିଲେ ମଧ୍ୟ ମଞ୍ଜୁରୀ ଜନିତ କାର୍ଯ୍ୟ ରେଳବାଇ ବୋର୍ଡ଼ ପାଖରେ ଯେପରି ଦୀର୍ଘ ସାତ ମାସ ଧରି କଚ୍ଛପ ଗତିରେ ଆଗେଇ ଚାଲିଲା, ସେହି ତିକ୍ତ ଅଭିଜ୍ଞତା କାହାରି ମନକୁ ଆଶଙ୍କା ମୁକ୍ତ କରିପାରୁନାହିଁ। ଆଜି ବି ଯାହା କିଛି ଅଗ୍ରଗତି ହାସଲ ହୋଇଛି, ତାହା ସମ୍ଭବ ହୋଇପାରିଛି ଯାଜପୁରରୋଡ଼୍-ଧାମରା ରେଳପଥ ସଂଗ୍ରାମ ସମିତିର ଲଗାତର ଆନ୍ଦୋଳନ, ବିଭିନ୍ନ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଦାବି ଉପସ୍ଥାପନ ଯୋଗୁଁ। ଏହି ପରିସ୍ଥିତିରେ ରେଳ ପ୍ରକଳ୍ପର ମଞ୍ଜୁରୀ ହାସଲ ସଂଗ୍ରାମକୁ ଶକ୍ତିଶାଳୀ କରିବା ପାଇଁ ଆସନ୍ତା ୨୦୨୫ ଫେବୃଆରୀ ୧୧ତାରିଖର ଆନ୍ଦୋଳନକୁ ସଫଳ କରିବା ନିମନ୍ତେ ସଂଗ୍ରାମ ସମିତି ପକ୍ଷରୁ ଆହ୍ୱାନ ଦିଆଯାଇଛି।

# ମାଲକାନଗିରି ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ର ଗିରଫ

ମାଲକାନଗିରି, ୮/୨ (ନି.ପ୍ର): ମାଲକାନଗିରି ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ର ଗିରଫ । ଶାନ୍ତନୁଙ୍କ ସହ ଅନ୍ୟ ୪ ଜଣଙ୍କୁ ବାନ୍ଧିଲା ଭିଜିଲାନ୍ସ । ଆୟ ବହିର୍ଭୁତ ସମ୍ପତି ଠୁଳ ଓ ସରକାରୀ ଯୋଜନା ଅର୍ଥ ହଡ଼ପ ଅଭିଯୋଗରେ ଗିରଫ କଲା ଭିଜିଲାନ୍ସ । ଆଜି ସମସ୍ତ ଗିରଫଙ୍କୁ କୋର୍ଟ ଚାଲାଣ କରାଯାଇଛି । ଶାନ୍ତନୁଙ୍କ ସହିତ ଅନ୍ୟ ଗିରଫମାନେ ହେଲେ ମୋହନ ମଣ୍ଡଳ, ବିଶ୍ୱଜିତ ମଣ୍ଡଳ, ଅଲେଖ ପ୍ରଧାନ । ଚଢ଼ଉରେ ୨ କୋଟି ୮ ଲକ୍ଷ ୯୨ ହଜାର ଟଙ୍କା ଜବତ ଟଙ୍କା ମଧ୍ୟରୁ ଶାନ୍ତନୁଙ୍କ ଠାରୁ କେବଳ ୨ କୋଟି ଟଙ୍କା ମିଳିଥିଲା। ଜୟପୁରରେ ଏକ ୩ ମହଲା ବିଳାସପୂର୍ଣ୍ଣ କୋଠା, ୪ଟି ଦାମୀ ଫ୍ଲାଟ୍ ଠାବ ହୋଇଥିଲା । ଏହା ସହିତ ୪୨୨ ଶହ ଗ୍ରାମ ଓଜନର ସୁନା ଅଳଙ୍କାର, ଜମା ଆକାଉଣ୍ଟରୁ ୯୧ ଲକ୍ଷ ଟଙ୍କା ସହିତ ବ୍ୟାଙ୍କ ଲକରରୁ ମଧ ମିଳିଥିଲା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ଅଫିସିଆଲ ଦସ୍ତାବିଜ । ଲମ୍ବା ସମୟ ଧରି ଚାଲିଥିଲା ଭିଜିଲାନ୍ସ ରେଡ୍ । ଗତ ବୁଧବାର ଠାରୁ କୁବେର ବାବୁ ଶାନ୍ତନୁ ମହାପାତ୍ରଙ୍କ ଘରେ ଭିଜିଲାନ୍ସ ଚଢ଼ଉ ଜାରି ରହିଥିଲା । ଭୁବନେଶ୍ୱର କପିଳପ୍ରସାଦ ଷ୍ଟେଟ୍ ବ୍ୟାଙ୍କ ଲକରରୁ ସେଲ୍ ଡିଡ୍ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଂଟ ଜବତ କରିଥିଲା ଭିଜିଲାନ୍ସ ଟିମ୍ । ଗତକାଲି ବାସଭବନରେ ତଲାସୀ ସମୟରେ ବହୁ ସଂଖ୍ୟକ ଶ୍ରମିକଙ୍କ ପାସବୁକ୍ ଜବତ କରାଯାଇଥିଲା।

## ଜମିକୁ କେନାଲ ପାଣି ମାଡୁନି

ମୁଖୀଗୁଡା, ୮/୨ (ନି.ପ୍ର): ରବି ଜଳସେଚନ ପାଇଁ ହାତୀ ବ୍ୟାରେଜ ମଙ୍ଗଳପୁରରୁ ଗତ ଜାନୁୟାରୀ ୭ତାରିଖରୁ ଇନ୍ଦ୍ରାବତୀ ଡାହାଣ କେନାଲରୁ ଜଳ ଯୋଗାଣ କରାଯାଉଛି ହେଲେ ଡାହାଣ କେନାଲରୁ ସିଧା ସଳଖ ପାଣି ପାଉଥିବା ଚାଷୀଙ୍କ ଜମିକୁ ଏପର୍ଯ୍ୟନ୍ତ ପାଣି ପହଂଚି ପାରୁନାହିଁ । ଡାହାଣ କେନାଲ ରାଣୀବାହାଲର ପ୍ରାୟ ୩.୫ କି.ମି. ନିକଟରେ ମୁଖ୍ୟ କେନାଲରୁ ସିଧାସଳଖ ପାଣି ପାଉଥିବା ଆଉଟଲେଟରେ ପର୍ଯ୍ୟାପ୍ତ ପାଣି ଆସୁ ନଥିବାରୁ ଚାଷ କାର୍ଯ୍ୟ ଅଧୁରା ପଡିଛି । ଡ଼ାହାଣ କେନାଲ ରାଣୀବାହାଲ ସିଆର ଗେଟର ରୋପ ଛିଣ୍ଡି ଯାଇଥିବାରୁ ଗେଟ ତଳକୁ ଦବାଯାଇ ପାରୁ ନାହିଁ । ଫଳରେ ଚାଷୀଙ୍କ ଜମିକୁ ପର୍ଯ୍ୟାପ୍ତ ପାଣି ପହଁଚି ପାରୁନାହିଁ । ସେହିପରି କପୁରମାଲ କଲେଜ ପଛପଟ ଜମିକୁ ଏପର୍ଯ୍ୟନ୍ତ କେନାଲ ପାଣି ମାଡ଼ିପାରୁ ନାହିଁ । ମୁଣ୍ଡରଗୁଡା, ପତିଗୁଡା ତଳ ମୁଣ୍ଡକୁ କେନାଲ ପାଣି ମାଡୁ ନାହିଁ । ଗତ ବର୍ଷ ଏଭଳି ସମସ୍ୟା ରହି ନଥିବା ବେଳେ ଏବର୍ଷ ସମସ୍ୟା ସୃଷ୍ଟି କରିଛି । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ନୀରବତା ଚାଷୀଙ୍କୁ କଷ୍ଟ ଦେଇଛି । ରୋପ ଯଦି ଚୋରୀ ହୋଇଗଲା ତେବେ ମରାମତି କରିବା ଦାୟିତ୍ୱ କାହାର ବୋଲି ପ୍ରଶ୍ନ ଉଠିଛି ମତମତ ପାଇଁ ଏସଡ଼ିଓ ଙ୍କୁ ଯୋଗାଯୋଗ କରାଯାଇଥିଲା, କିନ୍ତୁ ସେ ଫୋନ ଉଠାଇ ନଥିଲେ । ତୁରନ୍ତ ଚାଷୀଙ୍କ ସମସ୍ୟା ସମାଧାନ କରିବାକୁ ଦାବି ହେଉଛି ।

## ସାରସ୍ୱତ ସାଧିକା ସାନ୍ତ୍ୱନା ମହାନ୍ତିଙ୍କ ଦେହାନ୍ତ: ଏକାଦଶାହ ଆଜି



କଟକ, ୮/୨ (ନି.ପ୍ର): କାଠଯୋଡ଼ି ସାହିତ୍ୟ ସଂସଦ ସଭାପତି ଗୀତିକବି ସାନ୍ତ୍ୱନା କୁମାରୀ ମହାନ୍ତି ଆଉ ନାହାନ୍ତି ଜାନୁଆରୀ ୩୦ ପ୍ରାତଃ ୩ଘଟିକା ସମୟରେ କଟକର ଏକ ଘରୋଇ ହସ୍ପିଟାଲରେ ୭୯ ବର୍ଷ ବୟସରେ ହୃଦଘାତରେ ତାଙ୍କର ଦେହାନ୍ତ ହୋଇଯାଇଛି। କବୟିତ୍ରୀ ସାନ୍ତ୍ୱନା ମହାନ୍ତି ୧୯୪୬ଜାନୁଆରୀ ୨୦ରେ କଟକରେ ଜନ୍ମଗ୍ରହଣ କରିଥିଲ। ଆଜି ପର୍ଯ୍ୟନ୍ତ ୧୦୦୦ରୁ ଅଧିକ ଗୀତ ରଚନା କରିଥିବା ବେଳେ ଆକାଶବାଣୀ ଅନେକ ଶିଶୁଗୀତ ରୂପକ ନାଟକ ଲେଖିବା ସହ ଭକ୍ତି ଗୀତି ତୁମ ପାଦ ଧୂଳି ଓ ଆଧୁନିକ ଗୀତିକବିତା କୃଷ୍ଣଚୂଡ଼ାର ହସ ପ୍ରକାଶିତ ହୋଇ ପାଠକୀୟ ଆଦୃତି ପାଇବା ସହ ବହୁ ଅନୁଷ୍ଠାନରୁ ସମ୍ମାନୀତ ହୋଇଥିଲେ। କଟକ ପୋପରଡା ବାସଭବନରେ ଶବାଧାର ଉପରେ କାଠଯୋଡ଼ି ସାହିତ୍ୟ ସଂସଦ ସମ୍ପାଦକ ବାବାଜୀ ଚରଣ ଜେନା କାର୍ଯ୍ୟକାରୀ ସଭାପତି ପ୍ରମୋଦ ପ୍ରଧାନ, ଉପସଭାପତି ପ୍ରମିଳା ପତି,ଦୁର୍ଯୋଧନ ବେହେରା, ପ୍ରମୋଦ ସାହୁ,ଗଦାଧର ପ୍ରଧାନ ଗ୍ରାମ ଅଧିକାରୀ କାଶିନାଥ ଜେନା ଆଦି ପୁଷ୍ପଗୁଚ୍ଛ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ବଡ ଜ୍ୱାଇଁ ଇଂ ପ୍ରମୋଦ ବିଶ୍ୱାଳ ବନ୍ଧୁ ପରିଜନ ଉପସ୍ଥିତିରେ ପୁଅ ଉଦାସ କିଶୋର ମହାନ୍ତି ମୁଖାଗ୍ନି ଦେଇଥିଲେ କାଠଯୋଡ଼ି ସାହିତ୍ୟ ସଂସଦ ସହ ଓଡ଼ିଆ ଗୀତିକବି ସମାଜ ତରଫରୁ ଶୋକ ସଭା ଅନୁଷ୍ଠିତ ହୋଇଥିଲା।

# ରାସ୍ତା କଡର ନିରାଶ୍ରୟ ଲୋକମାନଙ୍କୁ ସାହାଯ୍ୟ ବାଣ୍ଟିଲେ ସମାଜସେବୀ ସଞ୍ଜୟ ପରିଡ଼ା



ଆଳି, ୮/୨ (ନି.ପ୍ର): ଆଳବ୍ଲକ ଅନ୍ତର୍ଗତ ଏକ ଉପାନ୍ତ ଅଂଚଳ ମାଣିକ ପାଟଣା ଗ୍ରାମ ର ସମାଜ ସେବୀ ସଞ୍ଜୟ କୁମାର ପରିଡ଼ା ନିଜର କଠିନ ପରିଶ୍ରମ ବଳରେ ଆଜି ଜଣେ ଉଦ୍ୟୋଗ ପତି ହୋଇପାରିଛନ୍ତି। ଗୋଟିଏ ଗରିବ ପରିବାରରୁ ଯାଇଥିବା ସଞ୍ଜୟ ଉଦ୍ୟୋଗପତି ହୋଇଥିଲେ ବି ଗରିବ ମାନଙ୍କୁ ସାହାଯ୍ୟ କରିବାକୁ ଭୁଲିନାହାନ୍ତି। ରବିବାର ତାଙ୍କର ଜନ୍ମ ଦିନ ଅଛି ସେ କିନ୍ତୁ ଶନିବାର ଦିନ ରାତିରେ କଟକ ଭୁବନେଶ୍ୱର ରାସ୍ତା କଡ଼ରେ ଥିବା ନିରାଶ୍ରୟ ଲୋକ ମାନଙ୍କୁ କମଳ ଓ ଫଳ ବଣ୍ଟନ କରି ସେମାନଙ୍କ ସହ ଖୁସି ବଣ୍ଟନ କରିଛନ୍ତି। ନିଜ ର ଜନ୍ମ ଦିନରେ କେକ କାଟି କ୍ୟାଣ୍ଡିଲ ଜାଳି ଏହାକୁ ପାଳନ କରିବା ଅପେକ୍ଷା ଏହି ଗରିବ ମାନଙ୍କୁ ସାହାଯ୍ୟ ଦେଇ ସେ ଜନ୍ମ ଦିନ ର ଖୁସି ଅନୁଭବ କରୁଛନ୍ତି। କେବଳ ଏହି ବର୍ଷ ନୁହେଁ ପ୍ରତ୍ୟକ ବର୍ଷ ସେ ଏ ମହତ୍ କର୍ମ ସେ କରିସାରିଛନ୍ତି। ସଞ୍ଜୟ ନିଜ ଗ୍ରାମରେ ୬ ବର୍ଷ ତଳୁ ଏକ ସ୍ୱେଚ୍ଛାସେବୀ ସଂସ୍ଥା ଗଠନ କରିଛନ୍ତି ଯାହାର ନାମ ସାଥି ଫାଉଣ୍ଡେସନ ସାହାଯ୍ୟ ସାରାକାଳ। ଆଳି ଅଂଚଳ ର ବିଭିନ୍ନ ସ୍ଥାନକୁ ଯାଇ ଅସହାୟ ଓ ବିପଦ ରେ ପଡ଼ିଥିବା ଲୋକ ମାନଙ୍କୁ ସାହାଯ୍ୟ କରିଥାନ୍ତି। ସଞ୍ଜୟ ନିଜେ ଏହି ସଂସ୍ଥାର ସଭାପତି ଥିଲେ ବି ଗାଁ ପିଲାମାନଙ୍କର ସହଯୋଗ ରେ କାର୍ଯ୍ୟ କରନ୍ତି। କେବେ ବି ନିଜର ଗୁରୁତ୍ୱ ଜାହିର କରନ୍ତି ନାହିଁ? ସାଥି ଫାଉଣ୍ଡେସନ ପକ୍ଷରୁ ନିଶା ନିବାରଣ ପାଇଁ ଗାଁ ଗାଁ ରେ କାର୍ଯ୍ୟକ୍ରମ କରିବା, କୃଷକ ମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କୁ ସମ୍ମାନିତ କରିବା, କଟକ ମେଡିକାଲ ରେ ଅଂଚଳ ର ଲୋକମାନଙ୍କୁ ରକ୍ତ ଯୋଗାଡ଼ କରି ଦେବା,୩୦ ରୁ ଉର୍ଦ୍ଧ ଅବସରପ୍ରାପ୍ତ ସାମରୀକ କର୍ମ ଚାରୀ ଙ୍କୁ ଦେଶ ପ୍ରତି ସେମାନଙ୍କ ର ସେବା ପାଇଁ ସେମାନଙ୍କୁ ସମ୍ବର୍ଦ୍ଧିତ କରିବା, ମହାମାରୀ କରୋନା ସମୟରେ ବିଭିନ୍ନ ଅଂଚଳ ରେ ମାସ୍କ ଓ ସାନିଟାଇଜର ବଣ୍ଟନ କରିବା, ମାଣିକ ପାଟଣା ଓ ଆଖପାଖର ରୋଗୀ ମାନଙ୍କୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦେବା, ଅର୍ଥ ଅଭାବରୁ ପଢିପାରୁନ ଥିବା ପିଲାମାନଙ୍କୁ ଆର୍ଥିକ ସହାୟତା କରି ସେ ଅଂଚଳ ର ପପି ଭାଇ ନାମରେ ପରିଚିତି। ସଞ୍ଜୟ (ପପି) ଶିକ୍ଷା ସମାପ୍ତ ପରେ ମୁମ୍ବାଇ ରେ ଜଣେ କୋରିୟର ମେସେଞ୍ଜର ଭାବରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ନିଜ ର ଉଦ୍ୟମ ଓ କଠୋର ପରିଶ୍ରମ ବଳରେ ସେ ମାରୁତି, ଅଡ଼ି ଓ ଫୋର୍ଡ ଭଳି ଅଟୋ ମୋବାଇଲ ରେ ଉଚ୍ଚ ପଦସ୍ଥ ଅଧିକାରୀ ହୋଇପାରିଥିଲେ। ତା ପରେ ସେ ଏବେ ନିଜ ଉଦ୍ୟମ ରେ କଟକ ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱରେ କାରମାର୍ଟ ପରି ଗାଡ଼ି ସୋ ରୁମ୍ କରି ଲୋକମାନଙ୍କୁ ଗାଡି ବିକ୍ରି କରିପାରୁଛନ୍ତି। ତାଙ୍କ ସଂଘର୍ଷ ମୟ ଜୀବନ ର ଶ୍ରେୟ ସେ ତାଙ୍କ ବାପା ବୋଉ ଓ ବରିଷ୍ଠ ଲୋକମାନଙ୍କ ଆଶୀର୍ବାଦ କୁ ହିଁ ଦେଇଛନ୍ତି।

## ଅଲେଖ ମହିମା ମନ୍ଦିର କାର୍ଯ୍ୟ ଚାଲୁ କରିବାକୁ ଅନୁମତି ଦେବା ନେଇ ଦାବି

ଜୟପୁର, ୮/୨ (ନି.ପ୍ର): ଗୁପ୍ତେଶ୍ୱର ଶୈବ ପୀଠରେ ଅଲେଖ ମହିମା ଯଜ୍ଞ ମନ୍ଦିର ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ବୈପାରିଗୁଡା ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି । ଏହାକୁ ନେଇ ଅଲେଖ ମହିମାର ସଦସ୍ୟ ମାନେ ଆଜି ଅପରାହ୍ନ ୧ଟା ସମୟରେ ଜୟପୁର ଉପ ଜିଲାପାଳ ଆକା ବରମ ଶଶ୍ୟା ରେଡ୍ଡିଙ୍କ ଦ୍ୱାରସ୍ଥ ହୋଇ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗତ ୨୩-୨୪ ଆର୍ଥର ବର୍ଷରେ ସରକାର ଆଇଟିଡିଓ ତରଫରୁ ଯଜ୍ଞ ମନ୍ଦିର ଓ ଅଶ୍ରମ ନିର୍ମାଣ ସକାଶେ ୪ ଲକ୍ଷ ୫୫ ହଜାର ଟଙ୍କା ଆର୍ଥିକ ସହୟତା ଦେଇଥିଲେ । ନିର୍ମାଣ କାର୍ଯ୍ୟ ଶେଷ ପଯ୍ୟାୟରେ ପହଂଚିଛି । ସିମେଂଟ ପ୍ଲାଷ୍ଟର କାର୍ଯ୍ୟ ଚାଲୁଛି । ଯେଉଁ ସ୍ଥାନରେ ଯଜ୍ଞ ମନ୍ଦିର ଓ ଆଶ୍ରମ ନିର୍ମାଣ କରାଯାଉଛି ତାହା ବନ ବିଭାଗ ଅଧିନରେ ଯାଉଛି । ଉକ୍ତ ବିଷୟକୁ ବନ ବିଭାଗ ଡିଏଫଓ ଓ ବନାଚଂଳ ଅଧିକାରିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହାକୁ ବିଭାଗ ସହମତି ପ୍ରଦାନ କରିଥିଲେ । ଗତ ସପ୍ତାହରେ ବୈପାରିଗୁଡା ତହସିଲଦାର ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ତାଗିଦ କରିଥିଲେ । ଏନେଇ ଅଲେଖ ମହିମା ଭକ୍ତ ମାନେ ଯଜ୍ଞ ମଣ୍ଡପ ଓ ଆଶ୍ରମକୁ ପୁଣି ନିର୍ମାଣ କରିବାକୁ ଅନୁମତି ଦେବାକୁ ଭକ୍ତ ଇଶ୍ୱର ସମରଥ ଦ୍ୱାରସ୍ଥ ହୋଇଥିଲେ ।

# ୭୧ ବର୍ଷ ପରେ ପାଳିତ ହେଲା ଡୁମୁରିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ପ୍ରେରଣା

ଭବାନୀପାଟଣା, ୮/୨ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ବ୍ଲକ ଡୁମୁରିଆ ପଂଚାୟତର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୭୧ବର୍ଷ ପରେ ପାଳିତ ହେଲା ବାର୍ଷିକ ଉତ୍ସବ ପ୍ରେରଣା ୨୦୨୪-୨୦୨୫। ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମଂଚାସିନ ଥିଲେ ଅଚାରୀ ଶବର ବି ଇ ଓ, ଭବାନୀପାଟଣା, ହୃଷିକେଶ ନାଏକ, ଜଗଦିଶ ମୁଣ୍ଡ ଅତିରିକ୍ତ ବି ଇ ଓ, ଶ୍ରୀଯୁକ୍ତ ହୃଦାନନ୍ଦ ସାହୁ ଜିଲ୍ଲା ପରିଷଦ ଜୋନ ୧.ଶ୍ରୀଯୁକ୍ତ ସଂଜୀବ କୁମାର ମିଶ୍ର ଡୁମୁରିଆ ସରପଂଚ, ଅଶୋକ କୁମାର ଭୋଇ, ପ୍ରଧାନ ଶିକ୍ଷକ ଡୁମୁରିଆ ହାଇ ସ୍କୁଲ. ଦୁଷ୍ମନ୍ତ ମାଝୀ, ଟଙ୍କଧର ପ୍ରଧାନ ମୁଖ୍ୟ ବକ୍ତା ଭାବରେ ମଂଚାସିନ ଥିବା ବେଳେ ୭୧ବର୍ଷ ପରେ ଆୟୋଜିତ କରିଥିବା ବାର୍ଷିକ ଉତ୍ସବ ପ୍ରେ ରଣା ୨୦୨୪-୨୦୨୫ର ମୁଖ୍ୟ ନିରାକାର ଶବର ମଧ ମଂଚାସିନ ଥିଲେ ଓ ପ୍ରାରମ୍ଭିକ ଅଭିଭାଷଣ, ସ୍ୱାଗତ ସମ୍ବୋଧନ ପ୍ରଦାନ କରିଥିଲେ. ବିଦ୍ୟାଳୟ ରେ ଅଂଚଳ ର ଛାତ୍ର ଛାତ୍ରୀ ମାନେ, ଅଭିଭାବକ, ବୁଦ୍ଧିଜୀବୀ ପୂର୍ବତନ ଶିକ୍ଷକ, ଛାତ୍ର ଛାତ୍ରୀ ଉପସ୍ଥିତ ରହିଥିଲେ. ମଂଚରେ ବିଦ୍ୟାଳୟ ର ବିବରଣୀ ପଠନ କରାଯାଇଥିଲା, ଏହି ବିଦ୍ୟାଳୟ ୧୯୫୩ ସାଲରୁ ଆରମ୍ଭ ହୋଇଥିଲା। ଏହି ବିଦ୍ୟାଳୟରେ ପ୍ରଥମ ରୁ ପଂଚମ ଶ୍ରେଣୀ ଥିଲା, ୨୦୦୨ରୁ ୭ମ ଓ ବର୍ତମାନ ୮ମ ଶ୍ରେଣୀ ଚାଲୁଚି, ୧୩୯ଜଣ ଛାତ୍ର ଛାତ୍ରୀ, ୫ ଜଣ ଶିକ୍ଷକ ଶିକ୍ଷୟତ୍ରୀ କାର୍ଯାରତ କରୁଛନ୍ତି. ବିଦ୍ୟାଳୟର ଶ୍ରେଣୀ ଗୃହ କୁ ବିଭିନ୍ନ ଜନ ପ୍ରତିନିଧି ଙ୍କ ପାଣ୍ଠି ରୁ ନିର୍ମାଣ ହୋଇଥିବା ପ୍ରକାଶ, ଏହି ଅବସର ରେ ପ୍ରଧାନ ଶିକ୍ଷକ ନିରାକାର ଶବର ତାଙ୍କ ଅଭିଭାଷଣରେ ସ୍କୁଲ ର ପ୍ରଗତି ପାଇଁ, ସ୍ଥାନୀୟ ସରପଂଚ, ଜିଲ୍ଲା ପରିଷଦଙ୍କ ଅନୁଦାନ ପ୍ରଦାନ କରିବା କୁ ଅନୁରୋଧ କରିଥିଲେ ଏବଂ ସରପଂଚ ଓ ଜିଲ୍ଲାପରିଷ ସହଯୋଗ କରିବାକୁ ପ୍ରତିଶୃତି ପଦାନ କରିଥିଲେ. ଅତିଥି ମାନେ ନିଜ ନିଜ ବକ୍ତବ୍ୟ ରେ ଛାତ୍ର ଛାତ୍ରୀ ମାନଙ୍କ ଶିକ୍ଷା, ପାଠ ପଢ଼ାରେ ନିଷ୍ଠା ପର ହୋଇ ଉର୍ନ୍ନତି କରିବାକୁ ପରାମର୍ଶ ଦେଇ ଥିଲେ, ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛାତ୍ର ଛାତ୍ରୀ ମାନଙ୍କୁ ମୋବାଇଲ କୁ ପ୍ରାୟ ବ୍ୟବହାର ନ କରିବାକୁ ଅଭିଭାବକ, ମା ମାନଙ୍କୁ ଅନୁରୋଧ କରିବା ସହ ପରାମର୍ଶ କରିଥିଲେ, ଛାତ୍ର ଛାତ୍ରୀ ଙ୍କ କଳା କୁ ନୃତ୍ୟ, ଗୀତ, ଇତ୍ୟାଦିରେ କୃତ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରିବା ସହ ଛାତ୍ରୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ, ଏବଂ ନୃତ୍ୟ ସଂଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଧାନ ଶିକ୍ଷକ।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଜୟପୁର, ୮/୨ (ନି.ପ୍ର): ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜୟପୁରର ପ୍ରଧାନ ଶିକ୍ଷୟିତ୍ରୀ ଅଭିଷେକ କୁମାର ଭୁଏ ଙ୍କ ସଭାପତିତ୍ୱରେ ଆଜି ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ କରାଗଲା। ଏହି ଉତ୍ସବରେ ସଭାପତି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଭିଷେକ କୁମାର ଭୁଏଙ୍କ ସହ ମୁଖ୍ୟ ଅତିଥି ରୂପେ ଜୟପୁର ଫାର୍ମାସୀ କଲେଜ୍ ରଣ୍ଡାପାଲି ର ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ମିଶ୍ର, ମୁଖ୍ୟ ବକ୍ତା ଭାବେ ଚନ୍ଦନ୍ବାଡ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡା, ସମ୍ମାନୀତ ଅତିଥି ରୂପେ ଜୟପୁରର ଉଦ୍ୟୋଗପତି ତଥା ଅଗ୍ରଣୀ ବ୍ୟବସାୟୀ ହର ପ୍ରସାଦ ପଟ୍ଟନାୟକ, ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ କନକଲତା ରଥ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶ୍ରୀମତୀ ଅନୁଶୁୟା ପଣ୍ଡା, ସୁଶ୍ରୀ ଶଶୀରେଖା ମିଶ୍ର, ବିଦ୍ୟାଳୟର ପୂର୍ବତନ ଛାତ୍ରୀ ତଥା ଜାଭିୟର ବିଦ୍ୟାଳୟର ପ୍ରିନ୍ସିପାଲ ଶ୍ରୀମତୀ, ମୋନାଲିସା ନନ୍ଦ, ବିଦ୍ୟାଳୟର ପୂର୍ବତନ ଶିକ୍ଷୟିତ୍ରୀ ସ୍ୱାତୀ ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀ ମାନଙ୍କୁ କିପରି ଚରିତ୍ର ଗଠନ ସହ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବେ, ସେଥିପାଇଁ ନିମନ୍ତିତ ଅତିଥି ମାନେ ମାର୍ଗ ଦର୍ଶନ ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ଚଳିତ ଶିକ୍ଷାର୍ଷରେ ଆୟୋଜିତ୍ ବିଭିନ୍ନ ପ୍ରତିଯୋଗିତା, ବାର୍ଷିକ କ୍ରିଡ଼ା ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀ ମତୀ ସବିତା କୁମାରୀ ପଟ୍ଟନାୟକଙ୍କ ଦ୍ୱାରା ବିଦ୍ୟାଳୟ ର ବାର୍ଷିକ ବିବରଣୀ ଉପସ୍ଥାପନା କରାଯାଇଥିଲା। ଜୟପୁରର ଉଦ୍ୟୋଗପତି ବିଶ୍ୱପ୍ରଣବ ପଟ୍ଟନାୟକ ଗତ ଶିକ୍ଷା ବର୍ଷରେ ବୋର୍ଡ ପରୀକ୍ଷା ରେ ଏ ୧ ରେ ଉତୀର୍ଣ୍ଣ ହୋଇଥିବା ମାମାଲୀ ବେହେରା, ଉଜମା ଖାତୂନ୍ ଙ୍କୁ ପୁରସ୍କୃତ କରିଥିଲେ।

## କେଟିଏମ ବାଇକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

ଜୟପୁର, ୮/୨ (ନି.ପ୍ର): କେଟିଏମ ବାଇକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତ ମହିଳା ଜଣକ ହେଲେ ଝରିଗୁମ୍ମାର ପଦ୍ମା ସାହୁ । ସୂଚନା ଅନୁଯାୟୀ, ମହିଳା ନୂଆସାହି ଦଳ ମଣ୍ଡପରେ ରହୁଥିବା ବେଳେ ଆଜ ଝିଅକୁ ମହିଳା ମହାବିଦ୍ୟାଳୟରେ ଛାଡି ଫେରୁଥିବା ବଳେ କେଟିଏମ ବାଇକ ଧକ୍କା ଦେଇଥିଲା । ବାଇକ ଆରୋହୀ ବାଇକ ଛାଡି ଚମ୍ପଟ ମାରିଥିବା ବେଳେ ସ୍ଥାନୀୟ ଲୋକେ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ଗେଟ ଗୁଡା ସ୍ଥିତ ଘରୋଇ ହସପିଟାଲରେ ଭର୍ତି କରିଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି । ମହିଳାଙ୍କ ୫ଟି ଝିଅ ଥିବା ବେଳେ ତନ୍ମଧ୍ୟରେ ଜଣେ ୫ ବର୍ଷର ଝିଅ ବି ରହିଛି । ପରିବାର ଲୋକେ କେମିତି ବଂଚିବେ ସେ ନେଇ ଝିଅ ମାନେ କ୍ଷତିପୁରଣ ଦାବି କରିଛନ୍ତି। ଜୟପୁର ଟାଉନ ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି ।

# ଅସନ୍ତୋଷ ପ୍ରକାଶ କଲେ ରାଜ୍ୟ ଫୁଟ କମିଶନ ଟିମ

ଜୟପୁର, ୮/୨ (ନି.ପ୍ର): ଅସ୍ୱାସ୍ଥ୍ୟକର ପରିବେଶ, ନିମ୍ନମାନର ଖାଦ୍ୟ ପରଷିବା ସହ ଅଭାବନୀୟ ଭିତିଭୂମିକୁ ଅସନ୍ତୋଷ ପ୍ରକାଶ କଲେ ରାଜ୍ୟ ଖାଦ୍ୟ କମିଶନଙ୍କ ଦୁଇ ଜଣିଆ ସଦସ୍ୟ ଦୟାନିଧି ଦାଶ ଓ ଆକ୍ଷୟ କୁମାର ବେହେରା ଓ ତିନି ଦିନିଆ କୋରାପୁଟ ଜିଲ୍ଲା ଗସ୍ତରେ ଆସି ଜୟପୁର ବ୍ଲକର ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ସହ ସେବାଶ୍ରମ ବିଦ୍ୟାଳୟ ଗସ୍ତ କରିଥିଲେ । ଆଜି ଜୟପୁର ସହର ଯମୁନାଗୁଡ଼ା ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି କୁନି କୁନି ପିଲାଙ୍କ ସହ କଥାବାର୍ତା କରିବା ସହ ପିଲାଙ୍କୁ କିପରି ଶିକ୍ଷା, ସ୍ୱାସ୍ଥ୍ୟ ଓ ଖାଦ୍ୟ ପରସା ଯାଉଛି ପଚାରିଥିଲେ କମିଶନ ସଦସ୍ୟ ଶ୍ରୀ ଦାସ । ତାପରେ ପୂର୍ବ ପ୍ରସ୍ତୁତ ଥିବା ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ରକୁ ନ ଯାଇ ଅପ୍ରସ୍ତୁତ ଅଙ୍ଗନବାଡ଼ି କେନ୍ଦ୍ର ଅଚାନକ ଗସ୍ତ କରିଥିଲେ ଯେମିତିକି ସହରର ହାନାଗୁଡ଼ାରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ବୁଲିବା ପରେ ଅସନ୍ତୋଷ ପ୍ରକାଶ କରିଥିଲେ । ସେଇ କେନ୍ଦ୍ରରେ କୌଣସି ରେକର୍ଡ ଅପଡେଟ ନାହିଁ । କେତେ ପିଲା ଅଛନ୍ତି ଏମିତି ଅନେକ ତଥ୍ୟ ପଚାରିଥିଲେ ବି ସନ୍ତୋଷ ଜନକ ଉତର ଦେଇପରିନଥିଲେ । ସେହିପରି ପଡୋଶୀ ହାନାଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ ଛାତ୍ର ଛାତ୍ରୀଙ୍କ ଅନୁପସ୍ଥିତି ସହ ରୋଷେଇ ଘର ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ । ସେହିପରି ଅପରାହ୍ନ ଗୋଟାଏରେ ପୁଣି ଅଚାନକ ବ୍ଲକ କାର୍ଯ୍ୟାଳୟ ନିକଟରେ ଥିବା ସରକାରି ପ୍ରାଥମିକ ବିଦ୍ୟାଳୟ ଗସ୍ତ କରିଥିଲେ । ହେଲେ ବିଦ୍ୟାଳୟର ସାମାନାପଟୁ ତାଲା ଦିଆ ଯାଇଥିଲା ଦୀର୍ଘ ସମୟ ଅପେକ୍ଷା ପରେ ସ୍କୁଲ ଭିତରକୁ ପ୍ରବେଶ କରିଥିଲେ ଓ ଟାଇଁ ଟାଇଁ ଖରାରେ ଛାତ୍ର ଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦେବା ସହ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପରସିବାକୁ ନେଇ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀଙ୍କୁ ତାଗିଦ୍ କରିଥିଲେ ଓ ସେଇଠୁ ଉମୁରି ସ୍ଥିୟ ସେବାଶ୍ରମ ସ୍କୁଲରେ ମଧ ସ୍ଥିତି ପରଖି ବିରକ୍ତି ପ୍ରକାଶ କରିବା ସହ ଏକମ୍ବା ଠାରେ ଥିବା ଛତୁଆ ପ୍ରସ୍ତୁତ କେନ୍ଦ୍ର ପରିଦର୍ଶନ କରିଥିଲେ । ଜିଲ୍ଲାରେ ୧୪ଟି ବ୍ଲକ, ୪ଟି ପୌରାଂଚଳରେ ପ୍ରତି ବ୍ଲକ ଓ ପୌରାଂଚଳରେ ୩୫୦ରୁ ଅଧିକ ଅଙ୍ଗନବାଡ଼ି କେନ୍ଦ୍ର ଥାଇ ନିର୍ଦ୍ଦିଷ୍ଟ ଗୋଟିଏ ଗୋଟିଏ ଏସଏଚଜିଙ୍କୁ ଛତୁଆ କେନ୍ଦ୍ର ଦାୟିତ୍ୱ ଦିଆଯାଇଥିବାରୁ ଅସନ୍ତୋଷ ପ୍ରକାଶ କରି ଦୁଇରୁ ତିନୋଟି ଏସଏଚଜିଙ୍କୁ ଦାୟିତ୍ୱ ଦେଇ କ୍ୱାଲିଟି ଓ କ୍ୱାଂଟିଟି ପ୍ରତି ଦୃଷ୍ଟି ଦେବା ପାଇଁ ପ୍ରଶାସନକୁ ଅନୁରୋଧ କରିବେ ବୋଲି କହିଛନ୍ତି କମିଶନ ସଦସ୍ୟ ଦୟାନିଧି ଦାସ ଓ ଛତୁଆ କେନ୍ଦ୍ର ପରିଦର୍ଶନ ପରେ ଶେଷରେ ଜୟପୁର ବ୍ଲକ କାର୍ଯ୍ୟାଳୟରେ ସମୀକ୍ଷା କରି ଭୁବନେଶ୍ୱର ଅଭିମୁଖେ ଗସ୍ତ କରିଥିଲେ । ଗତକାଲି କୋରାପୁଟ ପୌରାଂଚଳ ସହ ଲକ୍ଷ୍ମୀପୁର ବ୍ଲକ ଗସ୍ତ କରିଥିଲେ। ଏହି ଗସ୍ତରେ କମିଶନ ସଦସ୍ୟଙ୍କ ସହ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ପଟନାୟକ, ବିଡିଓ ଶକ୍ତି ମହାପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରି, ସିଡ଼ିପିଓ ପ୍ରମୁଖ ଉପସ୍ଥିତ ଥିଲେ ।

# ଚମ୍ପୁଆରେ ବନାଚଂଳସ୍ତରୀୟ ଜଙ୍ଗଲ ନିଆଁ ନିବାରଣ ସଚେତନତା ଶିବିର

ଚମ୍ପୁଆ, ୮/୨ (ନି.ପ୍ର): ଓଡିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ପକ୍ଷରୁ ଚମ୍ପୁଆ ସ୍ଥିତ ଧରଣୀଧର ନଗର ଭବନ ଠାରେ ଚମ୍ପୁଆ ବନାଚଂଳସ୍ତରୀୟ ଜଙ୍ଗଲ ନିଆଁ ନିବାରଣ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି। ଚମ୍ପୁଆ ବନାଚଂଳ ଅଧିକାରୀ ଏସିଏଫ୍ ଅକ୍ଷୟ ଛତ୍ରୀୟାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ସମ୍ମାନୀତ ଅତିଥିଭାବେ ନିକଲସନ ବନ ବିଦ୍ୟାଳୟ ଡିସିଏଫ୍ ରାମଚନ୍ଦ୍ର ଗୁରୁ, ମାଷ୍ଟର ଟ୍ରେନର ସୁବ୍ରତ ବିଶ୍ୱାଳ, ଚମ୍ପୁଆ ତହସିଲ ସୁପରଭାଇଜର ଶୁଭକାନ୍ତ କର, ରଜିଆ ସରପଂଚ ସନ୍ତୋଷ ନାଏକ, କେନ୍ଦୁଝର ସାଂସଦ ଚମ୍ପୁଆ ପ୍ରତିନିଧି ସିଦ୍ଧାର୍ଥ କୁମାର ସିଂ ପ୍ରମୁଖ ଯୋଗଦେଇ ନିଆଁ ଦାଉରୁ କିପରି ଜଙ୍ଗଲକୁ ସୁରକ୍ଷା କରାଯାଇ ପାରିବ ସେ ସମ୍ପର୍କରେ ସଚେତନ ବାର୍ତା ନିଜ ନିଜ ଅଭିଭାଷଣରେ ପ୍ରଦାନ କରିବା ସହିତ ଜଙ୍ଗଲକୁ ନଷ୍ଟ କରିବା ଦ୍ୱାରା ପରିବେଶ ନଷ୍ଟ, ମୃତିକା କ୍ଷୟ, ବର୍ଷାର ଅଭାବ, ଜଙ୍ଗଲୀ ଜୀବ ଜନ୍ତୁ ହ୍ରାସ ତଥା ଜଙ୍ଗଲ କ୍ଷୟ କାରଣରୁ ଜଙ୍ଗଲୀ ଜୀବ ଜନ୍ତୁ ଗ୍ରାମାଭିମୁଖି ହୋଇ ଧନ ଜୀବନ ନଷ୍ଟ କରୁଥିବାରୁ ଜଙ୍ଗଲକୁ ନଷ୍ଟ ନ କରି ପଡିଆ ଜମିକୁ ଖୋଲା ନ ରଖି ନୂତନ ଜଙ୍ଗଲ ସୃଷ୍ଟି କରି ପରିବେଶକୁ ସୁସ୍ଥ ରଖିବା ସହିତ ଜଙ୍ଗଲୀ ଜୀବ ଜନ୍ତୁଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିବା ସହିତ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ ଓ ଜଙ୍ଗଲ ସୁରକ୍ଷା ଉପରେ ଉପସ୍ଥିତ ବ୍ୟକ୍ତି ମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏଲସିଡି ମାଧମରେ ଜଙ୍ଗଲରେ ଶିକାର କରିବା, ନିଆଁ ଲଗାଇବା ଉପରେ ରହିଥିବା ଦଣ୍ଡ ଓ ନିଆଁ ଲିଭାଇବାରେ ସହଯୋଗ କଲେ ପୁରସ୍କାର ପ୍ରଦାନ କରାଯିବା ସମ୍ପର୍କରେ ଉପସ୍ଥିତ ଲୋକମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଚମ୍ପୁଆ ବନପାଳ ସୁନିତା ବାଘେଲ ପରିଚାଳନା କରିଥିବା ବେଳେ ଚମ୍ପୁଆ ସେକ୍ସନର ସମସ୍ତ ବନ କର୍ମଚାରୀ ସହଯୋଗ କରି ଥିଲେ। ଏହି କର୍ମଶାଳାରେ ଚମ୍ପୁଆ ବନାଚଂଳର ସମସ୍ତ ସେକ୍ସନର ବନପାଳ, ବନରକ୍ଷୀଙ୍କ ସମେତ କାର୍ଯ୍ୟରତ ଗଜସାଥି ଓ ବନ ସୁରକ୍ଷା ସମିତିର ସମସ୍ତ ସଦସ୍ୟ ଏବଂ ଚମ୍ପୁଆ ବ୍ଲକର ସମସ୍ତ ପଂଚାୟତର ସରପଂଚ, ସମିତି ସଭ୍ୟ, ବୁଦ୍ଧିଜୀବୀଙ୍କ ସମେତ ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ।

# ରାଜ୍ୟ ଫୁଡ କମିଶନ ଟିମ୍‌ର ଜୟପୁର ଗସ୍ତ

ଜୟପୁର, ୮/୨ (ନି.ପ୍ର): ରାଜ୍ୟ ଫୁଡ କମିଶନ ଟିମର ୨ ଜଣ ସଦସ୍ୟ ଦୟାନିଧି ଦାଶ ଓ ଅକ୍ଷୟ କୁମାର ବେହେରା ଶୁକ୍ରବାର ଜୟପୁର ଗସ୍ତ କରିଛନ୍ତି । ଏହି ଗସ୍ତ ସମୟରେ ଜୟପୁର ବିଡିଓ ଶକ୍ତି ମହାପାତ୍ର, ଅତିରିକ୍ତ ଜିଲା ଶିକ୍ଷାଧିକାରି ଜଗନ୍ନାଥ ଭତ୍ରା, ଗୋଷ୍ଠି ଶିକ୍ଷାଧିକାରି ଚନ୍ଦନ କୁମାର ନାୟକ, ସିଡିପିଓ କାଞ୍ଚନ ପଣ୍ଡା ଉପସ୍ଥିତ ଥିଲେ । ଫୁଟ କମିଶନ ଯମୁନାଗୁଡା ଅଙ୍ଗନବାଡୀ କେନ୍ଦ୍ର, ହାନାଗୁଡା ସ୍ଥିତ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡୀ କେନ୍ଦ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ, ଉମୁରି ଆଶ୍ରମ ସ୍କୁଲ, ଏକମ୍ବା ଠାରେ ଥିବା ଛତୁଆ ପକ୍ରିୟା କରଣ କେନ୍ଦ୍ର, ପାରାବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ଜୟପୁର ବ୍ଲକ କାଯ୍ୟାଳୟ ପରିସରରେ ବୈଠକ କରି ସମିକ୍ଷା କରିଥିଲେ । ପୋଷଣ ତାଲିକା ଅନୁଯାଇ ଛତୁଆ ମିଶ୍ରଣ ସମୟରେ ସିଡିପିଓ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଛାତ୍ର ଛାତ୍ରୀ ଆଲୋଚନା, ଶିକ୍ଷକ, ଶିକ୍ଷୟତ୍ରୀ ଅଙ୍ଗନବାଡୀ କର୍ମିଙ୍କ ସହ ଆଲୋଚନା କରିଛନ୍ତି ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୯ ଫେବୃଆରୀ ୨୦୨୫
email :
rabibarachayan2015@gmail.com




## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୮୬
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଅଯୋଧ୍ୟାବାସୀ ରାମ ରାଜ୍ୟର ଶୁଭଦିନକୁ ଅପେକ୍ଷା କରି ରହିଛନ୍ତି । ଏହାକହି ଅଯୋଧ୍ୟାବାସୀ ଜୟ ସୀତାରାମଙ୍କର ଜୟ ବୋଲି ଧ୍ୱନି ଦେବାକୁ ଲାଗିଥିଲେ ।

ଦେହ ମୋର ପୁଲକିତ ହୋଇ ଉଠିଥିଲା ସୁଧାମୟୀ । ଯେଉଁମାନେ ରାମସୀତାଙ୍କର ଜୟଧ୍ୱନି ଦେଉଥିଲେ, ସେମାନେ ବିଶ୍ୱାମିତ୍ରଙ୍କ ବଚନ ମାନି ସୀତାରାମଙ୍କର ଜୟଧ୍ୱନି ଦେଲେ । ଏମିତିରେ କିଛି ସମୟ ବିତିଯିବା ପରେ ମହାମୁନି କହିଥିଲେ ମହାରାଣୀ କୌଶଲ୍ୟା, କୈକେୟୀ ତୁମେମାନେ ପୁତ୍ର ପୁତ୍ରବଧୂଙ୍କୁ ଘେରିପାଇ ଏମିତି ଆନନ୍ଦ ଉଲ୍ଲାସରେ ଏହି ରାଜଦ୍ୱାର ସମ୍ମୁଖରେ କେତେ ସମୟ ବିତାଇବ । ଏବେ ରାମ ସୀତାଙ୍କୁ ବନ୍ଦାପନା କରି ଗୃହ ମଧ୍ୟକୁ ନେଇଯାଅ ।

ଋଷି ବିଶ୍ୱାମିତ୍ରଙ୍କ କଥା ଶୁଣି ମୋର ତିନିଭଉଣୀ ଅତ୍ୟନ୍ତ ଆନନ୍ଦିତ ହୋଇ ମୋ ହସ୍ତକୁ ଧରି ଭିତରପୁରକୁ ନେବାପାଇଁ ପାଦ ବଢ଼ାଉଥିବାବେଳେ ମୋ ସ୍ୱାମୀ କହିଥିଲେ ଅପେକ୍ଷାକର ଜାନକୀ । ତୁମେ ଏବେ ରାଜ ଅନ୍ତଃପୁରକୁ ପ୍ରବେଶ କରିପାରିବ ନାହିଁ ।

ଜଳୁଥିବା ଅଗ୍ନିରେ ଜଳବର୍ଷଣ କଲେ ସେ ଯେମିତି ଲିଭିଯାଏ, ସେମିତି ସ୍ତବ୍ଧ ହୋଇ ଯାଇଥିଲେ ଅଯୋଧ୍ୟାର ନରନାରୀ, ପ୍ରଜାକୁଳ, ରାଜନ୍ୟବର୍ଗ, ମୋର ତିନିଶାଶୁ, ତିନିଭଉଣୀ, ଭରତ, ଶତ୍ରୁଘ୍ନ ସହିତ ସମସ୍ତ ପୁରବାସୀ । କାହାରି ତୁଣ୍ଡରେ ଭାଷା ନଥିଲା । ସମସ୍ତେ ନିରବ । ମୁଁ ମଧ୍ୟ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି ସୁଧାମୟୀ । ମୋ ସ୍ୱାମୀ ଏମିତି କ'ଣ କହୁଛନ୍ତି । ତାଙ୍କ କଥା ଶୁଣି ମହର୍ଷି ବିଶ୍ୱାମିତ୍ର କହିଥିଲେ ରାମ! କ'ଣ ହେଲା ? କ'ଣ ପାଇଁ ତୁମେ ସୀତାଙ୍କୁ ଅନ୍ତଃପୁରକୁ ଯିବାପାଇଁ ବାରଣ କରୁଛ ?

ତଳକୁ ମୁଖପୋତି ନିରବ ହୋଇ ଛିଡ଼ା ହୋଇଥାନ୍ତି ପ୍ରଭୁ ମୋର । ତାଙ୍କ ତୁଣ୍ଡରୁ ମଧ୍ୟ ବଚନ ସ୍ଫୁରୁ ନଥାଏ । ମହର୍ଷି ବାରମ୍ବାର ତାଙ୍କୁ ପ୍ରଶ୍ନ କରନ୍ତେ ସେ ଅଶ୍ରୁ ଛଳଛଳ ବଚନରେ ହସ୍ତଯୋଡ଼ି କହିଥିଲେ, "ଗୁରୁଦେବ ଆପଣଙ୍କର ଶିଷ୍ୟ ଏଠାରେ ଏପରି ଏକ କଥା ପ୍ରକାଶ କରିବ, ଯାହା ଆପଣଙ୍କୁ କଷ୍ଟଦାୟକ ହେଲେ ବି ମୁଁ କହିବାକୁ ବାଧ୍ୟ ହେବି ।" ମୋ ସ୍ୱାମୀଙ୍କ କଥା ଶୁଣି ମହର୍ଷି କହିଥିଲେ ରାମ ଏ ଶୁଭବେଳାରେ ତୁମେ କ'ଣ କହିବ ? ତୁମ କଥାରୁ ମୁଁ ଜାଣିପାରୁଛି ତୁମେ ନିଶ୍ଚୟ କିଛି ଗୁରୁ ପ୍ରସଂଗ ଉପସ୍ଥାପନ କରିବାକୁ ଚାହୁଁଛ । ତୁମ ମନ ମଧ୍ୟରେ ଯାହା ଅଛି ପ୍ରକାଶ କର ରାମ । ଏଠାରେ ତୁମ ମାତାମାନେ, ଅଯୋଧ୍ୟାର ପ୍ରଜାମାନେ ଉପସ୍ଥିତ ଅଛନ୍ତି । ତୁମ ମନର କଥା ତୁମେ ପ୍ରକାଶ କର ।

ମହର୍ଷି ବିଶ୍ୱାମିତ୍ରଙ୍କ କଥା ଶୁଣି ସେମିତି ଯୋଡ଼ହସ୍ତ ହୋଇ ମୋ ସ୍ୱାମୀ କହିଥିଲେ, "ମୋର ଚିର ପୂଜନୀୟା ମାତାମାନେ, ଅଯୋଧ୍ୟାର ରାଜନ୍ୟବର୍ଗ, ଅଯୋଧ୍ୟାର ପ୍ରଜାମାନେ, ଆଜକୁ ଦୀର୍ଘ ଚଉଦବର୍ଷ ଧରି ଆମେ ବନବାସରେ ଥିଲୁ । ବନବାସର ବାରବର୍ଷ ପରେ ସୀତାଙ୍କୁ ଲଙ୍କାର ରାଜା ରାବଣ ଅପହୃତ କରି ନେଇ ଅଶୋକବନରେ ନଜରବନ୍ଦୀ କରି ରଖିଥିଲା । ମୁଁ ମୋ ବାନରସେନାଙ୍କ ସହାୟତାରେ ସମୁଦ୍ରରେ ସେତୁବନ୍ଧ ବାନ୍ଧି ଲଙ୍କାଯାଇ ରାବଣକୁ ବଧ କରି ସେଠାରୁ ସୀତାଙ୍କୁ ଉଦ୍ଧାର କରି ଆଣିଛି । ସୀତା ମୋ ଅଜ୍ଞାତରେ ରାବଣର ଅଶୋକକାନନରେ ଦୁଇବର୍ଷ ବିତାଇଛି । ସେଥିପାଇଁ ଆପଣମାନେ ତାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି । ସୀତା ମୁଣ୍ଡରୁ ସେ କଳଙ୍କର କାଳିମାକୁ ପୋଛିଦେବା ପାଇଁ ମୁଁ ସର୍ବଜନ ସମ୍ମୁଖରେ ସୀତାଙ୍କୁ ଅଗ୍ନିପରୀକ୍ଷା ଦେବାପାଇଁ ଅନୁରୋଧ କରିବି ।

ଅଗ୍ନି ପରୀକ୍ଷା । ଚମକି ଉଠିଥିଲେ ସମସ୍ତେ।

ପାଟି କରି ଉଠିଥିଲେ ମହର୍ଷି ବିଶ୍ୱାମିତ୍ର । ରାମ ତୁମେ ଏ କ'ଣ କହୁଛ । ସୀତା ଅଗ୍ନିପରୀକ୍ଷା ଦେବେ କ'ଣ ପାଇଁ ? ତୁମେ କ'ଣ ସୀତାଙ୍କୁ ଅବିଶ୍ୱାସ କରୁଛ ? ତାଙ୍କୁ ସନ୍ଦେହ କରୁଛ ?

ନା ଗୁରୁବର । ମୁଁ ସୀତାକୁ ସନ୍ଦେହ କରୁନାହିଁ । ସର୍ବସମକ୍ଷରେ ମୁଁ ପ୍ରମାଣ କରିଦେବାକୁ ଚାହେଁ ।

ନା ଏହା ସମ୍ଭବ ନୁହେଁ ରାମ । ଅଯୋଧ୍ୟାରେ କେହି ଜଣେ ହେଲେ ପ୍ରଜା ସୀତାଙ୍କୁ ସନ୍ଦେହ କରିବେ ନାହିଁ । ମୁଁ ମହର୍ଷି ବିଶ୍ୱାମିତ୍ର । ମୋ ତପବଳରେ ଜାଣିପାରୁଛି ସୀତାମାତା ପରି ସତୀ ନାରୀ ଏ ଧରିତ୍ରୀରେ ଜନ୍ମଗ୍ରହଣ କରିନାହାନ୍ତି । ସେ ଜ୍ୱଳନ୍ତ ଅଗ୍ନି ଭଳି ପବିତ୍ର । ତୁମେ ତାଙ୍କଠାରୁ ଅଗ୍ନି ପରୀକ୍ଷା ନେବାକୁ ଚାହୁଁଛ ?

ଅଗ୍ନିପରୀକ୍ଷା କଥା ଶୁଣି ମୁଁ ହତବାକ୍ ହୋଇ ଯାଇଥିଲି ସୁଧାମୟୀ । ମୋ ସ୍ୱାମୀ ଏ କ'ଣ କହି ଯାଉଛନ୍ତି । ସତରେ କ'ଣ ସେ ତାଙ୍କ ସୀତାକୁ ଆଜିପର୍ଯ୍ୟନ୍ତ ଚିହ୍ନି ପାରିଲେ ନାହିଁ । ସର୍ବସମ୍ମୁଖରେ ମୋତେ ଅଗ୍ନିରେ ପ୍ରବେଶ କରାଇବେ ।

ପାଟିକରି ଉଠିଥିଲେ ଅଯୋଧ୍ୟାର ପ୍ରଜାବୃନ୍ଦ। ନା ଏହା ସମ୍ଭବ ନୁହେଁ । ଆମେ ଏଭଳି ଜଘନ୍ୟ କାର୍ଯ୍ୟ କଦାପି କରାଇ ଦେବୁନାହିଁ । ମୋର ଶାଶୁମାନେ ମଧ୍ୟ କାନ୍ଦିକାନ୍ଦି ଅସ୍ଥିର ହୋଇ କହିଥିଲେ ତୁ ଏ କ'ଣ କହୁଛୁ ରାମ । ସୀତାକୁ ଜଳନ୍ତା ଅଗ୍ନି ମଧ୍ୟରେ ପ୍ରବେଶ କରାଇବୁ । ତାର ଯଦି କିଛି ହୋଇଯାଏ, ତୁ ଏ ରାଜଦାଣ୍ଡରେ ମୁଣ୍ଡ ଟେକି ଚାଲିପାରିବୁତ ? ପ୍ରଜାମାନେ ଆନ୍ଦୋଳନ କରି ବସିବେ । ଭଗବାନ ଶ୍ରୀରାମଙ୍କ କଥା ଶୁଣି ଅଯୋଧ୍ୟାର ସମସ୍ତ ସିମନ୍ତିନୀ ଏକ ସ୍ୱରରେ କହିଥିଲେ, ରାମଚନ୍ଦ୍ର ଯଦି ସୀତାଙ୍କର ଅଗ୍ନିପରୀକ୍ଷା ନେବେ, ତାହେଲେ ଆମ ସ୍ୱାମୀମାନେ ଆମକୁ କ'ଣ ଭାବିବେ ? ଯଦି ଅଗ୍ନି ପରୀକ୍ଷା ସୀତାଦେବେ, ତାହେଲେ ଏଭଳି ଏକ ଅଗ୍ନିକୁଣ୍ଡ ଅଯୋଧ୍ୟାରେ ପ୍ରସ୍ତୁତ କରାଯାଉ, ଯେଉଁ ଅଗ୍ନିକୁଣ୍ଡରେ ଆମେ ଅଯୋଧ୍ୟାର ସମସ୍ତ ସିମନ୍ତିନୀ ମାନେ ଅନଳରେ ପଶି ପରୀକ୍ଷା ଦେବୁ।

ଦୋହଲି ଉଠିଥିଲା ଅଯୋଧ୍ୟାର ମାଟି । କଣ କହୁଛନ୍ତି ଅଯୋଧ୍ୟାର ନାରୀମାନେ । କ'ଣ ପାଇଁ ଏପରି ପରିସ୍ଥିତି ସୃଷ୍ଟି ହେଉଛି । ମନକୁ ଦମ୍ଭ କରିଥିଲି ମୁଁ । ମୋରି ପାଇଁ ଏତେ କଥା । ମୁଁ ଯଦି ମୋ ସ୍ୱାମୀଙ୍କ ବିଶ୍ୱାସ ଭାଜନ ହୋଇ ନପାରିଲି, ତେବେ ସମଗ୍ର ଅଯୋଧ୍ୟାବାସୀଙ୍କର ବିଶ୍ୱାସର ପାତ୍ର ହେବି କେମିତି ? ନା ମୁଁ ଅଗ୍ନିପରୀକ୍ଷା ଦେବି । ମନରେ ଦୃଢ଼ତା ରଖି ନୟନରୁ ଅଶ୍ରୁର ଶ୍ରାବଣ ଛୁଟାଇ ମୁଁ ହସ୍ତଯୋଡ଼ି ସମସ୍ତ ଅଯୋଧ୍ୟାବାସୀଙ୍କୁ କହିଥିଲି "ହେ ମୋର ନମସ୍ୟ, ପୂଜ୍ୟ ଅଯୋଧ୍ୟାର ନରନାରୀ । ହେ ମୋର ଚିରବନ୍ଦ୍ୟା ମାତାଗଣ । ପୂଜ୍ୟ ଗୁରୁଦେବ ମହର୍ଷି ବିଶ୍ୱାମିତ୍ର, ଅଯୋଧ୍ୟାର ମାନ୍ୟଗଣ୍ୟ, ପଣ୍ଡିତ ବ୍ୟକ୍ତି ସମସ୍ତଙ୍କୁ ଏ ଅଭାଗିନୀ ସୀତା ପ୍ରଣାମ ଜଣାଇ ନିବେଦନ କରି କହୁଛି, ମୋ ସ୍ୱାମୀଙ୍କ ଆଜ୍ଞା ମୋର ଶିରୋଧାର୍ଯ୍ୟ । ସେ ମୋର ପତି, ଗୁରୁ, ବାନ୍ଧବ, ସଖା, ସହୋଦର ସବୁକିଛି। ସେ ମୋର ମନ, ପ୍ରାଣ ।

(କ୍ରମଶଃ)


♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪


# ପ୍ରଣୟ ପରମ ବେଦଃ

**ଉମେଶ ଚନ୍ଦ୍ର ପାତ୍ର**



ସତ୍‌ସଙ୍ଗ ପ୍ରାଣ ପୁରୁଷ ଭଗବାନ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସ୍ୱହସ୍ତ ଲିଖିତ ପବିତ୍ର ପୁସ୍ତକ ସତ୍ୟାନୁସରଣରେ କହିଛନ୍ତି - ଯେଉଁ ଖିଆଲ ବିବେକର ଅନୁଚର ତାହା ହିଁ ଅନୁସରଣ କର, ମଙ୍ଗଳ ଅଧିକାରୀ ହେବ। ବିସ୍ତାରରେ ଅସ୍ତିତ୍ୱ ହରାଅ, କିନ୍ତୁ ଲିଭିଯାଅ ନାହିଁ। ବିସ୍ତାର ହିଁ ଜୀବନ, ବିସ୍ତାର ହିଁ ପ୍ରେମ। ଯେଉଁ କର୍ମ ମନର ପ୍ରସାରଣ ଆଣିଦିଏ, ତାହା ହିଁ ସୁକର୍ମ, ଆଉ ଯେଉଁଥିରେ ମନରେ ସଂସ୍କାର, ଜିଦ୍ ଇତ୍ୟାଦି ଆସେ, ସାରକଥା ଯେଉଁଥିରେ ମନ ସଂକୀର୍ଣ୍ଣ ହୁଏ ତାହା ହିଁ କୁକର୍ମ। ଯେଉଁ ସାଧନା କରିଲେ ହୃଦୟରେ ପ୍ରେମ ଆସେ ତାହା ହିଁ କର, ଆଉ ଯେଉଁଥିରେ କ୍ରୂରତା, କଠୋରତା, ହିଂସା ଆସେ ତାହା ଆପତତଃ ଲାଭଜନକ ହେଲେ ମଧ୍ୟ ତାହା ପାଖକୁ ଯାଅନାହିଁ। ତୁମେ ଯଦି ଏପରି ଶକ୍ତି ଲାଭ କରିଥାଅ ଯାହାଦ୍ୱାରା ଚନ୍ଦ୍ର-ସୂର୍ଯ୍ୟ କକ୍ଷଚ୍ୟୁତ କରିପାର, ପୃଥିବୀ ଭାଙ୍ଗି ଟୁକୁରା ଟୁକୁରା କରିପାର ବା ସମସ୍ତଙ୍କୁ ଐଶ୍ୱର୍ଯ୍ୟଶାଳୀ କରି ଦେଇପାର, କିନ୍ତୁ ଯଦି ହୃଦୟରେ ପ୍ରେମ ନଥାଏ, ତେବେ ତୁମର କିଛି ବି ହୋଇନାହିଁ। ଜୀବନକୁ ଯେଉଁ ଭାବରେ ବଳି ଦେବ ନିଶ୍ଚୟ ସେହିପରି ଜୀବନ ଲାଭ କରିବ। ଯେ କେହି ପ୍ରେମ ପାଇଁ ଜୀବନ ଦାନ କରେ, ସେ ପ୍ରେମର ଜୀବନ ଲାଭ କରେ। ଯଦି ପ୍ରେମ ଥାଏ, ତେବେ ଅପରକୁ ମୋର ବୋଲି କୁହ କିନ୍ତୁ ସ୍ୱାର୍ଥ ରଖନାହିଁ। ଯିଏ ପ୍ରେମର ଅଧିକାରୀ, ନିଃସନ୍ଦେହ ଚିତ୍ତରେ ତାଙ୍କରି ଅନୁସରଣ କର, ମଙ୍ଗଳର ଅଧିକାରୀ ହେବ ହିଁ ହେବ। ପ୍ରେମକର, କିନ୍ତୁ ଆସକ୍ତ ହୁଅନାହିଁ, ଖୁବ୍ ଭଲପାଅ କିନ୍ତୁ ଦେହଘସା ହୁଅ ନାହିଁ। ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ-କାଞ୍ଚନ ପ୍ରତି ଆସକ୍ତିରୁ ଆସେ ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇପଡ଼ନ୍ତି। ବିଷ ଅମୃତ ହୋଇଗଲା। ଆଉ ମା' କେବଳ ମା' - କାମିନୀ ନୁହେଁ। ପ୍ରତ୍ୟେକଙ୍କର ମା' ହିଁ ଜଗଜ୍ଜନନୀ। ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ। ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକଙ୍କୁ ଛୁଇଁବା ଅନୁଚିତ - ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି ମୁଖ ଦର୍ଶନ ନକରିବା ଆହୁରି ଭଲ। ସୃଷ୍ଟିତତ୍ତ୍ୱ, ଗଣିତବିଦ୍ୟା ଓ ରସାୟନ ଶାସ୍ତ୍ର ଇତ୍ୟାଦିର ଆଲୋଚନାରେ କାମ-ରିପୁର ଦମନ ହୁଏ। ବିଷୟରେ ମନ ସଂଲଗ୍ନ ରହିବାକୁ ଆସକ୍ତି କହନ୍ତି, ଆଉ ସତ୍‌ରେ ସଂଲଗ୍ନ ରହିବାକୁ ଭକ୍ତି କହନ୍ତି। ପ୍ରେମ ଭକ୍ତିର ହିଁ କ୍ରମୋନ୍ନତି। ଭକ୍ତିର ଗାଢ଼ତ୍ୱ ହିଁ ପ୍ରେମ। ଆସକ୍ତି କାମର ପତ୍ନୀ, ଆଉ ଭକ୍ତିର ପ୍ରେମର ଛୋଟ ଭଉଣୀ। ପ୍ରେମ ପରି ଆକର୍ଷଣକାରୀ ବା ଆଉ କିଏ ? ସଦ୍‌ଗୁରୁଙ୍କର ଆଦେଶ ପାଳନ ପରି ଆଉ ମନ୍ତ୍ର କ'ଣ ଅଛି ? ପ୍ରିୟଙ୍କ ପ୍ରତି ଭଲ ପାଇବା ବା ମଙ୍ଗଳବିହୀନ କର୍ମ କେବେ ହେଲେ ପ୍ରେମର ପରିଚାୟକ ନୁହେଁ। ପ୍ରେମକୁ ପ୍ରାର୍ଥନା କର ଆଉ ହିଂସାକୁ ଦୂରରୁ ପରିହାର କର। ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍-ନାମ ମନନ କର, ଆଉ ସତସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।

ଏକବିଂଶ ଶତାବ୍ଦୀର ସମସ୍ୟା ଜର୍ଜରିତ ମାନବ ସମାଜକୁ ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ - ଭାଗବତର ସେହିକଥା କୃଷ୍ଣେନ୍ଦ୍ରିୟ ପ୍ରୀତିଇଚ୍ଛା ତାକୁ କୁହେ ପ୍ରେମ, ଆତ୍ମେନ୍ଦ୍ରିୟ ପ୍ରୀତି ଇଚ୍ଛା ତାକୁ କୁହେ କାମ। ପ୍ରେମ ଈଶ୍ୱରଙ୍କର ଏକ ନୈସର୍ଗିକ, ଚିର ଶାଶ୍ୱତ ଦାନ। ପ୍ରେମାସ୍ପଦଙ୍କ ପାଖରେ ପ୍ରେମିକ ତାର ସର୍ବସ୍ୱକୁ ଅଞ୍ଜଳି ଦେଇଦିଏ। ପ୍ରେମର କୌଣସି ପ୍ରତିଦାନ ନାହିଁ, ଏହା ନିସର୍ତ୍ତ। ଆଜିକାଲିର ବସ୍ତୁବାଦୀ, ଭୋଗବାଦ, ସଂସ୍କୃତି ମୂଲ୍ୟବୋଧ ବିହୀନ ସନ୍ଧୀକ୍ଷଣରେ ପହଞ୍ଚିଥିବାବେଳେ ଶରୀର ସର୍ବସ୍ୱ ପ୍ରେମକୁ ପ୍ରାଥମିକତା ଦିଆଯାଉଥିବାବେଳେ ନିଃସ୍ୱାର୍ଥ ଓ ଆତ୍ମ ସମର୍ପଣ ଭାବନାଯୁକ୍ତ ପ୍ରେମ କେବଳ ହିଁ ଅଚିନ୍ତନୀୟ ଓ ନିଜ ଗୁରୁ ବା ଇଷ୍ଟଙ୍କ ପ୍ରତି ଶ୍ରେଷ୍ଠ ସମର୍ପଣ। ଦ୍ୱାପରରେ ଶ୍ରୀରାଧାଙ୍କ କୃଷ୍ଣଭକ୍ତି ଓ ସମର୍ପଣର ଯେଉଁ ଶାଶ୍ୱତତା ତାହା ତ୍ରେତୟାରେ ପାଷାଣି ଅହଲ୍ୟାର ଚିରପ୍ରତିକ୍ଷୀତ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ପ୍ରତି ଯେଉଁ ଭାବନାଯୁକ୍ତ ଥିଲା ତାହାକୁ ଭାବିଲେ ଆଜିର ସମୟରେ ଏହା ନିଶ୍ଚିନ୍ତ ଭାବରେ ଅଚିନ୍ତନୀୟ। ନିଜ ଆରାଧ୍ୟ ପ୍ରିୟ ପରମ ପୁରୁଷ ଇଷ୍ଟଙ୍କ ପ୍ରତି ସତ୍, ଚିତ୍, ଶାଶ୍ୱତ ଭାବନାର ସମର୍ପଣ ଦ୍ୱାରା ହିଁ ଈଶ୍ୱରପ୍ରାପ୍ତି ସମ୍ଭବ। ଆଜି ତଥାକଥିତ ପାଶ୍ଚାତ୍ୟ ସଂସ୍କୃତିର ଭାଲେଣ୍ଟାଇନ୍ ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟତା କ'ଣ ? ପ୍ରେମ କ'ଣ କେବଳ ଶାରିରୀକ, ଏହା କ'ଣ କେବଳ ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ନିବିଦ୍ଧ। ଗୁରୁ-ଶିଷ୍ୟ, ଇଷ୍ଟ-ଅନୁଗତ, ମାଲିକ-ନୌକର, ପିତା-ପୁତ୍ର, ସ୍ୱାମୀ-ସ୍ତ୍ରୀ, ଭାଇ-ଭଉଣୀ, ବନ୍ଧୁ-ବନ୍ଧୁ ଭିତରେ ମା'-ପୁତ୍ରଙ୍କ ପ୍ରେମ ଭାବି ଦେଖିଲେ ? ମା'ର ପ୍ରତିଟି ମୁହୂର୍ତ୍ତ ତା ବାତ୍ସଲ୍ୟପ୍ରେମ ପିଲାଙ୍କ ପାଇଁ ହିଁ ପ୍ରତି ନିୟତରେ ଅମୃତଭରା। ଆସନ୍ତୁ ଏପରି ଏକ ଦିନରେ ତଥାକଥିତ ଶାରିରୀକ ପ୍ରେମକୁ ଜଳାଞ୍ଜଳି ଦେଇ ବିଶ୍ୱ ପିତାଙ୍କ ଶାଶ୍ୱତ ପ୍ରେମକୁ ଆବାହନ କରିବା। ଏହା ଭିତରେ ନିମଜ୍ଜିତ ହୋଇ ତାଙ୍କୁ ପାଇବାର ଯେଉଁ ଅମୃତ ଚେତନା ତାହାକୁ ବିଶ୍ୱ କଲ୍ୟାଣ ପାଇଁ ସମର୍ପଣ କରିବା ଏହା ହିଁ ଆଜିର ଦିବସର ଅନୁଚିନ୍ତନ ହେଉ।


♥ ସହ-ପ୍ରତିରଦ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭


## କବିତା...

### ଉଲଙ୍ଗ ଉତ୍ପତ୍ତି
**ଡ. ଭରତ ବେହେରା**



ଜର୍ଜର ଜରାୟୁ ଭିତରେ
ସ୍ତନନ୍ଧୟ ଶିଶୁ ସନ୍ତନକୁ
କପଡାରେ କବଟାରେ
କିମ୍ବା ଛାୟା କୌପୀନରେ
ଆବୃତ୍ତ କରିବା କଣ ହେଲାଣି ସମ୍ଭବ ?
ବରଂ ଶୁଭ ଜନ୍ମ ହୋଇଥାଏ
ସର୍ବଦା ଉଲଙ୍ଗ ।

ଭୂମିଶାୟୀ ହେଲାବେଳେ ସ୍ତନନ୍ଧୟ ଶିଶୁ
କେତେ କଣ ଜାଣିଥାଏ ସଂସାରରେ
ଜାତି ଧର୍ମ ବର୍ଣ୍ଣ ଗୋତ୍ର
ଉଚ୍ଚନୀଚ ଭେଦାଭେଦ କଥା ?
ବରଂ ବିଭେଦକ ଉପଚାର ଛାଞ୍ଚ
ହୋଇଥାନ୍ତି ଗୋଟେ ଗୋଟେ
ବିଭାଜକ ବିନ୍ଦୁ ଭିତ୍ତି ଭୂମି ।

ସେମାନେ ପୋତିଥାନ୍ତ ବିଭେଦକ ଭ୍ରୂଣ
ଅଭିଯାତ୍ରା ଆରମ୍ଭରୁ ଶେଷ ହେବାଯାଏ ।
ଈଶ୍ୱର ଓ ଧର୍ମ
ଚରାଚର ପୃଥିବୀରେ
କେବେ ବି ନଥିଲେ ସମାନ ଅଭିନ୍ନ ।

ଈଶ୍ୱର କେବେ ବି
ଅଙ୍କନ କରିନଥାନ୍ତି
ବିଭାଜକ ବିଭେଦକ ରେଖା
କିନ୍ତୁ ବିଚିତ୍ର ଢଙ୍ଗରେ
ବିଦୂଷକ ଅଦ୍ଭୁତ ସର୍ଜନା
ବାରମ୍ବାର ମଣିଷ ଜାତିକୁ
ଭାଗଭାଗ କରି ଆସିଅଛି ।

ନିବୃତ୍ତ ହେବ କେମିତି
ନିସ୍ତରଙ୍ଗ ଶୈଶବ ଚେତନା
ବିଷମୟ ବୀଜ କବଳରୁ ?
ରହିଥାଉ କିଛି ମୁକ୍ତ
ଭୂମି, ବାୟୁ, ଜଳ, ଗିରିବଣ
ଆଜି ନହେଲେ ବି କାଲି
ମୁକ୍ତମନ ମୁକ୍ତଚିନ୍ତା ବିମୁକ୍ତ ଭାବନା
ଅବତୀର୍ଣ୍ଣ ହୋଇପାରେ
ଅକର୍ଷିତ ଅନାବାଦୀ ଜଳସିକ୍ତ ଭୂମି ।


♥ ଜଗତପୁର, କଟକ
ମୋ-୯୪୩୭୫ ୭୦୧୨୦


### ପୃଥିବୀ
**ଐଶ୍ୱର୍ଯ୍ୟା ପ୍ରଧାନ**



କିଏ ଜାଣିନାହିଁ ନିଜର ଆୟୁ କାଳ
ଦେଖିନାହିଁ କିଏ ଆଗତ ଭବିଷ୍ୟତ
ଚାଲିଛି କେବଳ ଅଭିନୟ
ଅଭିନୟ ସମ୍ପର୍କର
ଆଉ କେତେ ରକମର
ତାର କଳନା ଯେ ନାହିଁ ।

ନିଜର, ନିଜର ନୁହଁ
ତଥାପି ଝରି ଯାଉଛି କେତେ ଯେ ରକ୍ତ
ଗଡ଼ି ଯାଉଛି ଆପଣାର ମୁଣ୍ଡ
ସମସ୍ତେ ପାଗଳ ଅକ୍ତିଆର କରିବାରେ
ବଳି ପଡ଼ିଯାଉ ପଛେ ମାନବିକତା
ଛିଣ୍ଡି ଯାଉ ସମ୍ପର୍କର ସୂତା ଖିଅ
ସମସ୍ତେ ତ ଧୃତରାଷ୍ଟ୍ରର
ଅଭିନୟରେ ନିପୁଣ ।

ସତରେ କ'ଣ ବନ୍ଧା ହୋଇଛି
ଆଖିରେ ଅନ୍ଧପୁଟୁଳି
ନା ମୋହ ମାୟା ଜାଲରେ କବଳିତ
ଦିଶୁନି କାହାକୁ କିଛି
ଏଠି କହିବ ତ କାହାକୁ
ସମସ୍ତେ ତ ପାପକୁ ପୁଣ୍ୟରେ,
ମିଥ୍ୟାକୁ ସତ୍ୟରେ ପରିବର୍ତ୍ତନ
କରିବାରେ ବ୍ୟସ୍ତ
ଆଉ ପୃଥିବୀ ଅଣନିଃଶ୍ୱାସୀ
ଏ ପାପର ଭାର ବୋହି ବୋହି ।


♥ ପୋଷ୍ଟାଲ୍ କଲୋନୀ, ଭବାନୀପାଟଣା
କଳାହାଣ୍ଡି


### ମହାକୁମ୍ଭ - ୧
**ପ୍ରେମାନନ୍ଦ ଖଣ୍ଡୁଆଳ**



ମୁଁ ଭାବୁଛି
ଆହୁରି କେତେ ତଳକୁ
ଓହଳି ପଡ଼ିଛି ସ୍ୱର୍ଗ
ପାପ କଳୁଷ ଧୋଇବାକୁ
ସେଇଠୁ ଝରି ଆସୁଛି ପବିତ୍ର ତ୍ରିବେଣୀ
ଜଡ଼ିବୁଟି ପଥରରେ ଘଷି ଘାଷି
ପାଣିକୁ ଛାଟି ଦେଉଛି ହିମାଳୟ ଗିରି
ଆବେଗରେ ନାଚି ନାଚି
ଦିହରୁ ଲାଳ ଛଡାଉଛନ୍ତି
କୋଟି ଶାଳଗ୍ରାମ ।

ଏବେ ଆଖି ବୁଜିଲେ
ତ୍ରିକୂଟରେ ଧବଳ ଜ୍ୟୋତି
ଆଖି ଖୋଲିଲେ ମହାକୁମ୍ଭରେ
ସହସ୍ର ଜ୍ୟୋତିଷ୍କ
ବିନ୍ଦୁଏ ପାଣିରେ ମୋକ୍ଷ ସାରାଟା ବ୍ରହ୍ମାଣ୍ଡ
ଟିପେକ ଭସ୍ମରେ ଧ୍ୱଂସ
ଯାବତ ଜଞ୍ଜାଳ ।

ଏବେ କୁଣ୍ଡଳିନୀ ଜାଗ୍ରତ ବେଳେ
ପାଣିରୁ ଓଁକାର
ଓଲଟ ବୃକ୍ଷରେ କ୍ରୀଡ଼ା ମଗ୍ନ
ଲୋଟଣି ପାରା
ଆର୍ତ୍ତ ଜନଙ୍କ ଅପ୍ରମିତ ଦୁଃଖକୁ
ଫୁତ୍କାରରେ ତଡ଼ିଦେଉଛି ଜଟାଜୁଟ
ଭସ୍ମ, ଚନ୍ଦନ, ସିନ୍ଦୁରରେ
ବିଚିତ୍ରମୟ ଧରା,
ଗହ ଗହରେ ଆକାଶ
ରଙ୍ଗ ରଙ୍ଗରେ ପବନ
ନିର୍ବାଣରେ ନିମଗ୍ନ ନିଃସ୍କାମ ଜୀବନ ।

ମହାସ୍ନାନରେ ନର, ଗନ୍ଧର୍ବ, କିନ୍ନର
ମୋକ୍ଷ ମୋକ୍ଷରେ ଧ୍ୟାନସ୍ଥ
ବିଶ୍ୱ ଚରାଚର
ଶୁଣ ମାଟିରୁ, ମାଟି ଘଟରୁ ବଂଶୀ ସ୍ୱନ
ପବନରେ ବି ଜୀବନର ନାମ ସଂକୀର୍ତ୍ତନ ।


♥ ବାହାପୁର
ରାଜନଗର, କେନ୍ଦ୍ରାପଡ଼ା


### ଝର୍କା ଖୋଲାଥାଉ
**ଡ. ଶ୍ରୀଧର ସାମଲ**



ଝର୍କା ଖୋଲାଥାଉ..
ଝିଅ ଆସିବ ନିଶ୍ୱାସରେ,
ପବନର ସବାରୀରେ
ମେଘର ଚାନ୍ଦୁଆ ତଳେ,
ଇନ୍ଦ୍ରଧନୁର ସାତ ରଙ୍ଗରେ...

ଡେରି ନକରି ଖୋଲିଦିଅ ଝର୍କା
ମେଲା କରିଦିଅ ଦୁଆର,
ବିନା ସର୍ତ୍ତରେ
ସକାଳର ପହିଲି କିରଣକୁ
ଆସିବାକୁ ଦିଅ,
ଚଉଁରା ମୂଳରେ
ଦୀପ ଜାଳିବାକୁ ଦିଅ,
ହଳଦୀ ପାଣିରେ ଗାଧେଇ ଦିଅ
ଫୁଲରେ ସଜେଇଦିଅ ଗଭା,
ତାକୁ ଉଡିବାକୁ ଦିଅ
ପ୍ରଜାପତିର ଡେଣାରେ,
ବନ୍ଧନରୁ ମୁକ୍ତ କରିଦିଅ
କାନଡେରି ଶୁଣ...
ଝିଅର ମିଠା ଡାକରେ କିମିତି
ସୂର୍ଯ୍ୟାସ୍ତ ହେଉଛି ବାଟବଣା... ?

ଦେଖ ! ଝିଅ ନାହିଁ ବୋଲି...
କିମିତି ଅଣନିଶ୍ୱାସୀ ହେଉଛି କୋଠରୀ,
ବନ୍ଦ ଝର୍କା ଫାଙ୍କଦେଇ
ଧସେଇ ପଶୁଛି ନିର୍ଜନତା,
ବିଷର୍ଣ୍ଣ ଦିଶୁଛି ଅମ୍ବୀୟତା
ଝାଉଁଳି ପଡୁଛି ବିଶ୍ୱାସ,
ଅଗଣା ସାରା
ବିଛେଇ ହେଇପଡିଛି ଦୀର୍ଘଶ୍ୱାସ,
ଡହଡହ ଖରାରେ
ଦିନ ଦିପହରେ ଘୋଟିଗଲାଣି
କଳା ହାଣ୍ଡିଆ ମେଘ,
ମଉଳି ଗଲାଣି ଫୁଲ,
ଅନ୍ଧାର ବିନା ରାତି ପରି
ପ୍ରେମ ବିନା ପ୍ରୀତି ପରି,
ସବୁଥାଇ କିଛି ନ ଥିବାର ଗ୍ଲାନିରେ
ଆଉଟି ହେଉଛି ସମୟ,
ବନ୍ଦ ଝର୍କା ସେପାଖେ
ଶୁଭୁଚି କରୁଣ ଚିତ୍କାର,
ଜଳ ସ୍ଥଳ ଆକାଶ କାନ୍ଥବାଡ଼ରେ
ପ୍ରତିଧ୍ୱନିତ ହେଉଛି,
ଝିଅର ଅବିକଳ କଣ୍ଠସ୍ୱର
ଝିଅ ନାହିଁ ବୋଲି ସାୟାହ୍ନରେ,
ଲମ୍ବିଯାଉଛି ତାଳଗଛର ଛାଇ
ଆହୁରି ଆଗକୁ ଆଗକୁ....


♥ ସମ୍ପାଦକ: ମୌସୁମୀ କଜଳା,
କେନ୍ଦ୍ରାପଡା


### ଜ୍ୟୋତିର୍ମୟ ଜଗନ୍ନାଥ
**ସୀମାଲତା ସାହୁ**

ସ୍ୱପ୍ନର ଆଲୋକେ ତୁମେ ଆସ ପ୍ରଭୁ
ଜାଗ୍ରତ ପ୍ରହରୀ ହୋଇ,
ମୋ ମନ ମନ୍ଦିରେ ଉପସ୍ଥିତ ରୁହ
ପ୍ରଦୀପ ଆଭାସ ଦେଇ ।

ଘୋର ତିମିର ଅନ୍ଧକାର ମୋର ପଥ
ଚକ୍ଷୁ ଥାଇ ଆଜି ମୁଁ ଅନ୍ଧ,
ତୁମ ଦିବ୍ୟ ଦରଶନେ ଆହେ ନିରଞ୍ଜନ
ତୁମ ଭକତର ଡୋରୀ ବାନ୍ଧ।

ଏ ମିଛ ସଂସାରେ ମୋହମାୟା ଯେତେ
ବିଷ ସମୁଦ୍ରରେ ବୁଡ଼େ,
ମୁଁ ତୁମ ସନ୍ତାନ ଅମୃତର ଶିଶୁ
ବାଇଶି ପାବଛେ ଅଧିଆ ପଡ଼େ ।

ପରଶେ ତୁମର ସ୍ନିଗ୍ଧ ମଧୁର
ପରଷି ଦିଅ ହେ କୃପାମୟ,
ମାନବିକ ଧର୍ମେ ଭିକ୍ଷା ବହୁବାର
ଏତିକି ମାଗୁଛି ଆହେ ଜ୍ୟୋତିର୍ମୟ।


♥ ଯାଜପୁର
(ମୋ) ୮୯୦୮୪୧୩୦୯୯

# ଲେଖକ କୌଣସି ସମସ୍ୟା ଉପରେ ଗୁରୁତ୍ୱ ନଦେଇ ନିଜ ସାଧନ ଉପରେ ଗୁରୁତ୍ୱ ଦେବା କଥା : ତପନ ମହାପାତ୍ର

**ତପନ ମହାପାତ୍ର** ଓଡ଼ିଆ ସାହିତ୍ୟ ଜଗତରେ ଗୋଟେ ସ୍ୱଷ୍ଟ ପଦଚିହ୍ନ । ପ୍ରଜ୍ଞା, ପ୍ରତିଭା ଓ ମାନବବାଦର ଅନବଦ୍ୟ ସ୍ରଷ୍ଟା ଭାବରେ ସେ ନିଜ ପାଇଁ ତିଆରି କରିସାରିଛନ୍ତି ନିଜ ପରିଚୟର ବଳୟ । ଜୀବନବୋଧ ସହ ବାସ୍ତବତାର ନିରୋଳା ଭାବୋଚ୍ଛ୍ୱାସ ହିଁ ତାଙ୍କ ଗଳ୍ପକଳାର ସ୍ୱାତନ୍ତ୍ର୍ୟ । ସେ ଗୋଟେଇ ପାରନ୍ତି ଅନୁଭୂତିର ଉପଲବ୍ଧି, ଶବ୍ଦରେ ସଜାଡି ପାରନ୍ତି ନିଜ ଗଳ୍ପ ଓ ଉପନ୍ୟାସରେ ଅନୁଭବର ଅନୁରାଗକୁ । ତାଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ ଅଳ୍ପରେ ତପନ ମହାପାତ୍ର



ପିତା: ବାନାମ୍ବର ମହାପାତ୍ର
ମାତା: ସୁଶୀଳା ମହାପାତ୍ର
ଜନ୍ମ : ୨୨.୧୧.୧୯୬୯
କଲ୍ୟାଣପୁର, ଖୋର୍ଦ୍ଧା- ୭୫୨୦୫୬
ବର୍ତ୍ତମାନର ଠିକଣା :
ଶ୍ରୀ ବିହାର, ଖୋର୍ଦ୍ଧା- ୭୫୨୦୫୫
(ମୋ) ୭୦୭୭୧୯୪୯୮୬

**ପ୍ରକାଶିତ ପୁସ୍ତକ-**

**ଗଳ୍ପ**

୧-ଛବି ମଣିଷ
୨- କାଉଁରି ପାନିଆ
୩- ବିସ୍ମୟ ଏକ ବିନ୍ଦୁ
୪- ଏଠି ପ୍ରଜାପତି ନାହିଁ
୫- ଝିଅ ଠାରୁ ଉଧାର ଆଣି
୬- ଯେତେ ଯାଏଁ ଆଖି ସେତେ ଯାଏଁ ଆକାଶ
୭- ଫୁଲ ଦିଆନିଆ
୮- ମହୁରୀ ୧୧

**ଜୀବନୀ ପୁସ୍ତକ**

୧- ମୋ ଗପରେ ଗୀତର ଗାୟକ (ସୁର ଗନ୍ଧର୍ବ ଗାୟକ ନବକିଶୋର ମିଶ୍ରଙ୍କ ଜୀବନ ଆଧାରିତ)
୨- ଅଧାରୁ ଆରମ୍ଭ ଅଧାରେ ଶେଷ (ବିଶିଷ୍ଟ କଥାଶିଳ୍ପୀ ପଦ୍ମଜ ପାଳଙ୍କ ସର୍ଜନ ଜୀବନ )

**ଉପନ୍ୟାସ**

୧- ଶୁଣ ! ଜୀବନର ଜୟ ଜୟକାର

**ସମ୍ପାଦନା**

୧- ଏନ୍ତୁଡ଼ିରୁ ଏପର୍ଯ୍ୟନ୍ତ
୨- ଶିକ୍ଷକ
୩- ଗାଁ ମୋର କଲ୍ୟାଣପୁର

■ **କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?**

■■ ଏମିତି ଏକ ପ୍ରଶ୍ନର ଉତ୍ତର ଦେବା ବେଳେ ଦିଶି ଯାଉଛି ମୋ ଗାଁ । ଗାଁ' ଦାଣ୍ଡରେ ଯୋଗୀ, ଜାନୁଘଣ୍ଟ, କେଳା କେଳୁଣୀ, ପାଲା, ଦାଶକାଠିଆ, ଝୁଲଣ, ମେଳଣର କେତେ ନୃତ୍ୟ, ଗୀତ, ସଂଗୀତ ସହିତ ଗାଦି ଗୋସାଇଁଙ୍କ ଚାନ୍ଦିନୀରେ ଭୋଗ ବଢ଼ା, ପୁରାଣ ପଢ଼ା । ଥରେ ଥରେ ସେମାନଙ୍କ ସୁମଧୁର ସ୍ୱର, ନିଖୁଣ ଅଭିନୟ ଦେଖି ନିଜେ ହଜିଗଲା ଭଳି ଲାଗେ । ଗଭୀର ଜଳରେ ଛୋଟ ଖଣ୍ଡେ ପଥରର ପତନରେ ସୃଷ୍ଟି ହେଉଥିବା ଗୁପ୍ ଶବ୍ଦ ଭଳି ଅବା ବିସ୍ତରି ଯାଉଥିବା ଛୋଟ ବଡ଼ ତରଙ୍ଗ ଭଳି କିଛି ଇଚ୍ଛା ସୃଷ୍ଟି ହୋଇଯାଏ ମନ ଭିତରେ । ପଦଟେ ଗାଇ ଦେବିକି ! ପାଦ ବଢ଼ାଇ ନାଚି ଦେବି କି ଟିକେ! ଏସବୁ ପରେ ଲେଖିବା କଥା ମନକୁ ଆସିଲା । ମନେ ପଡୁଛି ଚତୁର୍ଥ ପଞ୍ଚମ ବେଳୁ ମୁଁ ଲେଖିବା ଆରମ୍ଭ କରିଛି । ଅବଶ୍ୟ ତାହାକୁ କୌଣସି ଲେଖା ନକହି କିଛି ଅକ୍ଷରର ସମାହାର କହିଲେ ଠିକ ହେବ । ମାତ୍ର ଷଷ୍ଠ ଶ୍ରେଣୀରେ ନାଟକ/ପତ୍ରିକା ଲାଗି ଆମ ମାନଙ୍କଠାରୁ ଲେଖା ଆହ୍ୱାନ ହେବାରୁ ଲେଖିଥିଲି ନାଟକ ' ଧ୍ରୁବ କୁମାର' । ପରବର୍ତ୍ତୀ ସମୟରେ ନାଟକଟିକୁ ଖୋଜି ନପାଇବା ସତ୍ତ୍ୱେ ସ୍ମରଣରେ ଥିବା ଏହି ସ୍ମୃତି ହିଁ ମୋ ଲିଖିତ ସୃଜନର ଆଦ୍ୟସ୍ଫୁରଣ ସ୍ୱୀକାର କରେ ।

■ **ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ପ୍ରକୃତି ହିଁ ମୋର ପ୍ରେରଣା ଓ ପ୍ରେରଣା; ମୋ ଗାଁ । ଯାହାର ଆକାଶ ଅଧିକ ନୀଳ । ପାଣି ଅଧିକ ପବିତ୍ର । ପବନରେ ଅଧିକ ଶିହରଣ । ପ୍ରେରଣା; ମୋ ବାପା । ଯିଏ ମାଛିକୁ ମ କୁହନ୍ତିନି । ଦିନରାତି; ଗୀତା, ଭାଗବତ, ପୁରାଣ ସହିତ କିଛି ନା କିଛି ବହି ପଢୁଥାନ୍ତି । ପ୍ରେରଣା; ଜୀବ ଜନ୍ତୁଙ୍କ ଜୀବନ ବିଷୟରେ ବହୁ କଥା ଜାଣିଥିବା, ବହୁ ଗଛ ଚିହ୍ନିଥିବା ମୋର ବୋଉ । ବହି ପଢ଼ା, ମୁରୁଜ ପକା, ଆସନ ବୁଣା; ପିଠାପଣା ଓ ସମୟ ପାଇଲେ ମହୁ ମାଛି ପରି ନିଜ ନିଜ ଗୀତ ଖାତାରୁ ଗୀତ ମନେ ରଖିବା, ଗାଇବା ଆଦି ବହୁ ସୃଜନ କର୍ମରେ ବ୍ୟସ୍ତ ରହୁଥିବା ମୋ ଭଉଣୀମାନେ । ପ୍ରେରଣା; କର୍ଣ୍ଣଗୁରୁ ବାବାଜୀ ଜନାର୍ଦ୍ଦନ ଦାସ । ଯାହାଙ୍କ ମୁହଁରେ ଥାଏ ପୌରାଣିକ ଚରିତ୍ରମାନଙ୍କଠାରୁ କଳିଙ୍ଗ ଯୁଦ୍ଧ, ଯଦୁମଣି, ଫକୀର ମୋହନ, ବାଇକୋଳି ମହାପାତ୍ର, କଟକ, ମଧୁ ବାରିଷ୍ଟର, ରାଧାରମଣ ମଠ, ପଠାଣି ସାମନ୍ତଙ୍କ ପର୍ଯ୍ୟନ୍ତ କେତେ ନୂଆ କଥା । ପ୍ରେରଣା; ଆକାଶବାଣୀ । ମୋ ପ୍ରଥମ ଗପର ପ୍ରଥମ ପାଠକ । ଆଦ୍ୟ ଗୁରୁ, ଭାଗବତକାର ଶ୍ରୀ ଜଗନ୍ନାଥ ଦାସ । ଖୁବ ଭାବନା ଦେଇଥିବା କବିତା 'ଛୋଟ ମୋର ଗାଁ ଟି'ର ସ୍ରଷ୍ଟା ତଥା ଜ୍ଞାନପୀଠ ବିଜେତା କବି ସଚ୍ଚି ରାଉତରାୟ । ମୋ ପ୍ରିୟ ଉପନ୍ୟାସ 'ମାଟିର ମଣିଷ'ର ସ୍ରଷ୍ଟା କାଳିନ୍ଦୀ ଚରଣ ପାଣିଗ୍ରାହୀ । ଉଣିଶଶହ ଅଶି ନବେ ଦଶକର ଚର୍ଚ୍ଚିତ ସାହିତ୍ୟ ପତ୍ରିକା 'ମହଲ'ର ସମ୍ପାଦକ, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର ବଂଶୀଧର ରାଉତ । ପ୍ରଖ୍ୟାତ ଔପନାସିକ ଡକ୍ଟର ପଦ୍ମଜ ପାଳ । ମୋ ସମ୍ପାଦକ ଓ ପାଠକ ମାନେ ।

■ **ଆପଣଙ୍କର ପ୍ରଥମ ଗଳ୍ପ କଣ ଓ ତାହା ପ୍ରକାଶ ପାଇବା ପରେ ପାଠକଙ୍କ ପ୍ରତିକ୍ରିୟା କିପରି ଥିଲା ?**

■■ ୧୯୮୭-୮୮ ମସିହା 'ପ୍ରଜାତନ୍ତ୍ର ସାପ୍ତାହିକ' ପତ୍ରିକାରେ ପ୍ରକାଶିତ 'ବୋଧ ହୁଏ ମିଛ ଅଭିମାନ' ଗଳ୍ପକୁ ମୋର ପ୍ରଥମ ଗଳ୍ପର ମାନ୍ୟତା ଦିଏ । ଗଳ୍ପଟି ଲାଗି ମାତ୍ର ଗୋଟିଏ ଚିଠି ପାଇଥିଲି । ଚିଠିଟି ପାଇ ମୁଁ ଯେତିକି ଆଶ୍ଚର୍ଯ୍ୟ ହୋଇଥିଲି ପଢ଼ି ସାରି ତା'ଠାରୁ ଅଧିକ ବିସ୍ମିତ ହେଲି । ଚିଠିଟି ଲେଖିଥିଲେ ରେଭେନ୍ସା ମହାବିଦ୍ୟାଳୟର ଜଣେ ଛାତ୍ର; 'ସାର୍, ଆପଣ ମୋ କଥା ହିଁ ଲେଖିଛନ୍ତି । ଗପଟିକୁ ମୁଁ ସବୁଦିନ ପାଇଁ ସାଇତି ରଖିବି । ଏ ଗପ ମୋର ଅନେକ ସମସ୍ୟାର ସମାଧାନ କରି ଦେଇ ପାରିବ ।' ନିଜେ ଛାତ୍ର ଥିବା ଅବସ୍ଥାରେ ଜଣେ ଛାତ୍ର ପାଠକଙ୍କର ଏହି ଆସ୍ଥା ମୋତେ ଆଜି ଯାଏଁ ଆଚ୍ଛନ୍ନ କରି ରଖିଛି । କେବେ ପ୍ରଶ୍ନ ହୋଇ ମୋ ଠାରୁ ଉତ୍ତର ଖୋଜୁଛି; ଗପ କ'ଣ କାହା ସମସ୍ୟାର ସମାଧାନ କରି ଦେଇପାରେ ? ଜାଣେନା; ଗପଟିକୁ ପାଠକ ବନ୍ଧୁ ସାଇତି ରଖିଛନ୍ତି କି ନାହିଁ । ମୋ ଗପ ତାଙ୍କର କୌଣସି ସମସ୍ୟାର ସମାଧାନ କରି ପାରିଛି କି ନାହିଁ । ଅଥଚ ସେହି ପ୍ରତିକ୍ରିୟା ହିଁ ଏ ପର୍ଯ୍ୟନ୍ତ ମୋତେ ସାହିତ୍ୟରେ କ୍ରିୟାଶୀଳ କରି ରଖିଛି ।

■ **ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?**

■■ ମଣିଷ ଯେତିକି ତାର ସମସ୍ୟା ସେତିକି । ଲେଖକ କେଉଁ ସମସ୍ୟା ଉପରେ ଗୁରୁତ୍ୱ ଦେବ ? ସବୁ ସରକାରୀ ଯୋଜନା ସମସ୍ୟା ଆଧାରିତ । ଲେଖକ ସରକାର ନୁହେଁ କି ଗୋଷ୍ଠୀ ନୁହେଁ; ବ୍ୟକ୍ତିଟିଏ । ଜୀବନକୁ ଜାଣିବା, ଶୁଣିବା, ଦେଖିବା, ଭୋଗିବା ଭିତରେ ଜଣେ କେତେ ଲେଖି ପାରିବ ? ତେବେ ଲେଖକ କୌଣସି ସମସ୍ୟା ଉପରେ ଗୁରୁତ୍ୱ ନଦେଇ ନିଜ ସାଧନ ଉପରେ ଗୁରୁତ୍ୱ ଦେବା କଥା । ସେହି ସାଧନ ଦ୍ୱାରା ହିଁ ଆମ ପାଣି, ଆମ ଖଣି, ଆମ ପାନ, ମୀନ, ଅରଣ୍ୟ, କଳା ଓ ସଂସ୍କୃତିର ସମସ୍ୟା ଓ ସୌନ୍ଦର୍ଯ୍ୟ ଉଭୟ ପ୍ରକଟିତ ହେବ । ସମାଜର ସବୁ ପରିବର୍ତ୍ତନ ସାହିତ୍ୟ ମାଧ୍ୟମରେ ହିଁ ହୁଏ କିନ୍ତୁ ଏହାକୁ ବିଜ୍ଞାନ, ଗଣିତ କି କୌଣସି ବିଷୟ ସହିତ ତୁଳନା କରି ବୁଝି ହେବ ନାହିଁ ବରଂ ବିଜ୍ଞାନ କି ଗଣିତ ଆଦି ବିଷୟମାନଙ୍କରେ ଯେଉଁ ସାହିତ୍ୟ ଥାଏ ତାହାକୁ ବୁଝି ପାରିଲେ ସାହିତ୍ୟର ଭୂମି ଓ ଭୂମିକାକୁ ବୁଝି ହୋଇଯିବ ।



ବରିଷ୍ଠ ତଥା ପ୍ରିୟ କଥାକାର ପଦ୍ମଜ ପାଳ ଓ ବିଷ୍ଣୁ ସାହୁଙ୍କ ସହ କଥାକାର...



ସତୀର୍ଥମାନଙ୍କ ଗହଣରେ ଗୋଟେ ସାହିତ୍ୟ ସଭାରେ ଗାଳ୍ପିକ ତପନ ମହାପାତ୍ର...

■ **ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ । ଏ ବାବଦରେ କଣ କହିବେ ? କଣ କଲେ ସେ ସମସ୍ୟାର ସମାଧାନ କରିହେବ ?**

■■ ସାଧାରଣ ପାଠକ କିଏ ? ସବୁବେଳେ ପାଠକମାନେ ମୋ ପାଇଁ ଅସାଧାରଣ । ପ୍ରଥମ ଗପର ପ୍ରଥମ ଚିଠି ଠାରୁ ଏପର୍ଯ୍ୟନ୍ତ ମୁଁ ଯାହା ଲେଖିଛି କିଛି ନା କିଛି ମତାମତ ପାଠକମାନେ ନିଶ୍ଚିତ ଦେଇଛନ୍ତି । ଏହି ବ୍ୟକ୍ତିଗତ ଆକଳନରେ ପାଠକ ସଂଖ୍ୟା ବୃଦ୍ଧି ହୋଇଛନ୍ତି ସିନା କମି ନାହାନ୍ତି । ତେଣୁ ସମସ୍ୟା ନଥିବା ଏକ ସମସ୍ୟାର ସମାଧାନ ସୂତ୍ର ଖୋଜିବା ଅନାବଶ୍ୟକ ।

■ **କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇପାରିବ କି ?**

■■ ମାଆ, ମାଟି, ମାତୃଭାଷାର ସଙ୍କଟ ଅତୀତ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବ୍ୟାପ୍ତ । ତେବେ; ଆମ ଭାଷାର ଉନ୍ନତି ବା ବ୍ୟାପ୍ତି ନିମନ୍ତେ ଯେଉଁ ବୈଷୟିକ ଜ୍ଞାନ କୌଶଳର ଆବଶ୍ୟକତା ରହିଛି ସେ ଦିଗପ୍ରତି ଦୃଷ୍ଟି ଅଧିକ ତୀକ୍ଷ୍ଣ ହେବା ଉଚିତ । ଇଣ୍ଟରନେଟରେ କୌଣସି ଓଡ଼ିଆ ଶବ୍ଦର ଅର୍ଥ କି ଆପ୍ତ ବାକ୍ୟଟିଏ ଖୋଜିଲେ ଯେପରି ସହଜରେ ଉପଲବ୍ଧ ହେବ ତଥା ତାହାର ପ୍ରୟୋଗ ବିଧି ଦର୍ଶାଇ ଦେଉଥିବ । ପ୍ରତି ସୂଚନା ଓ ବିଜ୍ଞାପନର ନିର୍ଭୁଲ ପ୍ରୟୋଗ ନିମନ୍ତେ ମଧ୍ୟ ଦୃଷ୍ଟି ଦେବା କଥା । ଫଳରେ ଓଡ଼ିଆ ଭାଷାର ବିକୃତ ଅର୍ଥ ବା ବିକଳାଙ୍ଗ ରୂପରେ ସୁଧାର ଆସି ପାରନ୍ତା । କେହି କେହି କହୁଛନ୍ତି; ଓଡ଼ିଆ ଡିଟିପି କରିବାକୁ ଲୋକ ରାଜି ହେଉ ନାହାନ୍ତି । ଜଣେ ଜଣେ ସମ୍ପାଦକ, ପ୍ରକାଶକ ବି କହୁଛନ୍ତି ହାତ ଲେଖା ନୁହଁ ଡିଟିପି କରି ଦିଅନ୍ତୁ । ଏପରି ଶୁଣି ଆଶ୍ଚର୍ଯ୍ୟ ଲାଗୁଛି । ସଂଯୋଗ କ୍ରମେ; ୨୦୨୪ 'ପକ୍ଷୀଘର'ରେ ପ୍ରକାଶିତ 'ଧାନଫୁଲର ରଙ୍ଗ' ଉପନ୍ୟାସର ସହ ଚରିତ୍ର ଯିଏ କେବଳ ଓଡ଼ିଆ ଗପ, କବିତା, ଉପନ୍ୟାସ ଡିଟିପି କରୁଛି । ଉପନ୍ୟାସର ସେହି ଚରିତ୍ରକୁ ଭେଟି ପ୍ରସିଦ୍ଧ ସାହିତ୍ୟିକା ଡକ୍ଟର ସଂଘମିତ୍ରା ମିଶ୍ର ଡିଟିପିକୁ ନେଇ ନିଜ ଲେଖାର ସମସ୍ୟା ଓ ଏଭଳି ଜଣେ ଚରିତ୍ର ସଂଯୁକ୍ତ କରି ସାହିତ୍ୟର ଭୂମିକାକୁ ନେଇ ଯେଉଁ ମତାମତ ରଖିଥିଲେ ତାହା ମୋତେ ଖୁସି ଦେଇଥିଲା ଅନେକ । ତେଣୁ ସାହିତ୍ୟ ମାଧ୍ୟମରେ ହିଁ ମାତୃଭାଷାକୁ ସରଳ, ସହଜ ଓ ସମୃଦ୍ଧ କରିହେବ ଏଥିରେ ସନ୍ଦେହ ନାହିଁ ।

■ **ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖା ଯାଉଛି, ଲେଖକଟିଏ ଚାହିଁଲେ ତା' ଲେଖାରେ ସେ ସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ ଭାବନ୍ତି କି ? ଓଡିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?**

■■ ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖା ଯାଉଛି, ଲେଖା ମାଧ୍ୟମରେ ସେ ସବୁର ପରିବର୍ତ୍ତନ ଆଶା କରିବା ସମ୍ଭବ କି ? ଜଣକର ସମସ୍ୟା ଆଉ ଜଣକର ସମସ୍ୟା ସହିତ ସମାନ ନୁହେଁ । ଆମ ଚାଲିଚଳଣ, ପ୍ରଥା, ପରମ୍ପରା ସହିତ ପଡ଼ୋଶୀ ଜିଲ୍ଲା ବା ରାଜ୍ୟ ସହିତ ସମାନ ନୁହେଁ କିମ୍ବା ଆମ ଦେଶର ସମସ୍ୟା ଅନ୍ୟ ଦେଶର ସମସ୍ୟା ନୁହେଁ । ତେବେ ଲେଖକ ତ କେବଳ ନିଜ ସୁଖ ଲାଗି ଲେଖେନା । ଲେଖିବା ପଛରେ ଥାଏ ଏକ ବୃହତ୍ତର ଦୃଷ୍ଟିଭଙ୍ଗୀ । ସମାଜର ବିଧି, ବ୍ୟବସ୍ଥା, ଅବ୍ୟବସ୍ଥାକୁ ଲେଖକ ଯେପରି ନିଜ ଲେଖା ମାଧ୍ୟମରେ ସ୍ଥାନିତ କରେ ସେହିପରି ବ୍ୟକ୍ତିର ମଙ୍ଗଳ, ସମାଜର ମଙ୍ଗଳ ନିମନ୍ତେ ସେ ନିତି ସ୍ୱପ୍ନ ଦେଖୁଥାଏ । ଲେଖୁଥାଏ । ଧ୍ୱଂସ ବା ପତନର କଥା କହୁଥିବା ସାହିତ୍ୟରେ ବି ଥାଏ ଏକ ନୂତନ ସମାଜର ସଂରଚନା । ମୋ ଭାଷା ମୋ ସାହିତ୍ୟର ଅମରତ୍ୱ ପ୍ରାର୍ଥନା କରି, ମୁଣ୍ଡରେ କଲମ ଛୁଆଇଁ ମୁଁ ଲେଖା ଆରମ୍ଭ କରୁଛି । ଭଲ ଲେଖା, ଭଲ ବହିଟିଏ ପଢ଼ି ଛାତିରେ ଜାକି ଦେଉଛି । ତେଣୁ ସାହିତ୍ୟ ଓ ତାର ସ୍ଥିତିଶୀଳତା ଲାଗି ସନ୍ଦେହ ବା ନୈରାଶ୍ୟ ମୋତେ କେବେ ସ୍ପର୍ଶ କରି ନାହିଁ ।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ଏହାର ଉତ୍ତର ଦେବାବେଳେ ସ୍ୱାମୀ ବିବେକାନନ୍ଦଙ୍କର ଏହି ବାଣୀ ସ୍ମରଣକୁ ଆସି ଯାଉଛି । "କର୍ମ କରିବା ଅଥଚ ଫଳର ଆଶା ନ କରିବା, ଲୋକଙ୍କୁ ସାହାଯ୍ୟ କରିବା ଅଥଚ ତାଙ୍କ ନିକଟରୁ କୌଣସି ପ୍ରକାର କୃତଜ୍ଞତା ପ୍ରତ୍ୟାଶା ନ କରିବା, ସତ୍କର୍ମ କରିବା ଅଥଚ ତାହାଦ୍ୱାରା ନାମ ଯଶ ହେଲା ବା ନହେଲା, ଏ ବିଷୟରେ ଦୃଷ୍ଟି ନ ଦେବା– ଏହା ଜଗତରେ ସବୁଠାରୁ କଠିନ କାମ । ଲୋକେ ଯେତେବେଳେ ପ୍ରଶଂସା କରନ୍ତି, ସେତେବେଳେ ଘୋର କାପୁରୁଷ ମଧ୍ୟ ସାହସୀ ହୁଏ । ସମାଜର ଅନୁମୋଦନ ଓ ପ୍ରଶଂସା ପାଇଲେ ନିର୍ବୋଧ ବ୍ୟକ୍ତି ମଧ୍ୟ ବୀରୋଚିତ କାର୍ଯ୍ୟ କରିପାରେ; କିନ୍ତୁ କାହାରି ହେଲେ ସ୍ତୁତି ପ୍ରଶଂସା ଆଶା ନକରି, ସେ ଦିଗକୁ ଆଦୌ ଦୃଷ୍ଟି ନ ଦେଇ ସର୍ବଦା ସତ୍କାର୍ଯ୍ୟ କରିବା ହିଁ ପ୍ରକୃତରେ ସର୍ବଶ୍ରେଷ୍ଠ ସ୍ୱାର୍ଥତ୍ୟାଗ ।"



ଦୁଇ କନ୍ୟାରତ୍ନ ଓ ପତ୍ନୀଙ୍କ ସହ ଗାଳ୍ପିକ ତପନ ମହାପାତ୍ର...



ସମ୍ବର୍ଦ୍ଧିତ ହେବାର ସ୍ମରଣୀୟ ମୁହୂର୍ତ୍ତ...

## ପ୍ରଥମ ବିଦେଶ ଯାତ୍ରା

# ମୋ ଝର୍କାରୁ ଆମେରିକା...

**ନନ୍ଦିତା ମହାନ୍ତି**

ଭାଗ-୮



**ଆମର ଫ୍ଲାଇଟ ଧୀରେ ଧୀରେ ତଳକୁ ଖସୁଥିଲା । ତଳେ ଥିଲା ସାନୋନ ସହର । ପ୍ରକୃତରେ ସାନୋନ ହେଉଛି ଆୟରଲ୍ୟାଣ୍ଡ ଦେଶରେ ଥିବା ଏକ ଛୋଟ ଦ୍ୱୀପ । ଚାରିପଟେ ଅଛି ଆଟଲାଂଟିକ ମହାସାଗର । ଏହି ଅଂଚଳରେ ସାନୋନ ନଦୀ ମିଶିଛି ଆଟଲାଂଟିକ ମହାସାଗର ସହିତ । ଉପରୁ ତାହା ଜଳଭାଗ ପରିବେଷ୍ଟିତ ଏକ ଛୋଟ ଟାପୁ ପରି ଦିଶୁଥିଲା ।**

ସ୍କୁଲରେ ପଢିବା ବେଳେ ଶେଷ ପିରିଅଡ ଥାଏ ଖେଳ ପିରିଅଡ । ଆମେ ଖେଳପଡିଆରେ ଖେଳୁ ଥିଲା ବେଳେ ହଠାତ ଆକାଶ ବକ୍ଷକୁ ଚିରି, ଘର୍ଘର ନାଦ କରି ଉଡିଯାଏ ଉଡାଜାହାଜ । ଆମେ ସମସ୍ତେ ପାଟି କରି କଣ୍ଟାଝଣ୍ଟା ନମାନି ଦଉଡୁ ତା ପଛରେ । ଉଡାଜାହାଜ ଆମ ମୁଣ୍ଡ ଉପର ଦେଇ ଉଡି ଯାଇ ପୁଣି ବିଲୀନ ହୋଇଯାଏ ବଉଦର କୁହୁଡି ଭିତରେ । ଅପସରି ଯାଏ ଆମ ଆଖି ଆଗରୁ । ସେତେବେଳେ ଉଡାଜାହାଜକୁ ନେଇ କେତେ କେତେ କଳ୍ପନାଜଳ୍ପନା ମୋ ମୁଣ୍ଡ ଭିତରେ ଲେଫ୍ଟରାଇଟ ହେଉଥିଲେ । ଏହି ବଡ ବାଜ ପକ୍ଷୀ ପରି ଉଡାଜାହାଜର ପେଟ ଭିତରକୁ ମଣିଷମାନେ ଯାଉଥିବେ କେମିତି ? ଆଉ ତା ଭିତରେ ବସୁଥିବା ମଣିଷମାନେ କେମିତି ହେଇଥିବେ ......ରାଜାରାଣୀ ପରି, ପରୀରାଇଜର ରାଜକୁମାର-ରାଜକୁମାରୀ ପରି ନା ଆମ ପରି ସାଧାରଣ ମଣିଷଙ୍କ ପରି ! ତାକୁ ଚଳଉଥିବ କିଏ ? ତାଙ୍କୁ ଡର ମାଡୁ ନ ଥିବ ?ଏମିତି କେତେ କେତେ ପ୍ରଶ୍ନ ପଇଁତରା ମାରୁଥିଲେ ମୋ ମୁଣ୍ଡ ଭିତରେ । କାରଣ ସେବେ ଯାଏଁ ସେମିତି ଜଣେ ମଣିଷକୁ ମୁଁ ପାଖରେ ଦେଖିବା ତ ଦୂରର କଥା ଆଖପାଖରେ ମଧ ଦେଖି ନ ଥିଲି । ତେଣୁ ସେ ବିଷୟରେ ମୁଁ ସତକୁ ସତ ଥିଲି ଖୁବ ସନ୍ଦିହାନ । ଉଡାଜାହାଜର ଟିକି ଟିକି ଝରକାଗୁଡିକ କିନ୍ତୁ ଖୁବ ଆକର୍ଷିତ କରୁଥିଲେ ମୋତେ । ଲାଗୁଥିଲା ଉଡାଜାହାଜର ଝରକା ଦେଇ ତା ଭିତରେ ବସିଥିବା ଲୋକମାନେ ଆମକୁ ନିଶ୍ଚୟ ଦେଖି ପାରୁଥିବେ । ପୁଣି ଭାବୁଥିଲି ସେମାନେ ଯଦି ଆମକୁ ଦେଖିପାରୁଛନ୍ତି ତେବେ ଝରକା ଖୋଲି ହାତ ହଲଉନାହାନ୍ତି କାହିଁକି ? ଯେମିତି ଆମେ ଗାଁକୁ ଗଲା ବେଳେ ଟ୍ରେନ ଆମ ଘର ସାମ୍ନା ଦେଇ ଯାଏ ଷ୍ଟେସନକୁ । ଆମେ ଟ୍ରେନ ଝରକା ଦେଇ ହାତ ହଲଉ ଯାହାକୁ ଦେଖି ଆମ ବୁଢୀମାଆ ଷ୍ଟେସନକୁ ବଳଦଗାଡି ପଠାନ୍ତି ଆମକୁ ଆଣିବାକୁ ।

'ୱାଟର ଅର ସଫ୍ଟ ଡ୍ରିଂକ' ଏୟାରହୋଷ୍ଟେସର ପ୍ରଶ୍ନରେ ମୁଁ ଫେରିଲି ବର୍ତ୍ତମାନକୁ ।

ଏଇ ଫ୍ଲାଇଟ ଥିଲା ମୋ ଯାତ୍ରାର ସବୁଠାରୁ ଲମ୍ୱା ଫ୍ଲାଇଟ । କୁଏତ ଏୟାରୱେଜର ଏହି ବୋଇଙ୍ଗ ବିମାନ ସମୁଦାୟ ତେର ଘଣ୍ଟା ଚାଳିଶ ମିନିଟ ସମୟ ନେବ ନ୍ୟୁୟର୍କର ଜନ ଏଫ କେନେଡି ଏୟାରପୋର୍ଟରେ ପହଞ୍ଚିବାକୁ । ସମସ୍ତଙ୍କୁ ଖାଇବା ପାଇଁ ଦେଇ ସାରିଲା ପରେ ଫ୍ଲାଇଟ ଆଟେଣ୍ଡାଣ୍ଟ ବ୍ଲାଙ୍କେଟ, ଇଅରଫୋନ, ମୋଜା, ଆଖିରେ ବାନ୍ଧିବା ପଟି ଆଣି ସମସ୍ତଙ୍କୁ ଦେଇଗଲେ । ଫ୍ଲାଇଟ ଭିତର ଲାଇଟ କ୍ରମଶଃ ଧିମା ହେବାକୁ ଲାଗିଲା । ଯେଉଁମାନେ ଶୋଇବାକୁ ଚାହିଁବେ ଆଖିରେ ପଟି ବାନ୍ଧି ଶୋଇପାରିବେ । କିନ୍ତୁ ଏହି ଇଅରଫୋନ ବାବଦରେ ମୁଁ କିଛି ବୁଝି ପାରୁ ନ ଥିଲି । ଏଇଟା କଣ ପାଇଁ ଦେଇଛନ୍ତି, ଏହାର ବ୍ୟବହାର କଣ ? ମୁଁ ପାଖ ଲୋକକୁ ଚାହିଁଲି ସିଏ ନିଜ କାନରେ ଇଅରଫୋନ ଲଗେଇ ଆଉ ମୁଣ୍ଡକୁ ଗୁଞ୍ଜି ଦେଲେ ସାମ୍ନା ସିଟ ପଛ ପଟେ ଲାଗିଥିବା ଗୋଟିଏ ସ୍କ୍ରିନ ଦେହରେ । ଆଉ ଏବେ ମୁଁ ଜାଣିଲି ଯେ ତାହା ଗୋଟେ ଟିଭି ସ୍କ୍ରିନ । ଆଉ ଯେଉଁମାନେ ଚାହିଁବେ କାନରେ ଇଅରଫୋନ ଲଗେଇ ଗୀତ ଶୁଣିପାରିବେ କିମ୍ୱା ସିନେମା ଦେଖିପାରିବେ । ଯାହା ହେଉ ସମୟ କାଟିବାର ସୁବନ୍ଦୋବସ୍ତ । ହେଲେ ୟାକୁ ଚଳେଇବ କେମିତି । ପ୍ରାୟ ପନ୍ଦର / କୋଡିଏ ମିନିଟ ଖେଂଚାଖେଂଚି କଲା ପରେ ତାହା ଚାଲିଲା । ସେଥିରେ ପୃଥିବୀର ପ୍ରାୟ ଅଧିକାଂଶ ଦେଶର ଭାଷାରେ ସିନେମା, ଗୀତ ସବୁ ରହିଛି । ସେଥିରେ ହିନ୍ଦୀ ସିନେମା ଓ ଗୀତ ଥିବା ଦେଖି ମୋତେ ଭାରି ଗର୍ବିତ ତଥା ଖୁସି ଲାଗିଲା ଯେ ମୋ ଦେଶର ଭାଷାକୁ ଲୋକମାନେ ଭଲପାଉଛନ୍ତି । ଆଉ ସବୁଠାରୁ ଖୁସିର ବିଷୟ ହେଲା ଅନ୍ୟ ଭାଷାରେ, ଇଂରାଜୀକୁ ଛାଡି, ଯେତେ ଯେତେ ଭାଷାରେ ସିନେମା ଥିଲା ସବୁଠାରୁ ଅଧିକ ଥିଲା ହିନ୍ଦୀ ସିନେମା ବିଶେଷ କରି ଅମିତାଭ ବଚ୍ଚନ ଓ ଶାହରୁଖ ଖାନଙ୍କର ସିନେମା । ମୁଁ ବାଛି ବାଛି ବିଭିନ୍ନ ସିନେମା ଦେଖିଲି ସମୟ କାଟିବା ପାଇଁ। ପ୍ରାୟ ଛଅ / ସାତ ଘଣ୍ଟା ପରେ ଫ୍ଲାଇଟ ପୁଣି ଲ୍ୟାଣ୍ଡ କରିବା କଥା ଘୋଷଣା କରାଗଲା । କିଛି ସମୟ ପାଇଁ ଫ୍ଲାଇଟ ଅଟକିବ ଆୟରଲ୍ୟାଣ୍ଡର ସାନୋନ ଏୟାରପୋର୍ଟରେ । ପୂର୍ବରୁ ଏ ବିଷୟରେ ମୁଁ ଜାଣି ନ ଥିଲି । ପରେ ପରେ ଜାଣିଲି ଯେ ୯/୧୧ ଆମେରିକା ଉପରେ ଆତଙ୍କବାଦୀ ଆକ୍ରମଣ ପରେ ଏଇ ପରି ଏକ ନିୟମ କରାଯାଇଥିଲା ଯେ ମଧ୍ୟପ୍ରାଚ୍ୟର ମୁସଲମାନ ଅଧ୍ୟୁଷିତ ଦେଶରୁ ଆମେରିକା ଆସୁଥିବା ଫ୍ଲାଇଟ ଚେକିଙ୍ଗ ପାଇଁ ଏକ ମଧ୍ୟବର୍ତ୍ତୀ ଏୟାରପୋର୍ଟରେ ଓହ୍ଲାଇବାକୁ ବାଧ ।

ପୃଥିବୀର ସବୁଠାରୁ କୁଖ୍ୟାତ ଆତଙ୍କବାଦୀ ସଂଗଠନ ଅଲକାଇଦା ଦ୍ୱାରା ୧୯ ଜଣ ଆତଙ୍କବାଦୀ ନଅ ସେପ୍ଟେମ୍ବର ୨୦୦୧ ଦିନ ଏଗାରଟା ସମୟରେ ଆମେରିକାର ଚାରିଟି ଯାତ୍ରୀବାହୀ ବିମାନ ଅପହରଣ କରି ନେଇ ଆନ୍ତର୍ଜାତୀୟ ବାଣିଜ୍ୟ କେନ୍ଦ୍ର ବା ୱାର୍ଲ୍ଡ ଟ୍ରେଡ ସେଂଟରର ଦୁଇଟି ନଭଶ୍ଚୁମ୍ବୀ ପ୍ରାସାଦ ଯାହା ଟ୍ୱିନ ଟାୱାର ନାମରେ ବିଖ୍ୟାତ ତା ଉପରେ ବିମାନ ମାଡ କରିଥିଲେ । ଚାହୁଁ ଚାହୁଁ ଟ୍ୱିନ ଟାୱାର ଏକ ତାସଘର ପରି ଧରାଶାୟୀ ହୋଇ ଯାଇଥିଲା ଓ ଏହି ଆକ୍ରମଣରେ ଆମେରିକାର ୩୦୦୦ ନାଗରିକଙ୍କର ମୃତ୍ୟୁ ହୋଇଥିଲା ଓ ହଜାର ହଜାର ସଂଖ୍ୟାରେ ଲୋକ ଆହତ ହୋଇଥିଲେ । ଆଉ ସେହିଦିନ ଠାରୁ ଆମେରିକା ନିଜର କଡା ଆଭିମୁଖ୍ୟ ପ୍ରଦର୍ଶନ କରିବାକୁ ଯାଇ ଏହିପରି ଏକ ନିୟମ ଲାଗୁ କରିଛି ।

ଆମର ଫ୍ଲାଇଟ ଧୀରେ ଧୀରେ ତଳକୁ ଖସୁଥିଲା । ତଳେ ଥିଲା ସାନୋନ ସହର । ପ୍ରକୃତରେ ସାନୋନ ହେଉଛି ଆୟରଲ୍ୟାଣ୍ଡ ଦେଶରେ ଥିବା ଏକ ଛୋଟ ଦ୍ୱୀପ । ଚାରିପଟେ ଅଛି ଆଟଲାଂଟିକ ମହାସାଗର । ଏହି ଅଂଚଳରେ ସାନୋନ ନଦୀ ମିଶିଛି ଆଟଲାଂଟିକ ମହାସାଗର ସହିତ । ଉପରୁ ତାହା ଜଳଭାଗ ପରିବେଷ୍ଟିତ ଏକ ଛୋଟ ଟାପୁ ପରି ଦିଶୁଥିଲା। କିନ୍ତୁ ତଳକୁ ଆସିଲା ପରେ ତାର ପ୍ରକୃତିକ ଶୋଭା ଥିଲା ଅତୀବ ମନୋରମ । ଏହି ସହର ନିଜର ପ୍ରକୃତିକ ସୌନ୍ଦର୍ଯ୍ୟ ଓ ଐତିହାସିକ ମହତ୍ତ୍ୱ ପାଇଁ ପ୍ରସିଦ୍ଧ ।

ଏଠାରେ ଫ୍ଲାଇଟ ଲ୍ୟାଣ୍ଡ କରିବାପରେ ଆମକୁ ବାହାରକୁ ଆସିବାକୁ କୁହାଗଲା । ସାନୋନ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ଏକ ଛୋଟ ଏୟାରପୋର୍ଟ । ଆମକୁ ଅଧ ଘଣ୍ଟା ଭିତରେ ବୁଲାବୁଲି ସାରି ପୁଣି ଥରେ ସିକ୍ୟୁରିଟି ଚେକିଙ୍ଗରେ ଲାଇନ ଦେବାକୁ କୁହାଗଲା । ଏୟାରପୋର୍ଟ ଭିତରେ ନୌବାଣିଜ୍ୟ ଭିତ୍ତିକ ଏକ ଛୋଟ ମ୍ୟୁଜିଅମ ଥିଲା ଆଉ ଥିଲା ସେଠାକାର ସ୍ଥାନୀୟ ଜିନିଷର କିଛି ଦୋକାନ । ଆମେ ସେଠାରେ ବୁଲାବୁଲି କରିସାରିଲା ପରେ ସିକ୍ୟୁରିଟି ଚେକିଙ୍ଗ ହେଲା । ଆଉ ମୋତେ ଲାଗିଲା ଏବେ ଯାଏଁ ଯେତେ ଯେତେ ଚେକିଙ୍ଗ ହୋଇଥିଲା ଏହା ଥିଲା ସବୁଠାରୁ କଠୋର ଚେକିଙ୍ଗ । ମୁଁ ପିନ୍ଧିଥିବା ଦୁଇଟି ଚଉଡା ସୁନାର ବାହୁଟି ସେମାନଙ୍କୁ ଦ୍ୱନ୍ଦ୍ୱରେ ପକେଇଲା ।





ସେମାନେ ମୋତେ ତାକୁ ହାତରୁ ଓହ୍ଲେଇବାକୁ କହିଲେ । କିନ୍ତୁ ତାହା ଟିକେ ଟାଇଟ ଥିବାରୁ ଖୋଲି ହେଲାନାହିଁ । ତେଣୁ ସେମାନେ ମୋତେ ଆଉ ଗୋଟେ ଜାଗାକୁ ନେଲେ ଚେକିଙ୍ଗ ପାଇଁ ଯେଉଁଠି ଦୁଇ ଜଣ ଲେଡି ଅଫିସର ମୋତେ ତନ୍ନ ତନ୍ନ କରି ଚେକିଙ୍ଗ କଲେ । ସେମାନେ ସବୁ କିଛି ଠିକ ଅଛି ବୋଲି କହିବା ପରେ ଯାଇ ମୋତେ ଛଡାଗଲା ଫ୍ଲାଇଟ ଭିତରକୁ । ଫ୍ଲାଇଟ ଭିତର ବି ସଫା ଚକ୍ ଚକ୍ କରୁଥିଲା । ସବୁ ସିଟ ପୋଛା ଯାଇ ନୂଆ କଭର ଲାଗିଥିଲା । ସିଟ ଉପରେ ଧୁଆ ବ୍ଲାଙ୍କେଟ ଆଦି ପ୍ୟାକେଟରେ ପଶି ଥୁଆ ହୋଇଥିଲା । ସମସ୍ତେ ନିଜ ନିଜ ସ୍ଥାନରେ ବସିବା ପରେ ଫ୍ଲାଇଟ ପୁଣି ଉଡିଲା ନିଜ ଗନ୍ତବ୍ୟ ପଥରେ । ସୁନ୍ଦର ସବୁଜିମା ପଛରେ ରହିଗଲା । ଫ୍ଲାଇଟ ଏବେ ଉଠୁଥିଲା ଉପରକୁ, ଆହୁରି ଉପରକୁ । ବାଦଲର ଚଦରକୁ କାଟି । ଏବେ ଉପରେ ଥିଲା ନୀଳ ଆକାଶ, ତଳେ ବାଦଲର ନଦୀ, ଢେଉ ଢେଉକା, ଅସରନ୍ତି ସ୍ରୋତ ।

ବାହାରେ ଟିକ୍‌ଟିକ୍ ଖରା । ଫ୍ଲାଇଟ ଏବେ ନ୍ୟୁୟର୍କର ଆକାଶରେ ଚକ୍କର କାଟୁଥିଲା । ନ୍ୟୁୟର୍କର ଜନ୍ ଏଫ କେନେଡି ଏୟାରପୋର୍ଟ ଯାହା ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ୍ ଏଫ କେନେଡିଙ୍କ ନାମରେ ନାମିତ । ଏହା ୧୯୪୮ ମସିହାରେ ସ୍ଥାପିତ ହୋଇଥିଲା । ଯାହା ପୃଥିବୀ ଅନ୍ୟତମ ବ୍ୟସ୍ତବହୁଳ ଏୟାରପୋର୍ଟ । ପ୍ରତିଦିନ ହାରାହାରି ୧୨୦୦ ଫ୍ଲାଇଟ ଏଠାରୁ ଉଡାଣ ଭରିଥାନ୍ତି ଆଉ ବର୍ଷକ ମଧ୍ୟରେ ହାରାହାରି ଛଅ କୋଟି ପଚିଶ ଲକ୍ଷ ଯାତ୍ରୀ ଏହି ଏୟାରପୋର୍ଟ ଦେଇ ଯା'ଆସ କରିଥାନ୍ତି । ଏୟାରଟ୍ରାଫିକ କଂଟ୍ରୋଲରୁ ନିର୍ଦ୍ଦେଶ ପାଇବା ମାତ୍ରେ ଆମର ଫ୍ଲାଇଟ ଓହ୍ଲେଇଲା ତଳକୁ । କିଛି ସମୟ ପରେ ଆମକୁ ବାହାରକୁ ଆସିବାକୁ ଅନୁମତି ମିଳିଲା । ଆଉ ମୁଁ ମୋର ପ୍ରଥମ ପାଦ ରଖିଲି ଆମେରିକା ମାଟିରେ । ଏୟାରପୋର୍ଟ ଭିତର ଲୋକାରଣ୍ୟ। ଯେମିତି ଗୋଟିଏ ଛୋଟିଆ ପୃଥିବୀ ତା ଭିତରେ । କେତେ ପ୍ରକାରର ମଣିଷ, କଳାଗୋରା, ମୋଟାପତଳା, ଡେଙ୍ଗାଗେଡା। ଭଳିକି ଭଳି ବେଶପୋଷାକ। ମୁଁ ଆଖି ପହଁରେଇ ଆଣିଲି ଚାରିଆଡେ । ତାପରେ ଇମିଗ୍ରେସନ ପାଇଁ ଚାଲିଲି । ସେଠାରେ ଅନେକ ପ୍ରକାରର ପ୍ରଶ୍ନକୁ ସାମ୍ନା କରିବାକୁ ପଡିଲା ମୋତେ । କାହିଁକି ଆସିଛ, କେବେ ଯାଏଁ ରହିବ, ଏଠାରେ କିଏ ଅଛନ୍ତି, ସେମାନେ କେଉଁଠି ରୁହନ୍ତି, ସାଙ୍ଗରେ କଣ ସବୁ ଆଣିଛ ଇତ୍ୟାଦି ଇତ୍ୟାଦି । ଆମେରିକାର ଇମିଗ୍ରେସନ ନିୟମ ଖୁବ୍ କଡାକଡି ଓ ଏହି ଅଧିକାରୀମାନଙ୍କ ହାତରେ ଅଖଣ୍ଡ ଶକ୍ତି ରହିଛି । ଇମିଗ୍ରେସନବାଲା ଯଦି ତୁମ କଥାରେ ସନ୍ତୁଷ୍ଟ ନ ହେବେ ତେବେ ସେଠାରୁ ହିଁ ତୁମକୁ ତୁମର ନିଜ ଦେଶକୁ ପଠେଇ ଦେଇପାରିବେ । ସେଥିପାଇଁ ଝିଅ ମୋତେ ସମ୍ଭାବ୍ୟ ପ୍ରଶ୍ନ ଓ ଉତ୍ତରର ଏକ ଲିଷ୍ଟ ଦେଇଥିଲା ପୂର୍ବରୁ । ଯାହା ହେଉ ମୁଁ ସେଠାରୁ ବାହାରି ନିଜର ଲଗେଜ ନେଲି ହ୍ୱିଲରୁ । ଆମର ଏଠା ପରି ସେଠି କିନ୍ତୁ ଲଗେଜ ଟ୍ରଲି ମାଗଣା ମିଳେନାହିଁ । ତା ପାଇଁ ପେମେଣ୍ଟ କରିବାକୁ ପଡେ କାର୍ଡରେ । ଯଦିଓ ମୋ ପାଖରେ ବିଦେଶ ଯାତ୍ରା କାର୍ଡ ଥିଲା ହେଲେ କେମିତି ଓ କେଉଁଠି ପେମେଣ୍ଟ କରିବାକୁ ହେବ ଜାଣି ନ ଥିବାରୁ ମୁଁ ବଡ କଷ୍ଟରେ ନିଜ ଲଗେଜକୁ ଧରି ବାହାରକୁ ଆସିଲି । ବାହାରେ ବିଛାଡି ହୋଇଥିଲା ତୋଫା ଖରା । ଆଖି ଝଲସି ଯାଉଥିଲା ଖରାରେ । ତେବେ କଣ ଏବେ ଏଠି ଦ୍ୱିପ୍ରହର ହେଇଛି ! ମୋ ମନରେ ପ୍ରଶ୍ନ । ହେଲେ ଝିଅ କହୁଥିଲା ସେଠାକାର ସମୟ ସନ୍ଧ୍ୟା ଛଅଟାରେ ଫ୍ଲାଇଟ ଲ୍ୟାଣ୍ଡ କରିବ ବୋଲି । ମୁଁ ମୋବାଇଲ ବାହାର କରି ସମୟ ଦେଖିଲି । ସମୟ ହୋଇଥିଲା ସନ୍ଧ୍ୟା ସାତଟା ବାଜି ପନ୍ଦର ମିନିଟ । କିନ୍ତୁ ଏଠି ତ ଆମ ଦେଶର ଖରାଦିନ ଦ୍ୱିପ୍ରହର ପରି ଆଖିଝଲସା ଖରା । ସନ୍ଧ୍ୟା ସାତଟାରେ ଯଦି ଏମିତି ଖରା, ତେବେ ରାତି କେତେବେଳେ ହେବ ? ଏଇଠି ମୋତେ ଅପେକ୍ଷା କରିଥିଲା ଆମେରିକା ମାଟିରେ ମୋ ପାଇଁ ପ୍ରଥମ ଆଶ୍ଚର୍ଯ୍ୟ । (ଆରଥରକୁ)

♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

---

## ମୋ ଗେଲ୍ଲୀ ଭାଉଜର ଅବର୍ତ୍ତମାନରେ

# ଲୁହର ସମୁଦ୍ରରେ ଇନ୍ଦ୍ରାଣୀ

**ସାବିତ୍ରୀ କବି**

(ଏକାଦଶାହ ଉପଲକ୍ଷେ)

ଆଉ କେବେ ତୋ ଫୋନ୍ ଆସିବନି ମୋ ପାଖକୁ। ଆଉ କେହି ମିଠାମିଠା କଣ୍ଠରେ, ବୀଣାଜୀଣା ସ୍ୱରରେ ଗଦଗଦ ଖୁସିରେ, କହିବନି 'ନାନୀ, ମୁଁ ଇଣ୍ଡିଆ ଯାଉଚି, ମୁଁ ପହଞ୍ଚିବା ବେଳକୁ ତୁ ଘରେ ଥିବୁ।'

ସାରା ବର୍ଷର ଛୁଟି ମୁଁ ଆଉ କୃପଣ ଭଳି ସାଇତି ରଖିବି ନାହିଁ ତୋ ପାଇଁ। ବର୍ଷକ ଭିତରେ ନିହାତି କମ୍‌ରେ ତୁ ଦୁଇ ତିନି ଥର ଇଣ୍ଡିଆ ଆସିବୁ, ମୁଁ ମୋର ସକଳ କାମକାର୍ଯ୍ୟ ଯାବତ୍ ଜଞ୍ଜାଳ ପଛରେ ପକେଇ ଛୁଟି ଦରଖାସ୍ତ ଖଣ୍ଡିଏ ଅଫିସରେ ଫିଙ୍ଗିଦେଇ, ମୋ ପିଲା ଛୁଆଙ୍କୁ ଧରି ଡେରା ପକେଇବି ଆମ ଘରେ, ମାନେ ତୋ ଘରେ, ଯେଉଁଟା ତୋ ଶ୍ୱଶୁର ଘର, ତୋ ଛୁଆଙ୍କ ବାବାର ବାଡ଼ି, ଯାହାକୁ ନେଇ କେତେ ଫୁଲେଇ ହଉ ତୁ, ଗର୍ବରେ ଫାଟିପଡୁ। ଯେଉଁଠି ଦିନେ ଆମ ଅନ୍ଧାର ଆକାଶକୁ ସାତ ରଙ୍ଗରେ ରଙ୍ଗେଇ, ସାତ ସୁରରେ ଝୁମେଇ ଜନ୍ମ ନେଇଥିଲା ତୋ ମନର ମଣିଷ, ତୋ ହୃଦୟର ରାଜା, କୋଟିଏରେ ଗୋଟିଏ ମୋ ଭାଇ, ତୋ ଇହକାଳ ପରକାଳର ଦେବତା। ଅଗ୍ନିକୁ ସାକ୍ଷୀରଖି ସାତ ଫେରା ବୁଲି, ଜନ୍ମ ଜନ୍ମକୁ ସାଥି କରି ଦିନେ ତୋତେ ବଧୂବେଶରେ ସଜେଇ ଏ ଘରକୁ ଆଣିଥିଲା।

ଯାହାର ନିଶ୍ୱାସ ସହ ତୋ ନିଶ୍ୱାସ ଚାଲେ, ଯାହାର ଛାଇ ସହ ତୋ ଛାଇ ଚାଲେ, ଯାହାର ରକ୍ତର ସୁଅରେ ତୋ ବିଶ୍ୱାସର ମାଳମାଳ ମଖମଲି ସ୍ୱପ୍ନ ଢେଉ ଭାଙ୍ଗେ, ଯାହା ସହ ତୋର ସବୁ ଥିବା ଓ ନଥିବାପଣ ପୁନର୍ଜନ୍ମ ନିଏ, ସେଇଟି ତୋ ସ୍ୱପ୍ନର ଘର, ତୋ ଇପ୍ସିତ ଇନ୍ଦ୍ରପୁରୀ, ସେ ଇନ୍ଦ୍ରପୁରୀର ତୁ ଇନ୍ଦ୍ରାଣୀ, ସେ ରାଣୀ ହଂସପୁରରେ ତୁ ରାଜରାଣୀ, ସେଇ ମନ୍ଦିରର ବିରାଜମାନ ତୁ ମାଆ ଲକ୍ଷ୍ମୀଠାକୁରାଣୀ।

ଆଜି ସବୁ ବନ୍ଧନରେ ରଜ୍ଜୁ ଛିଣ୍ଡେଇ, ମୋହମାୟାର ବନ୍ଧନ ଭାଙ୍ଗିରୁଜି ତୁ କୁଆଡେ ଗଲୁଲୋ ଚଣ୍ଡାଳୁଣୀ, ଲୋ ସାଆନ୍ତାଣୀ, ଲୋ ଗେହ୍ଲେଇ ଫୁଲେଇ ରାଜ ଦୁଲଣି, କୁଆଡ଼େ ଗଲୁ !

ତୋର ଏମିତି ନୀରବରେ ହଜି ଯିବାର ଥିଲା, ଚୁପଚାପ ନିରବୀ ଯିବାର ଥିଲା, ଆମ ସ୍ୱପ୍ନର ନଅରକୁ ଭାଙ୍ଗିରୁଜି ଚୁରମାର କରିଦବାର ଥିଲା ବୋଲି କିଏ ଜାଣିଥିଲା ? କାହାକୁ କିଛି ନ କହି, ଏ ଆକାଶ, ପୃଥିବୀ, ମାଟି ଉପରୁ ମୁହାଁସ ତୁଟେଇ ତୋ ପିଲା ଛୁଆଙ୍କ ସଂସାର ଉପରୁ ମୁହଁ ଫେରେଇ ନେଇ ଚାଲିଗଲୁ, ହସେଇ ହସେଇ, କନ୍ଦେଇ କନ୍ଦେଇ, ଝୁରେଇ ଝୁରେଇ, ଆମକୁ ତାର ବିନ୍ଦୁବିସର୍ଗ ଟେର ପାଇବାକୁ ଦେଲୁ ନାହିଁ।

ତୋର କୋଉ କଥାକୁ ଭୁଲିବି, କୋଉ ସ୍ମୃତିକୁ ପାସୋରି ପାରିବି ? ତୋ ସହ ବିତିଥିବା କୋଉ ଅନ୍ତରଙ୍ଗ ମୁହୂର୍ତ୍ତକୁ, କୋଉ ଚିଠିକୁ ଚିରି ଫୋପାଡ଼ି ପାରିବି, କୋଉ ମେସେଜକୁ ଡିଲିଟ କରି ପାରିବି ହୃଦୟରୁ, କୋଉ ଫଟୋଟିକୁ ଉତ୍ତାରି ପାରିବି ମନର କାନ୍ଥରୁ ??

ତୁ ଥିଲୁ ଗୋଟେ ସ୍ୱପ୍ନ ଭର୍ତ୍ତି ଆକାଶ, ଗୋଟେ ଛଳଛଳ ଜହ୍ନରାତି କୋଉ ଦିନ ଦଣ୍ଡ, ମାସ ବର୍ଷରେ ତୋତେ ତଉଲି ପାରିବ ମହାକାଳ ଈଶ୍ୱର ନିଷ୍ଠୁର।

ସବୁ କାଲିପରି ଲାଗୁଚି, ତୁ ଆମ ଘରକୁ ବୋହୂ ହୋଇ ଆସିଥିଲୁ। । କି ସୁନ୍ଦର ଗୋଲଗାଲ ଋଷି ମନଜିଣା ଚେହେରା,ଆଖିରେ ଆଖିଏ କୁଆଁରୀ ଲାଜ, ସୁନାପୁଟ ଦିଆ ଦେହ, ମୁଣ୍ଡରେ ଢେଉ ଢେଉକା ରେଶମୀ ବାଳ, ମଲ୍ଲୀ ଫୁଲିଆ ହସ, ରାଜଜେମାର ଠାଣୀ ନେଇ ତୁ ଆମ ଆକାଶକୁ ସହସ୍ର ଆଲୁଅରେ ଉଜ୍ଜଳ କରି ଦେଇଥିଲୁ । ମୁହୂର୍ତ୍ତକରେ ତୋ ମିଠାମିଠା ଯାଦୁଭରା କଥାରେ ସମସ୍ତଙ୍କ ହୃଦୟ ଜିଣି ଯାଇଥିଲୁ ।

କଥା ଠିକ୍ ଏମିତି ଥିଲା । ତୋ ବାବା ମାଆ ମୋ ଭାଇ ସହ ଟ୍ରେନର ଗୋଟିଏ ବଗିରେ ଯିବାବେଳେ ଭେଟ ହୋଇଥିଲେ, ମାତ୍ର ତୋ ସହ ନୁହେଁ । ମୋ ଭାଇର ସ୍ୱଭାବ ଓ ବ୍ୟକ୍ତିତ୍ୱ ସେ ଦୁହିଁଙ୍କୁ ଏତେ ପ୍ରଭାବିତ କରିଥିଲା ଯେ ତୋ ପାଠ ପଢ଼ା ସରିବା ପରେ ସେମାନେ ମନେମନେ ତାକୁ ଜ୍ୱାଇଁ କରିବାକୁ ସ୍ଥିର କରି ସାରିଥିଲେ । ତୋର ପଢ଼ା ସରିବା ପରେ ଆମ ଘରକୁ ପ୍ରସ୍ତାବ ଆସିଥିଲା । ମାତ୍ର ଏତେ ବଡ଼ ଘର ଝିଅ, ଏମିତି ଟ୍ୟାଲେଣ୍ଟେଡ ଝିଅ, ଆମ ଘର ତରଫରୁ ସବୁ ନାଁ କୁ ହଁ ରେ ପରିଣତ କରିଥିଲେ ତୁମ ପରିବାର।

ତୋ ବାପା ମାଆଙ୍କର ଏକମାତ୍ର ଅଲିଅଳ ରାଜଦୁଲଣି, ସୁନା ଚାମୁଚାରେ ଖାଇ ସୁନା ଡାଳରେ ପାଣି ପିଉଥିଲୁ.। ତୋ ବାବା ଆମ ଘର ଦେଖି ନଥିଲେ ବର ଦେଖି କହିଥିଲେ, ' ପୁରୀ ରାଜାପୁଅକୁ ମୁଁ ଜ୍ୱାଇଁ କରିବି। ତୋ ଡାକ୍ତରାଣୀ ମାଆ ଜିଦ ଧରିଥିଲେ, 'ତା ଛଡ଼ା ମୁଁ ଆଉ କାହା ହାତରେ ମୋ ଝିଅକୁ ଟେକି ଦେଇ ପାରିବି ନାହିଁ।' ମାଆ ବୁଝେ ଲଗ୍ନ ଶୁଝେ । ତାହାହିଁ ହେଲା। ଖୁବ ଧୂମ୍‌ଧାମ୍‌ରେ ବାହାଘର ହୋଇଥିଲା । ପକ୍ଷୀରାଜ ଘୋଡ଼ାରେ ମୋ ଭାଇ ବର ସାଜି ଯାଇଥିଲା ତୁମ ଘରକୁ । ସେଦିନ ଟାଲିଗଞ୍ଜର ଆକାଶରେ ମେଘ ନ ଥିଲା, ଖରା ନ ଥିଲା, ଖାଲି ପ୍ରେମର ବର୍ଷା ହେଉ ଥିଲା ।

ଆମ ଘରେ ତୋ ଲକ୍ଷ୍ମୀପାଦ ପଡ଼ିବା ପରଠୁଁ, ଆମ ଅଗଣାରେ ତୋ ଛାଇ ପଡ଼ିବା ପରଠୁଁ, ଆମ ଠାକୁର ଘରେ ତୋ ନଜର ପଡ଼ିବା ପରଠୁଁ, ସେ ମାଟି ଅଗୁରୁ ଚନ୍ଦନରେ ମହକି ଉଠିଥିଲା, ସେ ଘର ଅସୀମ ପବିତ୍ରତାରେ ଭରି ଯାଇଥିଲା । ସେ ଆକାଶରେ ଜହ୍ନର ରୂପେଲି କିରଣ ଢେଉ ଭାଙ୍ଗୁଥିଲା । ପ୍ରଥମ ଦିନରୁ ଆମର ଏ ମାଟି ଘର, ଅଗଣାର ମୋହ, ତୋତେ ଗୋଟିପଣେ ଆବୋରି ବସିଥିଲା ।

ପାଠରେ, ଶାଠରେ, ବୁଦ୍ଧିରେ ଜ୍ଞାନ ଗରିମାରେ ତୁ ଥିଲୁ ଅନନ୍ୟା ଅନୁପମା । ପଢା ସରୁସରୁ ବାହାଘର, ପାରେପରେ ଚାକିରୀ, ତା ପରେ ସାତ ସମୁଦ୍ର ତେର ନଈ ଡେଇଁ ସୁନାର ଚଢ଼େଇ ସୁନାର ପର ଝାଡ଼ିଝାଡ଼ି ତୁମେ ଦୁହେଁ ଉଡ଼ି ବୁଲିଲ ଆକାଶରୁ ଆକାଶ, ଛୁଇଁଲ ଇଥରରୁ ଆନ୍ତରୀକ୍ଷ । ଯୋଡ଼ାକୁ ଘୋଡା ସରି ହେଲେ ନାହିଁ। ତୁମେ ଦୁହେଁ ଆଖି ଝଲସିଯିବା ପରି ବଡ଼ବଡ଼ ଚାକିରୀ କଲ, ନାଁ କମେଇଲ, ଆହୁରି ପଢ଼ିଲ, ଆହୁରି ଉଡ଼ିଲ, ସ୍ୱର୍ଗର ଦେବତାମାନଙ୍କ ଆଶୀର୍ବାଦ ଫୁଲ ହୋଇ ଝରି ପଡିଲା ତୁମ ଉପରେ ।

ଯେତେ ଉଚ୍ଚରେ ଥାଇବି ତୁମେ ମାଟିକୁ ଚିହ୍ନିଥିଲ, ମଣିଷକୁ ଚିହ୍ନିଥିଲ, ସ୍ନେହ ମମତାର ମୂଲ ବୁଝିଥିଲ, ବାପା ମାଆ ଭାଇ ଭଉଣୀର ପରିବାରକୁ ନେଇ କେତେ ଗର୍ବ କରୁଥିଲ, ଖୁସିରେ ମହକୁ ଥିଲ, ଘରକୁ ସ୍ୱର୍ଗରେ ପରିଣତ କରିବାରେ ଥିଲା ତୁମର ନିଆରା ଆନନ୍ଦ । ଆମେ କେହି କାହାକୁ ଛାଡ଼ି ଦଣ୍ଡେ କି ଘଡ଼ିଏ ବଂଚିବା ସମ୍ଭବ ନ ଥିଲା । କେହି କାହା ସହ ଯୋଗାଯୋଗରେ ନ ରହିଲେ ପାଗଳ ପରି ଲାଗୁଥିଲା, ପୃଥିବୀ ଅନ୍ଧାର ଦିଶୁଥିଲା । କେତେ ଉତ୍ସର୍ଗୀକୃତ ଥିଲା ତୁମ ଦୁହିଁଙ୍କର ଜୀବନ ! ପରିବାର ପାଇଁ, ଗାଆଁ, ମାଆ, ମାଟି ଓ ମଣିଷ ପାଇଁ ତୁମେ ଥିଲ ଈଶ୍ୱରଙ୍କ ବରଦାନ ।

ଯୁଆଡେ ଗଲ, ଯେଉଁ ଦେଶରେ ରହିଲ, ତିଆରି ହେଲା ନିଆରା ସମ୍ପର୍କ, ଜୀବନର ଜୟଯାତ୍ରାରେ ଯୋଡି ହୋଇଗଲା ନୂଆନୂଆ ଫର୍ଦ୍ଦ, ସୃଷ୍ଟି ହେଲା ନୂତନ ଅଧ୍ୟାୟ। ଦୁହିତା ଦୁଇ କୂଳକୁ ହିତା । ତୁ ସେ ଧର୍ମ ଅକ୍ଷରେ ଅକ୍ଷରେ ପାଳନ କରିଥିଲୁ । ଜଣେ ଗେଲ୍ଲୀ ଝିଅ ଭାବରେ ବାବା ମାଆଙ୍କ ପ୍ରତି ତୋର କର୍ତ୍ତବ୍ୟ, ସୁନାନାକୀ ବୋହୂ ଭାବରେ ତୋର ସବୁ ଦାୟିତ୍ୱ ନିଭେଇ ତୁ ସମସ୍ତଙ୍କୁ ଋଣୀ କରିଦେଇ ଗଲୁ । ବିଧାତା ତୁମ ଦୁହିଁଙ୍କର ଏ ଈର୍ଷାଣୀୟ ଯୋଡ଼ିକୁ ସ୍ୱର୍ଗରୁ ତିଆରି କରି ପଠେଇ ଥିଲେ । ତୁମ ଦୁହିଁଙ୍କର ମନର ମିଳନ ଅଦ୍ଭୁତ, ଚିନ୍ତାଧାରା ଏତେ ସକାରାତ୍ମକ ଥିଲା, ଏତେ ବ୍ୟାପକ ଥିଲା ଯେ ସବୁ ସାଧାରଣକୁ ଅସାଧାରଣ ଭାବେ ଆକଳନ କରିବା ଥିଲା ତୁମର ସ୍ୱାତନ୍ତ୍ୟ ।ସବୁ କିଛିକୁ ଖୁବ ସୂକ୍ଷ୍ମ ଦୃଷ୍ଟିରେ ଦେଖିବା ଓ ତାର ଗଠନମୂଳକ ଦିଗଟି ପ୍ରତି ସଚେତନ ହୋଇ ସମସ୍ତଙ୍କର ମଙ୍ଗଳ କରିବା ଥିଲା ତୁମ ଜୀବନର ଅନ୍ୟତମ ଚରମ ଲକ୍ଷ୍ୟ ।

ମୋର ମନେଅଛି ତୁ ଯେଉଁଦିନ ପ୍ରଥମ କରି ଆମଘରେ ପାଦ ଦେଇଥିଲୁ, ତୋତେ ଲାଗିଥିଲା ସତେ ଯେମିତି ସ୍ୱର୍ଗର ଆମରାବତୀରେ ପହଂଚି ଯାଇଛୁ । ଆମ ଗାଁ, ମାଟି ଘର, ଝୋଟି ଚିତା ତୁଳସୀ ଚଉଁରା ଦେଖି ତୁ ଖୁସିରେ ଆତ୍ମହରା ହୋଇଉଠିଥିଲୁ । ମେଟ୍ରୋ ସିଟିରେ ଅତ୍ୟାଧୁନିକ ଚଳଣି ଓ ଚାକଚକ୍ୟରେ, ଭିନ୍ନ ଆଦାବକାଇଦା ଭିତରେ ଅୟସରେ ବଢ଼ିଥିବା ଅପରୂପା ସୁନ୍ଦରୀ ରାଜଜେମା କେମିତି ନିପଟ ମଫସଲ ଗାଆଁର ସବୁଜ ଶ୍ୟାମଳ ପରିବେଶରେ ନିଜକୁ ହଜେଇ ଦେବାରେ ଅପାର ଆନନ୍ଦ ପାଉଥିଲା ଭାବିଲେ ସ୍ୱପ୍ନପରି ଲାଗେ । ଖାଣ୍ଟି ବେଙ୍ଗଲୀ ବ୍ରାହ୍ମଣ ପରିବାରର ଝିଅ ହୋଇ ତୁ ଓଡ଼ିଆ ଘରର ସମସ୍ତ ରୀତିନୀତି, ଚଳଣି ଓ ପରମ୍ପରାକୁ ମାନି ଚଳିବା ଓ ସମସ୍ତଙ୍କୁ ସମ୍ମାନ ଦେବାରେ ତୋର ଦିବ୍ୟ ଆନନ୍ଦ ଦେଖିଲେ ଛାତି କୁଣ୍ଢେମୋଟ ହୋଇଯାଏ । ତୁ ସବୁବେଳେ କହୁଥିଲୁ, 'ନାନୀ, ଆମ ଘରେ ସବୁ ପୂଜା ପର୍ବ ଉପାସ ବାର ମୋତେ ଜଣେଇବ ମୁଁ ସବୁ ପାଳିବି ।'

ପ୍ରତିବର୍ଷ ତୁ ଓଡ଼ିଆ ପାଞ୍ଜି ଅନୁସାରେ ପର୍ବପର୍ବାଣୀ ପାଳୁ । ଉପାସ ବାର କରୁ । ସାବିତ୍ରୀ ବ୍ରତର ଉପାସ ରଖିବାରେ ତୋର କି ଆନନ୍ଦ । ଶିବ ଜାଗରରେ ଦୀପ ଲଗାଉ । ସମ୍ବଲପୁରୀ ପାଟ ପିନ୍ଧିବାକୁ ଭଲ ପାଉ, ପ୍ରଭୁ ଜଗନ୍ନାଥଙ୍କ ପାଖକୁ କେତେଥର ପୁରୀ ଯାଉ, କହୁ 'ତୋ ଭାଇ ପାଇଁ ମୁଁ ସବୁ କରିବି, ତୋ ଭାଇ ମୋ କୋଟି ତାପସ୍ୟାର ଫଳ।' କେତେ ନିଷ୍ଠାରେ ତୁ ଠାକୁର ପୂଜା କରୁ, ଦୁଃଖିରଙ୍କଙ୍କ ଦୁଃଖ ବୁଝୁ, ଦାନଛତ୍ର ଦେଉ, ଗରିବଗୁରୁବାଙ୍କୁ ସହାୟ ହେଉ ଈଶ୍ୱର ତୋତେ ଆମଠୁ ଛଡେଇ ନେଲେ କୋଉ ନ୍ୟାୟରେ ? ତୁ କି ଅପରାଧ କରିଥିଲୁ। ତୋ ନିରୀହ ନିଷ୍ପାପ ଛୁଆଙ୍କୁ ମାଆ ଛେଉଣ୍ଡ କରିଦେଲେ, ତୋ ଜୀବନ, ତୋ ପ୍ରାଣର ଧନ ମୋ ଭାଇକୁ ଅସହାୟ କରିଦେଲେ, ଆମସମସ୍ତଙ୍କୁ ଲୁହର ସମୁଦ୍ରରେ ଭସେଇ ଦେଲେ ?

ତୁ କଲିକତାର ନାମୀ ଆଇ ଟି ସି ସଂଗୀତ ରିସର୍ଚ୍ଚ ଏକାଡେମୀରୁ ଶାସ୍ତ୍ରୀୟ ସଂଗୀତ ଶିଖିଥିଲୁ । ତୋ ପ୍ରିୟ ଗୁରୁଥିଲେ ଉସ୍ତାଦ ପଣ୍ଡିତ ଜୈନୁଲାବଦ୍ଦିନ, ତୁ କେତେ କହୁଥିଲୁ ତାଙ୍କ କଥା। ଗୁରୁଦିବସରେ ଯେଉଁଠି ଥିଲେ ବି ତୋ ଗୁରୁମାନଙ୍କୁ ଖୋଜି ଥାଉ । ସେମାନଙ୍କ ଠୁଁ ଆଶୀର୍ବାଦ ନେଇ ଥାଉ। ତୋ ଠୁଁ କେତେ କଣ ଶିଖିବାର ଥିଲା, ତୋ ଆଦର୍ଶକୁ ଶହେ ସଲାମ ଦେଲେବି ଯଥେଷ୍ଟ ହେବନି। ତୁ ଆମଠୁଁ ବୟସରେ ସାନ ହେଲେ ବି ତୋତେ କୋଟି ପ୍ରଣାମ ଜଣେଇବାକୁ ଇଚ୍ଛା ହୁଏ ।

ତୁ ସୁନ୍ଦର ଗୀତ ଗାଉଥିଲୁ । ତୋ ବୀଣାଜିଣା କଣ୍ଠରେ ହୃଦୟ ଛୁଆଁ ଓଡ଼ିଆ ଗୀତ ସବୁ ବାଛିବାଛି ଗାଉଥିଲୁ, ଯାହା ମୋ ଭାଇ ପାଇଁ ହିଁ ଉର୍ଦ୍ଦିଷ୍ଟ ଥିଲା । ତୁ ସବୁବେଳେ ଓଡ଼ିଆ ଭଜନ ଶୁଣିବାକୁ ଭଲ ପାଉଥିଲୁ । ବିଦେଶରେ ରହିବି ଅବସର ସମୟରେ ତୁ ଆମ ସହ ଗୀତ କମ୍ପିଟିସନ କରୁଥିଲୁ । କି ସୁନ୍ଦର ସୁଲ୍ଲଳିତ କଣ୍ଠ ତୋର । ହଜାର ହଜାର ଗୀତର ଗନ୍ତାଘର ତୁ । ତୋର ମନେ ଅଛିନା ମାନୁ, କରୋନା ବେଳେ ସବୁଭାଇ ଭଉଣୀ, ଭାଉଜ ମିଶି କେତେ ଆନ୍ତାକ୍ଷରୀ କରୁଥିଲେ ଆମେ ! ତୁ ସବୁବେଳେ ତୋ ପଟରେ ମୋତେ ହିଁ ନବାକୁ ଚାହୁଁଥିଲୁ । ଆମର ହିଁ ଜିତାପଟ ହେଉଥିଲା । ତୁ କିନ୍ତୁ ସେ ଜିତା ପଟକୁ ମାନୁନଥିଲୁ । କହୁଥିଲୁ No its only for amusement,We all are equal. ତୋ ସେ ମିଠାମିଠା କଥା, ତୋ ଗେହ୍ଲାପଣ ଆଜି ସବୁ ଆଖିର ଲୁହ ହୋଇ ବୋହି ଯାଉଛି ଲୋ ମାନୁ । କରୋନା ବେଳେ କେତେ ଖୟାଲ ରଖୁଥିଲୁ ତୁ ଆମର !! ଏମିତ କରିବ, ସେମିତି କରିବନି, ସବୁ ନିୟମ ମାନିବ, ଦାଦା କୁଆଡେ ଯିବନି, ଆହୁରି ଆହୁରି କେତେ କଣ । କହୁଥିଲୁ ଦାଦା(ଦେଢଶୁର ) ମୋତେ ଥରେ ତୁମ କଲେଜ ନେଇ ଚାଲ।

ତୁ କ୍ଲାସିକାଲ ଡାନ୍ସରେ ପାରଙ୍ଗମ ଥିଲୁ । କଲିକତାର ତନୁଶ୍ରୀ ଶଙ୍କର ଡାନ୍ସ ଏକାଡେମୀରୁ ନାଚ ଶିଖିଥିଲୁ । ବିଦେଶରେ ତୁମ ଓଡ଼ିଆ ସୋସାଇଟିର ବିଭିନ୍ନ ଓଡ଼ିଆ ପର୍ବପର୍ବାଣୀ ପାଳିବା ଅବସରରେ ତୁ ଷ୍ଟେଜ ଆଙ୍କରିଂ କରୁଥିଲୁ, ଆମକୁ ସେସବୁର ଭିଡିଓ ପଠାଉଥିଲୁ, ଆମେ ଗର୍ବରେ ଫାଟି ପଡୁଥିଲୁ। ସବୁବେଳେ ନୂଆ କିଛି କ୍ରିଏଟିଭ କାମ କରିବା ତୋର ଅନ୍ୟତମ ରୁଚି । କେତେବେଳେ କୋଉ ସର୍ପ୍ରାଇଜ ତୁ ରଖିଥାଉ ଆମ ପାଇଁ କେହିବି ଜାଣି ନଥାଉ । କେତେବେଳେ କାହା ଆକାଉଣ୍ଟରେ ପହଂଚି ଯାଇଥିବ ଟଙ୍କା, କାହା ନାଁ ରେ ସର୍ପ୍ରାଇଜ ଗିଫ୍ଟ, ନହେଲେ ତୋ ମିଠା ଗୀତର ରାଗିଣୀ, କେଉଁ ଭାବରେ ତୁ ଋଣୀ କରି ଦେଇଗଲୁ ଲୋ ଗେହ୍ଲି !

ତୋ ବିନା ଆମ ପରିବାରରେ ପତ୍ରଟିଏବି ହଲେ ନାହିଁ । ତୋ ବିନା ଆମ ଘର ସାମାନ୍ୟ ନିଷ୍ପତ୍ତି ନିଆ ଯାଏନି । ପିଲାମାନଙ୍କ ପାଠପଢ଼ା ହେଉକି ଘର ତୋଳା, ଡାକ୍ତର ଚିକିତ୍ସା ସବୁଠି ତୋର ପ୍ରତ୍ୟକ୍ଷ ଓ ପରୋକ୍ଷ ଭୂମିକା ରହିଥାଏ। ସବୁବେଳେ କହୁଥିଲୁ 'ମୋର ମନି ପାୱାର ନୁହେଁ ମ୍ୟାନ ପାୱାର ଦରକାର। ଏ ଘରର ଚାରି କାନ୍ଥ ଡେଇଁ କେହିବି କୁଆଡ଼େ ଯାଇ ପାରିବେନି । ଆମେ ସମସ୍ତେ ଗୋଟିଏ ଛାତ ତଳେ ରହିବା । ଆମେ ସମସ୍ତେ ସାଥିହୋଇ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଦେଖିବା।'

ତୁ ତୋ ବାପା ମାଆଙ୍କର ଏକମାତ୍ର ସନ୍ତାନ ଥିଲୁ. ତୋର ଭାଇ କି ଭଉଣୀ କେହି ନ ଥିଲେ । ଆମ ଘରେ ଭାଇ ଭଉଣୀଙ୍କୁ ଦେଖି ତୁ ଖୁସିରେ ଗଦଗଦ ହୋଇ ପଡୁଥିଲୁ । ଦେଢଶୁର ନୁହେଁ ସିଏ ମୋ ବଡ଼ ଭାଇ, ଦିଅର ନୁହେଁ ମୋ ସାନ ଭାଇ । ଗାଆଁକୁ ଆସିଲେ ନିଜ ହାତରେ ରୋଷେଇ କରି ନୂଆନୂଆ ଆଇଟମ ବନେଇ ଖୁଏଇବା, ଏକାଠି ବସି ଦୁଃଖ ସୁଖ ହେବାରେ ତୋର ଅପାର ଆନନ୍ଦ ।

ଏତେବଡ଼ ପଦବୀରେ ଥାଇବି ତୋ ପିଲାଙ୍କୁ ଟିଉସନ ନ ଦେଇ ନିଜେ ପାଠ ପଢେଇବା, ସେମାନଙ୍କୁ ଏତେ ସୁନ୍ଦର ସଂସ୍କାର ଦେଇ ବଢ଼େଇବା, ପୂଜାପର୍ବରେ ସମସ୍ତଙ୍କୁ ଘରକୁ ନିମନ୍ତ୍ରଣ କରି ଅତିଥି ଚର୍ଚ୍ଚା କରିବାରେ ତୋର ଖୁସି । ଅଫିସରୁ ଘର, ଗାଆଁ ତୁମ ସୋସାଇଟି ସବୁଠି ତୋର ଦବଦବା ହିଁ ବଜାୟ ରହିଥାଏ । କଥାରେ ନୁହେଁ କାମରେ ବିଶ୍ୱାସ ରଖୁଥିବା ତୋ ପରି ଝିଅଟିଏ ଆମ ସମସ୍ତଙ୍କ ପାଇଁ ପାଲଟି ଯାଇଥିଲା ରୋଲ ମୋଡେଲ। ସେଥିପାଇଁ ତୋ ସାଙ୍ଗ ମହଲରେ ସମସ୍ତେ ତୋତେ ଆଇରନ ଲେଡି ବୋଲି କୁହନ୍ତି । ଟିକିଏ ସ୍ନେହ ଓ ମିଠାକଥା ପଦେ ଛଡ଼ା ଆଉ କିଛିବି ଆଶା ନ ଥାଏ ତୋର । ତୋ ଉଦାରପଣରେ ସମସ୍ତଙ୍କୁ ଧାରୁଆ ରଖି ଦେଇଗଲୁ । କହୁଥିଲୁ, 'ନାନୀ ତୁମ ଭାଇ ଭିସା ବାହାର କରି ଦେବେ, ଦାଦା ଓ ତୁମେ ଆସିବ, ତୁମର ଲେଖିବାକୁ ଖୋରାକ ମିଳିଯିବ।' ମୋର ସବୁଯାକ ବହି ତୁ ଟଙ୍କା ଖର୍ଚ୍ଚ କରି ଛପେଇଥିଲୁ। କହୁଥିଲୁ, ତୁମର ସବୁ ବହି ମୁଁ ଛାପିବି, ତୁମେ କେବଳ ଲେଖି ଚାଲ ।' ମୋ କବିତା ଇଂରାଜୀରେ ଅନୁବାଦ କରିବୁ କହିଥିଲୁ ।



ଓଡ଼ିଆ ଭାଷା ପ୍ରତି ତୋର ଅସୀମ ଭଲ ପାଇବା ଦେଖି ମୁଁ ତୋତେ ଛବିଳ ମଧୁ ବର୍ଣ୍ଣବୋଧ କିଣି ଦେଇଥିଲି । ତୁ ଓଡ଼ିଆ ଶିଖିଥିଲୁ। ତୋ ପିଲାମାନଙ୍କୁ ଶିଖେଇ ଓଡ଼ିଆରେ କଥାବାର୍ତ୍ତା କରେଇ ଖୁସି ହେଉଥିଲୁ ।

ଆଜି ତୋର ଏକାଦଶାହ । ଏଇ ତୋର ଗଙ୍ଗା କାର୍ଡ । ତୋ ଫଟୋରେ ଫୁଲମାଳ, କପାଳରେ ଜଳୁଛି ଦାଉ ଦାଉ ସିନ୍ଦୁର, ହାତରେ ନାଲି ଶଙ୍ଖା, ତୋ ଟଣାଟଣା ଆଖିର ଉଜ୍ଜ୍ୱଳ ଚାହାଣୀ, ଓଠରେ ମଧୁରିଆ ମିଠା ହସ, ଜୁଳୁଜୁଳୁ କରି ଚାହିଁଚୁ ଆମକୁ । ତୋତେ ଏମିତି ରୂପରେ ଦେଖିବାକୁ ଆମ ହାତଭାଗ୍ୟଙ୍କ କପାଳରେ ଲେଖାଥିଲା । ଆମକୁ ଛାଡି ତୁ କୋଉ ଅଫେରା ରାଇଜକୁ ଚାଲିଗଲୁ, ମାତ୍ର କେଇଟା ଦିନରେ ଆମ ଦୁନିଆ ବଦଳି ଗଲା । ଆମ ଆକାଶ ଅନ୍ଧାର ହୋଇ ଗଲା । ଯିବା ପୂର୍ବରୁ କହିଥିଲୁ 'ମାଆ, ମୋ ଛୁଆ ଦୁହେଁ ତୋତେ ଲାଗିଲେ, ସେ ଦୁହିଁଙ୍କୁ ମୋରି ପରି ଗଢ଼ିବୁ ।'

ମୋ ଭାଇକୁ ଗଲାବେଳେ କହିଗଲୁ, 'ମୋତେ ପ୍ରଭୁ ଜଗନ୍ନାଥଙ୍କ ପାଖକୁ ସ୍ୱର୍ଗଦ୍ୱାର ନେବୁ, ମୋତେ ପାଟ ଶାଢ଼ୀରେ ସଜେଇବୁ, ଚନ୍ଦନ କାଠ ଓ ଗୁଆ ଘିଅରେ ପୋଡ଼ିବୁ, ମୋତେ ହସିହସି ବିଦା କରିବୁ, ଜମା କାନ୍ଦିବୁନି, ଯୋଉଠି ଥିବି ତୁ ମୋ ଭିତରେ ଥିବୁ, ମୁଁ ତୋତେ ଛାଡ଼ି କୁଆଡେ ଯିବିନି।' ତୁ ଆମକୁ ଲୁହର ସମୁଦ୍ରରେ ଭସେଇ ଦେଇ କୁଆଡ଼େ ଚାଲିଗଲୁ। ଆଜି ଏତେ ଲୋକବାକ, ଗହଳଚହଳ ଅଥଚ ତୁ କୋଉ ଦୂର ଆକାଶର ତାରା ।

ଆଉ କେବେ ତୋ ଫୋନ କି ମେସେଜ ଆସିବନି ମୁଁ ଜାଣେ, ତଥାପି ପ୍ରତି ମୁହୂର୍ତ୍ତରେ ମୁଁ ତୋ ଫୋନକୁ ଅପେକ୍ଷା କରୁଥିବି କାଳେ ମୋତେ ଆରପଟୁ ଶୁଭିଯିବ 'ନାନୀ ମୁଁ ଇଣ୍ଡିଆ ଆସୁଛି !'

♥(ମୋ) ୯୪୩୯୧୭୭୩୮୦

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୯ ଫେବୃଆରୀ ୨୦୨୫
ସୃଚୟନ ସୃଚୟନ ସୃଚୟନ ସୃଚୟନ ସୃଚୟନ ସୃଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



# ସକଳ ଘଟେ ପରଂବ୍ରହ୍ମ



## ଅନୀତା ପଟ୍ଟନାୟକ

ଥରେ ତିନି ଜଣ ସନ୍ନ୍ୟାସୀ ଯେଉଁମାନଙ୍କର ନାମ ଥିଲା ହସ୍ତମଳକ, ତ୍ରୋଟକ ଏବଂ ପଦ୍ମପାଦ ସେମାନେ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଆସିଥିଲେ । ହସ୍ତମଳକ ପୁରୀ ବଡ଼ଦାଣ୍ଡ ଆଗରେ ଥିବା ଦୋକାନ ମଧ୍ୟରୁ ଜଗନ୍ନାଥଙ୍କର ଗୋଟିଏ କୁନି ବିଗ୍ରହ କିଣି ଆଣିବାକୁ ଚାହୁଁଥିଲେ । ତ୍ରୋଟକଙ୍କ ପିତା ପ୍ରତିବର୍ଷ ଜଗନ୍ନାଥଙ୍କ ନିକଟକୁ ସେ ବଞ୍ଚିଥିବା ସମୟରେ ଆସୁଥିଲେ । ସେ ପ୍ରତିବର୍ଷ ଅଳ୍ପ କିଛି ଅର୍ଥରେ କୁନି କୁନି ଜଗନ୍ନାଥଙ୍କ ମୂର୍ତ୍ତି କିଣି ନେଉଥିଲେ ଓ ତାଙ୍କୁ ଘରେ ସଜାଇ ପୂଜାପାଠ କରୁଥିଲେ । ତ୍ରୋଟକ ଏକଥା ହସ୍ତମଳକଙ୍କୁ କହିଥିଲେ । ତ୍ରୋଟକ ଏକଥା ମଧ୍ୟ କହିଥିଲେ ତାଙ୍କର ପିତା ଜଗନ୍ନାଥଙ୍କର ଯେଉଁ ଛୋଟ ମୂର୍ତ୍ତି କିଣୁଥିଲେ ସେ ସବୁ ଜଗନ୍ନାଥଙ୍କର ପ୍ରତିରୂପ ପରି ଥିଲା । ହସ୍ତମଳକ ଏପରି କାହିଁକି କହୁଛ ବୋଲି ପଚାରିବାରୁ ତ୍ରୋଟକ କହିଥିଲେ ପ୍ରତି ବାର ବର୍ଷରେ ଥରେ ନବକଳେବର ହୁଏ ଓ ପୁରୁଣା ଦାରୁବ୍ରହ୍ମଙ୍କୁ କୋଇଲି ବୈକୁଣ୍ଠରେ ସମାଧି ଦିଆଯାଏ । ଥରେ ଅତ୍ୟନ୍ତ ଦାରିଦ୍ର୍ୟତା ହେତୁ ତାଙ୍କର ପିତା ଜଗନ୍ନାଥଙ୍କର କେତେ ଗୁଡ଼ିଏ ବିଗ୍ରହ ବିକ୍ରୟ କରିବାକୁ ଚାହିଁଥିଲେ । ସେ ଚାରି ପଇସା ପାଇଁ, ଗୁଜୁରାଣ ମେଣ୍ଟାଇବା ପାଇଁ ବିଗ୍ରହଙ୍କୁ ବିକ୍ରୟ କରିବାକୁ ଚାହିଁବାରୁ ଲୋକେ ଦୟା ପରବଶ ହୋଇ ଗୋଟିଏ ଛୋଟ କାଠଖଣ୍ଡର ମୂଲ୍ୟ ଦେଇ ସେଗୁଡ଼ିକ କିଣିଥିଲେ । ଅତ୍ୟନ୍ତ ଦାରିଦ୍ର୍ୟତା ଓ ଜଠରାଗ୍ନିରେ ଜ୍ୱାଳାକୁ ସହି ନପାରି ସେ ଦିନ ତ୍ରୋଟକଙ୍କ ପିତା ସେଗୁଡ଼ିକ ବିକ୍ରି କରିଦେଇଥିଲେ ବୋଲି କହିଥିଲେ । ପିତାଙ୍କ ମୃତ୍ୟୁପରେ ସେ ତାଙ୍କ ପିତାଙ୍କୁ ବହୁତ ଭଲ ପାଉଥିବାରୁ ଖୁବ କାନ୍ଦିଥିଲେ ଓ କହିଥିଲେ 'ହେ ମୋର ପିତା ମତେ ଛାଡ଼ି କୁଆଡ଼େ ଚାଲିଗଲ । ହେଲେ ସେ ଏହାର ଉତ୍ତର ପାଇନଥିଲେ । ଏ କଥାଟି ହସ୍ତମଳକଙ୍କୁ ଖୁବ ପ୍ରଭାବିତ କରିଥିଲା ତେଣୁ ସେ ଗୋଟିଏ ଛୋଟ ଜଗନ୍ନାଥ ମୂର୍ତ୍ତିଟିଏ ବଡ଼ଦାଣ୍ଡରୁ କିଣିବାକୁ ଚାହୁଁଥିଲେ । ଏହି ତିନି ସନ୍ନ୍ୟାସୀଙ୍କ ମଧ୍ୟରେ ପଦ୍ମପାଦ ଅନ୍ୟତମ ଥିଲେ । ସେ ତାଙ୍କର ଦୁଇ ବନ୍ଧୁଙ୍କର କଥୋପକଥନ ଓ ଚାଲିଚଳନକୁ ଅନୁଧ୍ୟାନ କରୁଥିଲେ । ଏହି ସମୟରେ ପୁରୀର ଜଣେ ପଣ୍ଡା ପଦ୍ମପାଦଙ୍କର ସୁନ୍ଦର କମନୀୟ ରୂପକୁ ଦେଖି ନିଜ ମୁଣିରୁ ଗୋଟିଏ ଛୋଟ ଜଗନ୍ନାଥଙ୍କର ବିଗ୍ରହ ତାକୁ ଦେଲେ ଓ କହିଲେ ନବକଳେବର ସମୟରେ ଯେଉଁ ଦାରୁରୁ ବର୍ତ୍ତମାନ ପୂଜା ପାଉଥିବା ଜଗନ୍ନାଥଙ୍କ ବିଗ୍ରହ ତିଆରି କରାଯାଇଛି ତାହାର ଏକ ଛୋଟ ଖଣ୍ଡରେ ଏହି ଛୋଟ ବିଗ୍ରହଟି ତିଆରି ହୋଇଛନ୍ତି । ବିଗ୍ରହର ପାଦରେ ଏକ ତୁଳସୀ ପତ୍ର ଲାଗିଥିଲା ଓ ଶ୍ରୀ ଚନ୍ଦନ ବୋଳାଯାଇଥିବାରୁ ବିଗ୍ରହଟି ମହମହ ବାସୁଥିଲା । ତିନି ସନ୍ନ୍ୟାସୀ ବନ୍ଧୁ ତୁଳସୀ ପତ୍ରକୁ ଭାଗ କରି ସେବନ କଲେ ଓ ଜଗନ୍ନାଥଙ୍କ ନିକଟରେ ନିଜର କୃତଜ୍ଞତା ଜଣାଇଲେ ଓ ପଦ୍ମପାଦ ସେହି ବିଗ୍ରହଙ୍କୁ ନିଜ ଝୁଲା ମୁଣିରେ ରଖିଦେଲେ । ତିନି ବନ୍ଧୁଙ୍କର ମୁହଁରୁ ଏକ ସ୍ୱରରେ ବାହାରି ପଡ଼ିଲା ଆରେ ଏ କ'ଣ ? ଯେଉଁ ବିଗ୍ରହଙ୍କୁ ଆମେ ରତ୍ନସିଂହାସନରେ ଦେଖିଲୁ ଏ କୁନି ବିଗ୍ରହଟି ସେହିପରି ଦେଖାଯାଉଛନ୍ତି । ଏହି ସମୟରେ ହସ୍ତମଳକ କହିଲେ ମୁଁ ଗୋଟିଏ ବିଗ୍ରହ କିଣିବାକୁ ଚାହୁଁଥିଲି କିନ୍ତୁ ପଦ୍ମପାଦ ତୁମେ କେତେ ମହାନ ଯେ ତୁମ ନିକଟକୁ ଜଗନ୍ନାଥଙ୍କ ବିଗ୍ରହ ବିନା ଖର୍ଚ୍ଚରେ ଆସିଗଲେ । ହସ୍ତମଳକ ପୁରୀ ବଡ଼ ଦାଣ୍ଡରୁ ଗୋଟିଏ ବିଗ୍ରହ କିଣିବାକୁ ଯିବା ସମୟରେ ତ୍ରୋଟକଙ୍କୁ କହିଲେ ତୁମର ପିତା ଦାରିଦ୍ର୍ୟତା ହେତୁ ବିଗ୍ରହ ଗୁଡ଼ିକ ବିକ୍ରି କରିଦେଇଥିଲେ ଓ କାଠର ମୂଲ୍ୟ ପାଇଥିଲେ । ତୁମର ପିତା ମରିଯିବା ପରେ ତାଙ୍କ ପାଇଁ ତୁମେ କାନ୍ଦିଥିଲ । ପିତାଙ୍କ ସ୍ମରଣେ ଚାଲ ତୁମେ ଗୋଟିଏ ଜଗନ୍ନାଥଙ୍କ ବିଗ୍ରହ କିଣିବ ଓ ସେପରି ଯଦି ନ ଚାହୁଁଥାଅ ତୁମକୁ ମୁଁ ଗୋଟିଏ ବିଗ୍ରହ ଉପହାର ସ୍ୱରୂପ ଦେବି । ତ୍ରୋଟକ ଜୋଡ଼ହସ୍ତରେ କହିଲେ ମୁଁ ସେ ଦିନ ମୋ ପିତାଙ୍କ ପାଇଁ ଯେଉଁ କାନ୍ଦିଥିଲି ତାହାର ଉତ୍ତର ମୁଁ କୋଇଲି ବୈକୁଣ୍ଠ ନିକଟରେ ପ୍ରଣାମ କରୁଥିବା ସମୟରେ ପାଇଥିଲି । ଆମେ ଶରୀର ପାଇଁ କାହିଁକି କାନ୍ଦୁ ? ମଲା ଶରୀର ତ ଆମ ଆଗରେ ଥୁଆ ହୋଇଥାଏ । କେବଳ ଆତ୍ମା ହିଁ ନଥାନ୍ତି । ବାରବର୍ଷରେ ଥରେ ନବକଳେବର ସମୟରେ ଜଗନ୍ନାଥଙ୍କର ନୂତନ ବିଗ୍ରହରେ ବ୍ରହ୍ମଙ୍କୁ ପ୍ରତିଷ୍ଠା କରାଯାଇଥାଏ । ଏ ଶରୀରକୁ ନିଶ୍ଚିହ୍ନ କରିଦେବା ପରି, ଜଗନ୍ନାଥଙ୍କ ପୁରୁଣା ପବିତ୍ର ଦାରୁକୁ କୋଇଲି ବୈକୁଣ୍ଠରେ ସମାଧି ଦିଆଯାଏ । ମୋର ପିତା ଜଗନ୍ନାଥଙ୍କ ବିକ୍ରୟ କରିବା ସମୟରେ ସମସ୍ତେ କେବଳ କାଠ ସହିତ ତୁଳନା କରି ତାର ମୂଲ୍ୟ ଦେଇଥିଲେ । ପରଂ ବ୍ରହ୍ମ ସମସ୍ତଙ୍କ ମଧ୍ୟରେ ବିଦ୍ୟମାନ । ମୋର ଦାରୁ ମୂର୍ତ୍ତିର କୌଣସି ଆବଶ୍ୟକତା ନାହିଁ ।

❤ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ,
ମୋ : ୯୬୯୨୯୮୦୦୨୬

॥ ସ୍ୱୀକାରୋକ୍ତି ॥




# କିଛି କଥା କିଛି ବ୍ୟଥା...

## ବିପିନ ମହାନ୍ତି

ବୋଉ ମରିବାର ଚାରି ମାସପରେ ୬ ଜୁନ୍ ୧୯୮୨ରେ ମୁଁ ବିବାହ କଲି । ବିବାହ ମୋ'ପାଇଁ ଦାମ୍ପତ୍ୟ ନଥିଲା ବରଂ ଦାୟିତ୍ୱ ଥିଲା । ସୀମାନ୍ତରେ ଏକାକୀତ୍ୱ ସମୟ ସହ ସହବାସ କରିବାରେ କେତେବେଳେ ଯେ ମୋ' ଦାମ୍ପତ୍ୟ ପାକଳ ହୋଇଯାଇଥିଲା ତାହା ମୁଁ ଜାଣିନି । ଖଣ୍ଡବିଖଣ୍ଡିତ ସ୍ୱପ୍ନମାନଙ୍କୁ ଯୋଡୁଯୋଡୁ ବିତିଯାଇଥିଲା ତମାମ ଆୟୁଷ ।

(ଭାଗ-୨)
(ପୂର୍ବ ପ୍ରକାଶିତ ଉତ୍ତାରୁ)

ବୋଉର ଶରୀର କ୍ଷୀଣ ହେବାରେ ଲାଗିଲା । ବାପାଙ୍କୁ ଝୁରିଝୁରି ସମସ୍ୟାକୁ ସାମ୍ନା କରିବାର ସମସ୍ତ ସାମର୍ଥ୍ୟ ହରାଇବସିଲା ବୋଉ । ୭ ଫେବୃୟାରୀ ୧୯୮୨ ରେ ସେ ବି ଆରପାରିକୁ ଚାଲିଗଲା । କିଛିଦିନ ପରେ ମାଡ୍ରାସରୁ ଯାଇ ମୁଁ ଘରେ ପହଞ୍ଚିଲି । ଆଶ୍ୱାସନାର ଶେଷ ସମ୍ବଳ ଟିକକ ଅସ୍ତହୋଇ ସାରିଥିଲା । ଅଭାଗା ଜୀବନ ମୋର । ବାପା ବୋଉଙ୍କ ମୁହଁରେ ନିଆଁ ଦେଇ ନପାରିଥିବା ହତଭାଗ୍ୟ ପୁତ୍ର ମୁଁ । ମୋର ମୁକ୍ତି କାହିଁ, ସ୍ମୃତି କାହିଁ ।

ତିନୋଟି ଛୋଟଛୋଟ ସାନ ଭଉଣୀଙ୍କ ଜୀବନ ଆଗରେ ନିର୍ବିକାର ଥିଲି ମୁଁ । ପରିବାରର ସାମାଜିକ ଦାୟରେ ପ୍ରତିବଦ୍ଧତାର ପ୍ରତିସ୍ୱାକ୍ଷର ମୋର ଯୁଦ୍ଧ ଡାକରା ଦେଇ ସାରିଥିଲା ନିୟତିର ନିଷ୍ଠୁର ନିର୍ଦ୍ଦେଶ ବିରୋଧରେ । ଗୋଟିଏ ପଟେ ଦାରିଦ୍ର୍ୟର ଦାରୁଣ ଦଂଶନ ଅନ୍ୟପଟେ ବାପାମାଆ ଛେଉଣ୍ଡ ତିନୋଟି ନିରୀହ ଆଖିର ଆକୁଳ ନିବେଦନ, ଏତେ ଶିଘ୍ର ମୁଁ ଅସ୍ତ ହେବାକୁ ଦେବିନି । ଧୀରେଧୀରେ କଠୋର ହେଉଥିଲି ମୁଁ । ଭାଗ୍ୟଲେଖା ବିରୋଧରେ ବିଦ୍ରୋହ ଡାକରା ଦେଇ ସାରିଥିଲା ମୋର ବିବେକ । ଯେଉଁମାନଙ୍କର ଆଦୌ ପାପୁଲି ନାହିଁ, ସେମାନଙ୍କର ହସ୍ତରେଖା କାଇଁ, ସେମାନଙ୍କର ତ ପୁଣି ଜିଇବାର ଅଧିକାର ଅଛି । ମୁଁ ବି ଜିଇବି । ପ୍ରେମଫ୍ରେମ ମୋତେ ବିଚଳିତ, ବିଚ୍ୟୁତ କରିପାରିନଥିଲା ମୋ' ଲକ୍ଷ୍ୟପଥରୁ ।

ପ୍ରେମ ବୋଲି ଆଦ୍ୟ ଯୌବନରେ ମୋ' ଭଙ୍ଗାଡାଳରେ ବସା ବାନ୍ଧୁଥିବା ସୁନା ଚଢ଼େଇଟାକୁ ମୁଁ ଉଡ଼େଇ ଦେଇଥିଲି ଖୋଲା ଆକାଶକୁ । ବିଫଳ ପ୍ରେମିକତ୍ୱ ମୋର ଶ୍ରେଷ୍ଠ ସଫଳତା । ପ୍ରେମିକ କବି ବୋଲି ମୋତେ ଆଜି ଦୁନିଆ କହୁଛି । ପ୍ରେମ କ'ଣ କି ? ପ୍ରେମତ ବିରହର ଆତ୍ମଲିପି । ପ୍ରେମର ସଫଳ ଉଦ୍ୟୋଗୀଟିଏ ମୁଁ । ହେଲେ, ମୋର ପରିସ୍ଥିତି ଓ ପରିବେଶ ଅନେକ ସମୟରେ ମୋ' ଭିତରେ ଅଙ୍କୁରିତ ପ୍ରେମକୁ ପ୍ରତ୍ୟାଖାନ କରିବାକୁ ବାଧ କରିଥିଲା ମୋତେ । ନିଃସଙ୍ଗ ପଦାତିକ ମୁଁ । ଅନେକ କୁଆଁରୀ ପ୍ରେମର ପରାସ୍ତ ପ୍ରେମିକ । ଦୁର୍ଦ୍ଦିନରେ ମୋତେ ଦୂରେଇ ଦେଇଥିବା ସଂପର୍କକୁ ମୁଁ କେବେ ବି ଆପଣାର କରିପାରିନି କି ମୋ ଦୁଃସମୟରେ ଯେଉଁମାନେ ମୋ' ହାତ ଛାଡ଼ି ଦେଇଛନ୍ତି ସେମାନଙ୍କୁ ସାରାଜୀବନ ନିକଟତର କରିପାରିନି । ଦୁଃଖରେ ଦୂରେଇ ଯାଇଥିବା ମିତ୍ର ଆଉ ସୁଖରେ ପାଖେଇ ଆସିଥିବା ଶତ୍ରୁ ଏ ଦୁହିଁଙ୍କଠୁ ମୁଁ ସର୍ବଦା ସମଦୂରତା ରଖିଆସିଛି । ମୁଁ ଦୁଃଖକୁ ଖୁବ୍ ନିକଟରୁ ଭେଟିଛି ବୋଲି ତ ମୃତ୍ୟୁ ମତେ ମର୍ମାହତ କରିପାରିନି କି ଜୀବନ ମୋତେ ଆକର୍ଷିତ କରିପାରିନି ।

ତିନୋଟି ବାପା-ମାଆ ଛେଉଣ୍ଡ ଝିଅ କାହା ତତ୍ତ୍ୱାବଧାନରେ ରହିବେ । ସେମାନଙ୍କ ଜୀବନଜୀବିକା ଅପେକ୍ଷା ସୁରକ୍ଷା ମୋ ଆଗରେ ମୁଖ୍ୟ ସମସ୍ୟା ହୋଇ ଛିଡ଼ା ହୋଇଥାଏ । ସମାଧାନ ମୋର ବାହାଘର, ହେଲେ କେଉଁ ଶ୍ରମିକ ବସ୍ତିର ଅଣ୍ଟା ମୋଡ଼ି ପଡ଼ିଥିବା ଦୁଇ ବଖରା ନୂଆଁଣିଆ ଭଙ୍ଗାଚାଳ, ଆଉ ଏତେ ସବୁ ସମସ୍ୟାକୁ କିଏ ବା ଆପଣେଇ ନେବ । ଶେଷରେ ବୋଉ ମରିବାର ଚାରି ମାସପରେ ୬ ଜୁନ୍ ୧୯୮୨ରେ ମୁଁ ବିବାହ କଲି । ବିବାହ ମୋ'ପାଇଁ ଦାମ୍ପତ୍ୟ ନଥିଲା ବରଂ ଦାୟିତ୍ୱ ଥିଲା । ସୀମାନ୍ତରେ ଏକାକୀତ୍ୱ ସମୟ ସହ ସହବାସ କରିବାରେ କେତେବେଳେ ଯେ ମୋ' ଦାମ୍ପତ୍ୟ ପାକଳ ହୋଇଯାଇଥିଲା ତାହା ମୁଁ ଜାଣିନି । ଖଣ୍ଡବିଖଣ୍ଡିତ ସ୍ୱପ୍ନମାନଙ୍କୁ ଯୋଡୁଯୋଡୁ ବିତିଯାଇଥିଲା ତମାମ ଆୟୁଷ । ଭଉଣୀମାନେ ବାହାହୋଇ ଯିଏ ଯୁଆଡ଼େ ଗଲେଣି । ଭଙ୍ଗାଚାଳ ଜାଗାରେ ବିରାଟ ଅଟ୍ଟାଳିକା ଛିଡ଼ା ହୋଇଛି ହେଲେ ଆତ୍ମୀୟତାର ଆର୍ତ୍ତଚିତ୍କାର ଅଟ୍ଟହାସ୍ୟ କରୁଛି ସମ୍ପର୍କର ଅବର୍ତ୍ତମାନକୁ । ଦେଇପିଣ୍ଡିର ଅଧାକାନ୍ଥିରୁ ବୋଉ ହାତଗଢ଼ା ସେ କଉଡ଼ି ଗୁଡ଼ିକ ଛିନ୍ନ ବିଚ୍ଛିନ୍ନ ହୋଇ ବିକ୍ଷିପ୍ତ ଭାବେ ମୋ' ଦୁଃଖକୁ ଆୟୁଷ୍ମାନ କରୁଛନ୍ତି ସିନା କିନ୍ତୁ ଲାଘବ କରିବାର ନାଆଁ ନେଉ ନାହାନ୍ତି । ଦୁଃଖୀଲୋ' ତୋତେ ମରଣ ନାହିଁ କି ସୁଖୀଲୋ' ତୋତେ ଆୟୁଷ ନାହିଁ । ଏଇତ ନିୟତିର ନିୟମ ।

ପତ୍ନୀ ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ଭାବେ ସମସ୍ତ ପ୍ରତିକୂଳ ପରିସ୍ଥିତିରେ ପାହାଡ଼ ପରି ଆଉଜେଇ ନେଇଛନ୍ତି ମୋତେ । ଆଶ୍ୱାସନା ଦେଇଛନ୍ତି କିନ୍ତୁ ମୁଁ ନିଜକୁ ମୁକୁଳେଇ ପାରିନି ମୋ' ପ୍ରାରବ୍ଧର କପାଳ ଲିଖନରୁ । ଦାମ୍ପତ୍ୟରେ ବୀତସ୍ପୃହ ମନ ମୋର ବିରହର ବାରୁଦ ଗଦାରେ ପ୍ରେମକୁ ବିସ୍ଫୋରଣ କରି ଉଡ଼େଇ ଦେଇଛି ସିନା ଅନୁରକ୍ତ ଭକ୍ତଟିଏ ପରି ପ୍ରେମକୁ ନିରାଜନା କରିପାରିନି ତମାମ ଜୀବନ ।

ଉଣେଇଶହତେୟାନବେରେ ବାୟୁସେନାରୁ ଇଚ୍ଛାକୃତ ଅବସର ନେଇ ସମାଜ ସେବାରେ ମନ ବଳେଇଲି କିନ୍ତୁ ସାମାଜିକ ଅବକ୍ଷୟ ଏତେ ମାତ୍ରାରେ ମୋତେ ନିରୁତ୍ସାହିତ କରିଥିଲା ଯେ ଅନ୍ୟନ୍ୟୋପାୟ ନହୋଇ ସରକାରୀ ଚାକିରିକୁ ଗୁଜୁରାଣ ମେଣ୍ଟେଇବା ପାଇଁ ମାଧ୍ୟମ ଭାବେ ବାଛିନେଲି ଓ ସରକାରୀ କାର୍ଯ୍ୟରୁ ଅବସର ନେଇ ପୂର୍ଣ୍ଣମାତ୍ରାରେ ଏବେଏବେ ଲେଖାଲେଖି ଓ ସମାଜସେବାରେ ନିଜକୁ ନିୟୋଜିତ ରଖିଛି ।

ନୀତି ଆଦର୍ଶ ମୋର ଅହଂକାର ହୋଇଥିଲେ ବି ବିରତି ନେଇପାରିନି ସେଥିରୁ । ଅପନିନ୍ଦାର ଅପଯଶ ମୋତେ କଠୋର କରିଛି ସତ୍ୟର ପ୍ରତିଷ୍ଠା ପାଇଁ । ବ୍ୟବସ୍ଥାର ବ୍ୟତିକ୍ରମ ମୋତେ ବ୍ୟଥିତ କରିଛି । ଅନ୍ୟାୟ ଅନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ନିଜେ ଶରବ୍ୟ ହୋଇଛି । ଏହା ହିଁ ସମୟର ସ୍ୱର । ଜୀବନ ଏମିତି ଏକ ପ୍ରଶ୍ନ ଯାହାର ଉତ୍ତର ନାହିଁ କି ମୃତ୍ୟୁ ଏମିତି ଏକ ଉତ୍ତର ଯାହାର ପ୍ରଶ୍ନ ନାହିଁ ।



ପୁଅବୋହୂ, ଝିଅଜୋଇଁ, ନାତିନାତୁଣୀରେ ପରିପୂର୍ଣ୍ଣ ମୋର ଅସଂପୂର୍ଣ୍ଣ ପରିବାର । ଯିଏ ଯେଝା ବାଟର ବାଟୋଇ । ବାଟ ସରିନାହିଁ ବୋଲି ତ ଅତୀତକୁ ରୋମନ୍ଥନ କରୁଛି । ସ୍ମୃତିର ସୈକତ ତଳୁ ପୋତି ହୋଇଯାଇଥିବା ସେ ଦିବ୍ୟ ଅସନ୍ତୋଷକୁ ପରଖୁଛି ସମୟର କଷଟି ପଥରରେ । ପୁଅର ସେବା, ଝିଅର ସମବେଦନା, ବଂଧୁବାଂଧବଙ୍କ ଉପଦେଶ ଆଉ ପ୍ରତିବେଶୀଙ୍କ ପ୍ରତିଶ୍ରୁତି ତଳେ କେମିତି ସମାଧି ନେଇସାରିଛି ଗୋଟିଏ ସ୍ୱପ୍ନ, ଗୋଟିଏ ସମ୍ଭାବନା; କାହାଠାରୁ କିଛି ଅଭୀପ୍ସା ବି ନାହିଁ ମୋର । ଏକ ନିଃସଙ୍ଗ ପଦାତିକ ମୁଁ... ଅତୀତର ଅନ୍ଧକାର ଭିତରୁ ବର୍ତ୍ତମାନର ଆଲୋକ ଟିକକ ହିଁ ମୋର ଭରଷା । ଭବିଷ୍ୟତକୁ ସମୟ ହାତରେ ଟେକି ଦେଇଛି । କିଏ ଜାଣିଛି କେଉଁଠି କେତେବେଳେ ଥକ୍କି ପଡ଼ିବି । ବାପାଙ୍କର ଅଧାଗଢ଼ା ସ୍ୱପ୍ନ, ବୋଉର ଅତୃପ୍ତ ଆତ୍ମା ଓ ଭଉଣୀ ମାନଙ୍କର ଆଶାର ଅବସୋସ, ସ୍ତ୍ରୀର ଅସୀମ ଅସନ୍ତୋଷ ଓ ପିଲାମାନଙ୍କର ଅସଂପୂର୍ଣ୍ଣ ଅଭିପ୍ସାର ଲମ୍ବା ଅଭିଯୋଗର ଫର୍ଦ୍ଦ ସବୁକୁ ସାକାର ରୂପ ଦେବାର ରୂପକାରଟିଏ ଯେ କେତେ ଅସହାୟ କିଏ ବା ବୁଝିବ ? ହାରିବାର ଜୟକାରରେ ମୁଖରିତ ମୋ'ଜୀବନର ଦିବ୍ୟ ଅସନ୍ତୋଷ ହିଁ ମୋର ପ୍ରାରବ୍ଧ । ଏଇତ ମୋର ଲହୁଲୁହର କାହାଣୀ, ମୋ' ଜୟ ପରାଜୟର ଗାଥା ।। (କ୍ରମଶଃ)

ଆଲୋଚନା

# ଆମ ବଜେଟ୍ ଓ ଟିକସ ଆୟର ସଦ୍‌ବିନିଯୋଗ

## ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)

ଆମ ଦେଶରେ ଥିବା ଦେଶକୁ ଶୃଙ୍ଖଳିତ ପରିଚାଳନା ପାଇଁ ଉଦ୍ଦିଷ୍ଟ ନୀତିନିୟମ, ଆଇନକାନୁନ୍ ସବୁ ଏ ଅବ୍ୟବସ୍ଥାକୁ ରୋକିବାରେ ସମର୍ଥ ହୋଇ ପାରୁନି କାହିଁକି ? ଦୋଷୀ ଦଣ୍ଡ ପାଇବା ବ୍ୟତୀତ କି ରାଜନୀତି ଯେ, ଏହା ପୁଣି ସରକାରରେ ରହି ଶାସକ ପ୍ରଶାସକ ହେଉଛି ସିଏ । ଆଜି ଏହି ଦଳରେ ତ, କାଲିକି ଆଉ ଏକ ଦଳରେ । ନିଜର କର୍ମ କର୍ତ୍ତବ୍ୟବୋଧ କ'ଣ କିଛି ନାହିଁ ?

ଦେଶ ଚଳାଇବାକୁ ହେଲେ କିଛି ବ୍ୟକ୍ତିଙ୍କର ସେବା ଆବଶ୍ୟକ ହୋଇଥାଏ । ସେମାନଙ୍କର କର୍ମ, ଚିନ୍ତନ ଦେଶକୁ ଏକ ଜନହିତକର ରାଷ୍ଟ୍ରରେ ପରିଣତ କରିଥାଏ । ଶିକ୍ଷା, ସଂସ୍କୃତି, କୃଷି, ଉତ୍ପାଦନ, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ବିଷୟରେ ଅଭିଜ୍ଞ ବ୍ୟକ୍ତି ବିଶେଷଜ୍ଞଙ୍କୁ ନିଯୁକ୍ତି ଦେଇ ଦେଶର ସମସ୍ତ ପ୍ରକାର ଅଭାବ, ଅସୁବିଧା ସବୁକୁ ସୁପରିଚାଳନା ଦ୍ୱାରା ଦୂରେଇ ନେବାକୁ ପଡ଼େ । ଏ ମଧ୍ୟରେ ଦେଶରକ୍ଷା ମଧ୍ୟ ଅନ୍ୟ ଏକ ବିଭାଗ । ନିଜ ଦେଶର ଭୌଗୋଳିକ ମାନଚିତ୍ରର ସୁରକ୍ଷା ହେଉଛି ଏଥିରେ ନିଯୁକ୍ତ କର୍ମଚାରୀ ମାନଙ୍କର ପ୍ରଥମ କାମ । ଦେଶ ପରିଚାଳନା ପାଇଁ ସବୁ ସମୟରେ କିଛି ନା କିଛି ଅର୍ଥରାଶିର ଆବଶ୍ୟକତା ପଡ଼ିଥାଏ । ସେସବୁ ସଂଗ୍ରହ କରିବା ଅର୍ଥ ଟିକସ୍ ବସାଇବା । ଏକ ସାର୍ବଭୌମ ସ୍ୱାଧୀନ ରାଷ୍ଟ୍ରରେ ଟିକସ (କର) ପ୍ରତିଟି ନାଗରିକଙ୍କଠାରୁ ଆଦାୟ କରାଯାଇଥାଏ । ଏହା କେଉଁ ଅତୀତ ରାଜରାଜୁଡ଼ା ଶାସନକାଳରୁ ଚଳି ଆସିଛି ।

ରାଜରାଜୁଡ଼ା ସମୟରେ କେତେକ ବିଳାସୀ ରାଜାମାନେ ପ୍ରଜାମାନଙ୍କ ଉପରେ ଟିକସ ପକାଇ ସେହି ଧନରେ ନିଜକୁ ବିଳାସ ବ୍ୟସନରେ ବୁଡ଼ାଇ ରଖୁଥିଲେ ଓ ପ୍ରଜାମାନଙ୍କୁ ଯଥୋଚିତ ସେବା ପ୍ରଦାନ କରିବାରେ ଅବହେଳା କରୁଥିଲେ । ପ୍ରକୃତରେ ଏହା ଥିଲା ଏକ ପାପକର୍ମ । ପରାଧୀନ ଥିବା ରାଷ୍ଟ୍ରମାନେ ମଧ୍ୟ ଏଭଳି ଅନେକ ଯନ୍ତ୍ରଣା ଭୋଗିଥାନ୍ତି । ଶାସକମାନେ ଶୋଷିତମାନଙ୍କୁ ଯଥେଷ୍ଟ ଶୋଷଣ କରି ବିଭିନ୍ନ ଟିକସ ନାମରେ ଅର୍ଥ ଆଦାୟ କରି ନିଜକୁ ଓ ନିଜ ଦେଶକୁ ସ୍ୱୟଂ ସମୃଦ୍ଧ କରାଇ ନେବାର ଚେଷ୍ଟାରେ ଥାଆନ୍ତି । ଏସବୁ କିନ୍ତୁ ଜଣେ ସାଧାରଣ ନାଗରିକ ପାଇଁ ଯନ୍ତ୍ରଣାଦାୟକ କଥା । ନିଜ ଶ୍ରମର ମୂଲ୍ୟରେ ଅନ୍ୟକୁ ବଳୀୟାର କରିବା ଓ ନିଜକୁ ଭୋକ ଶୋଷ, ଅଭାବ ଅସୁବିଧାରେ ପକାଇ ରଖି ବଳ ପରାକ୍ରମ, ପରାଧୀନତାକୁ ସ୍ୱୀକାର କରି ନିଜର ସମସ୍ତ ଧନ, ଜନ, ସମ୍ପଦକୁ ଅନ୍ୟ ପାଖରେ ଡରିମରି ସମର୍ପିତ କରିଦେବା । ସତରେ ଏହା ଏକ ଅନ୍ୟାୟ ଓ ଅସହ୍ୟକର କାର୍ଯ୍ୟ । ତଥାପି ପ୍ରଜାଗୋଷ୍ଠୀ ନାଚାର । କରିବେ କଣ ? ଇଚ୍ଛା ଅନିଚ୍ଛା ଏଥିରେ କାମ କରେନି । ପରାଧୀନ ହେଲେ ସବୁ କଥାକୁ ମାନିବାକୁ ପଡ଼େ । ନଚେତ୍ ବନ୍ଦୀ ଜୀବନ ସହ ଫାଶୀ ପାଇବାକୁ ବାଧ୍ୟ । ଆମେ ସବୁ ଭାରତୀୟମାନେ ଏଭଳି ସ୍ଥିତିରୁ ଏଇ ମାତ୍ର ୧୯୪୭ ମସିହାରୁ ମୁକୁଳିଛେ କହିଲେ ଚଳେ । ଶହ ଶହ ବର୍ଷର ପରାଧୀନତାର କଷଣ ଓ ଶୋଷଣରୁ ସର୍ବସ୍ୱାନ୍ତ ହୋଇଥିବା ଆମ ପୂର୍ବଜମାନେ ନିଜକୁ ସ୍ୱାଧୀନ ମନେ କରି କିଛିଟା ଶାନ୍ତି ଅନୁଭବ କଲେ । ଆମ ଉପରେ ପରର ଅଙ୍କୁଶ ନାହିଁ ଆଉ ଆମେ ଆମର ଶାସକ ହୋଇଛେ ଭାବି ଶାନ୍ତିରେ ନିଶ୍ୱାସ ମାରିବାକୁ ଲାଗିଲେ । ଏବେ ଆମକୁ ଶାସନ କରିବାକୁ ରାଜା ନାହାନ୍ତି କି ଅନ୍ୟ କୌଣସି ବିଦେଶୀ ଶାସନ ନାହିଁ । ଆମେ ଆମ ଦ୍ୱାରା ଶାସିତ ତଥାପି ଦେଶକୁ ଚଳାଇ ନେବା, ଦେଶର ବିକାଶରେ ଆମମାନଙ୍କର ସହଭାଗିତା ନିତାନ୍ତ ଆବଶ୍ୟକ ହୋଇ ପଡିଛି । ଏଥିପାଇଁ ଆମ ଦେଶର ଆୟ ବ୍ୟୟର ଆନୁମାନିକ ତାଲିକା (ବଜେଟ୍/ବ୍ୟୟ ଅଟକଳ) ଆଗରୁ ପ୍ରସ୍ତୁତ କରିବାକୁ ହୋଇଥାଏ । ଗୋଟିଏ ବର୍ଷର ଆୟ ବ୍ୟୟର ଅଟକଳକୁ ଦେଖି ବର୍ଷ ଶେଷରେ ତା'ର କାର୍ଯ୍ୟକାରିଣୀର ଫଳାଫଳ ତଥା ଅର୍ଥନୈତିକ ପରିମାପନ (ଇକୋନୋମିକ୍ ସର୍ଭେ) ବିବରଣୀକୁ ଅନୁଶୀଳନ କରି ପୁଣି ପୂର୍ବବତ୍ ଆଗାମୀ ବର୍ଷ ପାଇଁ ବଜେଟ୍ ପ୍ରସ୍ତୁତ ହୁଏ । ଅନ୍ୟ ସ୍ୱାଧୀନ ସାର୍ବଭୌମ ରାଷ୍ଟ୍ର ଭଳି ଆମ ଭାରତଦେଶ ମଧ୍ୟ ବିଗତ ୧୯୪୭ ମସିହାଠାରୁ ନିଜସ୍ୱ ବଜେଟ୍ ଉପସ୍ଥାପନ କରି ଆସୁଛି । ଉପସ୍ଥିତ ଦେଶର ନାଗରିକମାନଙ୍କୁ ନିଜ ଦେଶର ପରିଚାଳନା ପାଇଁ ଆବଶ୍ୟକ ହେଉଥିବା ସୁଚିନ୍ତିତ ସେବା ଯୋଗାଇ ଦେବା ପାଇଁ କର (ଟିକସ) ଧାର୍ଯ୍ୟ କରାଯାଏ । ସେହି ଟିକସ ଅର୍ଥରେ ଦେଶ ଚାଲେ ଓ ବିକାଶ ଆଡ଼କୁ ଅଗ୍ରସର ହୋଇଥାଏ । ବର୍ତ୍ତମାନ ଆମ କଇଁଚି ଆମ କାକୁଡ଼ି ଆମରି ହାତରେ କିନ୍ତୁ ବେଳେବେଳେ ଦେଖା ଯାଉଛି, ଆମ ରାଷ୍ଟ୍ରର ପ୍ରଜାମାନଙ୍କଠାରୁ ସଂଗୃହୀତ କଷ୍ଟାର୍ଜିତ ଧନ ଟିକସ ଅର୍ଥର ବାଟମାରଣା ହେଉଛି ଓ ଅବାଟରେ ଆମ ନିର୍ବାଚିତ ଜନପ୍ରତିନିଧି ଓ ଅସାଧୁ କର୍ମଚାରୀମାନଙ୍କ ଦ୍ୱାରା ଅବାଟରେ ଚାଲି ଯାଉଛି, ଯାହା ଆମ ଦେଶର ବିକାଶକୁ ତ୍ୱରାନ୍ୱିତ କରି ପାରୁନି ବରଂ ଦୁଃଖ ହେଲା, ଆମ ଭଳି ଏକ ଚିନ୍ତା ଓ ଚେତନା ଶତ ଶତ ବର୍ଷର ପରାଧୀନ ଯନ୍ତ୍ରଣା ଭୋଗିଥିବା ଦେଶ ପୁଣି ଥରେ ସ୍ୱାଧୀନ ହୋଇଥିଲେ ମଧ୍ୟ ପରାଧୀନତା ବାତାବରଣ ଦେଶ ମଧ୍ୟରେ ବଳୀୟାନ ହେବାକୁ ଯାଉଛି ସିନା କେହି ଏଥିରେ କୁଣ୍ଠିତ ହେଉଥିବା ଜଣା ଯାଉନି । ବେଳେବେଳେ ଦେଖା ଯାଉଛି, ଚୋରି ହୋଇଛି ଟଙ୍କା କୋଟିଏ, ଆଉ ଧରିବାକୁ (କମିଶନ) ଖର୍ଚ୍ଚ ହେଉଛି ପଚାଶ କୋଟି । ପୁଣି ଶେଷରେ କିଏ ସେହି ଚୋର ଦେଶର ରାଜସ୍ୱକୁ ଚୋରି କରୁଛି ତା'କଥା ରାଜ୍ୟ ଉଚ୍ଚ ନ୍ୟାୟାଳୟଠାରୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟମାନଙ୍କରେ ଚାଳିଶ ପଚାଶ ବର୍ଷର ତର୍ଜମା ପରେ ବି ଦୋଷୀ ଧରାଯାଇ ପାରୁନି । ଏଣେ ଏଥିରେ ସମ୍ପୃକ୍ତ ଚୋରଠାରୁ ଦେଶର ଜଡ଼ିତ ସମସ୍ତ କର୍ମଚାରୀ ନାଗରିକମାନଙ୍କ କଷ୍ଟାର୍ଜିତ ଅର୍ଥରୁ ସଂଗୃହୀତ ଟିକସରୁ ନିଜ ନିଜର ଦରମା, ଭାତିଆ ଓ ଗସ୍ତ ଖର୍ଚ୍ଚ ପାଉଥାନ୍ତି । ଏପଟେ ସରକାରୀ ନିର୍ଦ୍ଧାରଣ ବ୍ୟୟ ପ୍ରଣାଳୀ ଅନୁସାରେ ଅର୍ଥ ବ୍ୟୟ କରାଯାଇ ଘର, କୋଠା, ବ୍ରିଜ, ଆଦି ଅତି ଜରୁରୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଏ ଓ ଦେଶର ଟିକସ ସମ୍ବଳରୁ ଅର୍ଜିତ ଅର୍ଥ ବ୍ୟୟ ହୁଏ କିନ୍ତୁ ଫଳ ହୁଏ କ'ଣ ? ଆମ ଦେଶର ଅତୀବ ଜ୍ଞାନକୌଶଳ ସମ୍ପନ୍ନ ଇଞ୍ଜିନିୟର ଓ ଠିକାଦାରମାନଙ୍କ ଦ୍ୱାରା ନିର୍ମିତ କୋଠାବାଡ଼ି, ବ୍ରିଜ୍ (ପୋଲ), ରାସ୍ତାଘାଟ ଅନ୍ୟ ସବୁ କିଛି ଅକାଳରେ ଏମିତିକି ବର୍ଷ ଦୁଇ ମଧ୍ୟ ଜନତାର ସେବା କରିବାରେ ଅସାମର୍ଥ୍ୟ ପ୍ରକାଶ କରି ଭାଙ୍ଗି ଅନେକ ଧନ ଜୀବନ ନଷ୍ଟ କରି ଦିଏ । ଏସବୁ କ'ଣ ଆମ ଦେଶର ଅଗଣିତ ଧନୀ ଓ ଗରିବ ସମସ୍ତ ଟିକସ ଦାତାମାନଙ୍କୁ ତାଙ୍କ ପ୍ରଦତ୍ତ ଅର୍ଥର ଏକ ଏକ ଉପହାର ? ଏ ହେଲା ଆମ ସ୍ୱାଧୀନ ଭାରତ ଭଳି ଧର୍ମ, ନ୍ୟାୟ, ସଂସ୍କୃତି, ସମ୍ପନ୍ନ ଦେଶର ବ୍ୟବସ୍ଥା ଓ ଆଜିର ଅବସ୍ଥା ।

ଆମ ଦେଶରେ ଥିବା ଦେଶକୁ ଶୃଙ୍ଖଳିତ ପରିଚାଳନା ପାଇଁ ଉଦ୍ଦିଷ୍ଟ ନୀତିନିୟମ, ଆଇନକାନୁନ୍ ସବୁ ଏ ଅବ୍ୟବସ୍ଥାକୁ ରୋକିବାରେ ସମର୍ଥ ହୋଇ ପାରୁନି କାହିଁକି ? ଦୋଷୀ ଦଣ୍ଡ ପାଇବା ବ୍ୟତୀତ କି ରାଜନୀତି ଯେ, ଏହା ପୁଣି ସରକାରରେ ରହି ଶାସକ ପ୍ରଶାସକ ହେଉଛି ସିଏ । ଆଜି ଏହି ଦଳରେ ତ, କାଲିକି ଆଉ ଏକ ଦଳରେ । ନିଜର କର୍ମ କର୍ତ୍ତବ୍ୟବୋଧ କ'ଣ କିଛି ନାହିଁ ? ଆଦର୍ଶ ହତାଦର୍ଶର ଅଭିବ୍ୟକ୍ତିକୁ ପଛରେ ପକାଇ ରାଷ୍ଟ୍ର ପ୍ରେମ ରାଷ୍ଟ୍ର ଭକ୍ତିକୁ ଜଳାଞ୍ଜଳି ଦେଇ ନେତୃତ୍ୱ ନେଇଥିବା ବ୍ୟକ୍ତିତ୍ୱ ସବୁ ପ୍ରାୟ ଅନୀତି ଦୁର୍ନୀତିଗ୍ରସ୍ତ ।

ଏଭଳି ସ୍ଥିତିରେ ଦୁଃସ୍ଥ ପ୍ରଜାଗଣ ଅବା ନାଗରିକମାନେ ତାଙ୍କ ଦେଶର ବିକାଶ ସ୍ୱପ୍ନକୁ ବାସ୍ତବ କରିବେ କେମିତି । ପରାଧୀନତାର ସଂଘର୍ଷ ମଧ୍ୟରୁ ବଞ୍ଚି ଉଠିଥିବା ସ୍ୱାଧୀନତାର ମୂଲ୍ୟ କ'ଣ ଏଇୟା ?

ଆମ ଦେଶ ଏକ ବହୁଦଳ ବାହିତ ଗଣତନ୍ତ୍ର ଶାସିତ ଦେଶ । ମତଦାନ ହେଉଛି ଏ ଦେଶର ଜନପ୍ରତିନିଧି ନିର୍ବାଚନର ଆଧାର । ସ୍ୱାଧୀନତା ହାସଲ କଲା ବେଳେ ଏ ଦେଶର ଦେଶବାସୀ କେତେକଙ୍କୁ ଛାଡ଼ି ଦେଲେ ଅନ୍ୟ ସଭିଏଁ ପ୍ରାୟ ଅଶିକ୍ଷିତ । ଦେଶ ପରିଚାଳନା ଓ ରାଷ୍ଟ୍ରନୀତିରେ ମୁଣ୍ଡ ଭରି ନ ଥାନ୍ତି । ସଭିଏଁ ପ୍ରାୟ ରାଷ୍ଟ୍ରଚେତନା ହୀନ । ଆଗରୁ ଥିବା ଶତ ଶତ ବର୍ଷର ପରାଧୀନତା ସେମାନଙ୍କୁ ପଙ୍ଗୁ କରି ଦେଇଥିଲା କହିଲେ ଚଳେ । ଦିନ ରାତି ପରିଶ୍ରମ କରି ନିଜ ଜୀବନ ବଞ୍ଚାଇବା ଆଧାର ସଂଗ୍ରହ କରିବା ଥିଲା ତାଙ୍କରି ନିତିଦିନିଆ କାର୍ଯ୍ୟ । ଏଥିରେ କିଏ ରାଜା ହେଲା କିଏ ପ୍ରଜା ହେଲା ସେସବୁରେ ସେମାନେ ମୁଣ୍ଡ ଭରୁ ନ ଥିଲେ । ବରଂ ଯିଏ ଯାହା କହେ, ଯିଏ ଯାହା ମାଗେ ତାକୁ ଆପଣା ପେଟରୁ କାଟି, ନିଜ ପରିବାର ପିଲାଙ୍କୁ ଭୋକିଲା ରଖି ଦେଇ ଦେଉଥିଲେ ସେମାନେ । ଯେମିତି ଏ ଦେଶର ପ୍ରଜା ହେବାର ଅଧିକାର ତାଙ୍କର ନାହିଁ ବରଂ ଟିକସ ଦେଇ ରାଜା ମହାରାଜାମାନଙ୍କ ସନ୍ତୁଷ୍ଟି ପାଇଁ ତାଙ୍କରି ଜୀବନ ସର୍ବସ୍ୱ । ମନେ ହେଉନି ସ୍ୱାଧୀନତାର ଶତ ବର୍ଷ ପୂରିବାକୁ ଯାଉଥିଲା ବେଳେ ବି ସେମାନଙ୍କର ପ୍ରତିନିଧି ବୋଲାଉ ଥିବା ମନ୍ତ୍ରୀ, ନେତାମାନଙ୍କ ଉପରେ ସେତେଟା ବିଶ୍ୱାସ ନାହିଁ କି ସହଯୋଗିତା ନାହିଁ । ନିର୍ବାଚନ ଆସିଲେ ଭାବି ପ୍ରତିଯୋଗୀ, ରାଜନେତାମାନେ ଏବେବି ଗାଁକୁ ଗାଁ ବୁଲନ୍ତି, ଭୋଟ ଦେବାକୁ ନେହୁରା ହୁଅନ୍ତି ସେମାନଙ୍କ ମନ ତୋଷିବା ପାଇଁ କେଉଁଠି ମଦ ତ କେଉଁଠି ଟଙ୍କା ଦେଇ ଅଧିକ ମତଦାନ ତାଙ୍କ ସପକ୍ଷରେ କରାଇ ନିଜକୁ ଦେଶ ଶାସନରେ ନିୟୋଜିତ କରାନ୍ତି ଓ ନିଜକୁ ଶାସକ ବୋଲାନ୍ତି । ସ୍ୱାଧୀନତା ପ୍ରାପ୍ତ ପରଠାରୁ ଆମ ଦେଶରେ ପ୍ରାୟତଃ ବାରରୁ ତେର ଜଣ ପ୍ରାୟ ଅର୍ଥମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିଛନ୍ତି । ପ୍ରଥମେ ୧୯୪୭ ମସିହାରେ ଜୋହନ ମଥାଇ ଥିଲେ । ସେତେବେଳେ ଟଙ୍କା, ଅଣା, ପଇସାରେ



ଭାରତୀୟ ମୁଦ୍ରା ପରିଚାଳିତ ହେଉଥିଲା । ଏକ ଟଙ୍କାକ ୧୬ ଅଣା ଓ ଏକ ଅଣାକ ୧୨ ପାହି ଭାବରେ ନିଜସ୍ୱ ଅର୍ଜନ ଉପରେ ଟିକସ ଦେବାକୁ ପଡୁଥିଲା । ଏମିତିକି ସେ ବେଳରେ ଗୋଟିଏ ଅଣାର ଆୟ ଉପରେ ନ ପାହି ଯାଏ ଟିକସ ଦେବାକୁ ହେଉଥିଲା । ତାପରେ ଆସିଲେ ୱାଇ.ବି.ଚବାନ ଅର୍ଥମନ୍ତ୍ରୀ । ସେ ରହିଲେ ୧୯୪୭ରୁ ୧୯୭୫ ମସିହା ଯାଏ । ତାଙ୍କ ବେଳେ ଟିକସ ଛାଡ଼ ସୀମା ଥିଲା ମାତ୍ର ୬ ହଜାର ଟଙ୍କା । ଟିକସ ମାତ୍ରା ୯୭.୭୫ ଶତାଂଶ ଯାଏ ସର୍ବାଧିକ ଥିଲା । ପରେ ତାହାକୁ କମା ଯାଇ ୭୫ ଶତାଂଶ ରଖାଗଲା । ଭାବନ୍ତୁ ଦେଖି ଆପଣ ପରିଶ୍ରମ କରି ଶହେ ଟଙ୍କା ରୋଜଗାର କଲେ ଦେଶକୁ ଟିକସ ଭାଗ ଦେବେ ଟ. ୯୭.୭୫ ଆଉ କରଦାତା ପାଇବ ମାତ୍ର ଟ.୨.୨୫ । ଏଭଳି ଟିକସ ଭାରକୁ ଜନତା ସହୁଥିଲେ କେବଳ ଦେଶର ସାର୍ବଭୌମତା ପାଇଁ । ଏଭଳି ସବୁ କଷ୍ଟାର୍ଜିତ ଧନରାଶିର ଟିକସ ଟଙ୍କାକୁ ଯଥାର୍ଥ ବିନିଯୋଗ କରାଇ ପାରିଲେ ସିନା ପ୍ରଜାମଣ୍ଡଳ ଟିକସ ଦେବାର ଦୁଃଖ ଭୁଲି ମୋ ଦେଶ ଚଳାଇବାରେ ନିଜକୁ ସାମିଲ କରାଇବାର ଆନନ୍ଦ ନେବେ । ତା'ନ କରି ବାଟମାରଣା କରି ନଷ୍ଟ କଲେ ଟିକସଦାତାଙ୍କ ଦୁଃଖ ଯେ କେତେ, ତା'ର ହିସାବ କିଏ ବୁଝୁଛି ?

❤ସଂସ୍କୃତି ସଦନ, ବୟାଳୀ, ମନ୍ତିଡ଼ି
ମୋ: ୮୯୩୩୭୯୬୦୬୮୮

# ଗୋବିନ୍ଦପୁରରେ ଶ୍ରୀଶ୍ରୀ ବଜରଙ୍ଗବାଲିଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବାଲିଆପାଳ , ୮/୨ (ନି.ପ୍ର): ବାଲିଆପାଳ ବ୍ଲକ ସାଉଡ଼ି ପଞ୍ଚାୟତ ଅଧିନସ୍ଥ ଗୋବିନ୍ଦପୁର ଛକ ସ୍ଥିତ ବାସୁଳୀମାତା ପଡ଼ିଆ ଠାରେ ସାର୍ବଜନୀନ ଶ୍ରୀଶ୍ରୀ ବଜରଙ୍ଗବାଲିଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଦୁଇ ଦିନ ଧରି ଆଧାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ପ୍ରଭୁଙ୍କ ନିକଟରେ ଆଶୀର୍ବାଦ ଭିକ୍ଷା କରିବା ସହ ଅଞ୍ଚଳବାସୀଙ୍କ ସୁଖ ସମୃଦ୍ଧି କାମନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଗୋବିନ୍ଦ ପ୍ରସାଦ ଦାସ, ଶତ୍ରୁଘ୍ନ ମଲ୍ଲିକ, ରଞ୍ଜିତା ଟୁଙ୍ଗ, ପୁରୁଷୋତ୍ତମ ଜେନା, ନରହରି ମହାନ୍ତି ,ଆନନ୍ଦ ବେହେରା, ଅଚ୍ୟୁତାନନ୍ଦ ପଟ୍ଟାୟତ ଜନ୍ମେଜୟ ମଲ୍ଲିକ, ରାଜ କିଶୋର ଗୋଛାୟତ, ଅନିଲ ପଟ୍ଟାୟତ, ଝାଡ଼େଶ୍ୱର ମଲ୍ଲିକ ପ୍ରମୁଖ ବହୁ ବ୍ୟକ୍ତି ଯୋଗ ଦେଇ ଥିଲେ । ଗୁରୁବାର ଶହେ ରୁ ଉର୍ଦ୍ଧ ମହିଳା ସାହୁ ଘାଟରୁ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହା ପରେ ଅଙ୍କୁରରୋପଣ ଓ ନାମ ସଂକୀର୍ତନ ଆରମ୍ଭ ହୋଇଥିଲା । ଶୁକ୍ରବାର ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ, ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା । ଏଥିରେ ଆଖ ପାଖ ଅଞ୍ଚଳରୁ ପାଖାପାଖି ପାଞ୍ଚ ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁ ଭକ୍ତ ଯୋଗ ଦେଇଥିଲେ। ଗ୍ରାମର ନରୋତ୍ତମ ସାମନ୍ତ,ଆନନ୍ଦ ସାମନ୍ତ, ମହେଶ୍ୱର ଟୁଙ୍ଗ, ଗୋପାଳ ବାରିକ, ଅଶୋକ ସାସମଲ,ଅନନ୍ତ ଜେନା, ଦୟାନନ୍ଦ ସାମନ୍ତ, ଗୁରୁପଦ ଜେନା, ଆଲୋକ ସାମନ୍ତ, ସୁଜୟ ସାମନ୍ତ, ନଗେନ୍ଦ୍ର ଜେନା ପ୍ରମୁଖ ବହୁ ଗ୍ରାମବାସୀମାନେ ଏଥିରେ ସହଯୋଗ କରିଥିଲେ।

# ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ପୁରସ୍କାର ବିତରଣ ସଭା

ବାଲିଆପାଳ , ୮/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ବିଦ୍ୟାଳୟ ପରିସର ରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ସୁଦିପ୍ତା ଗିରି ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାଶିନ ଜେନା ଯୋଗଦେଇ କଠୋର ଅଧବସାୟ ହିଁ ସଫଳତାର ଚାବିକାଠି ବୋଲି ଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ କହିଥିଲେ ।ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ଅଧକ୍ଷ ବିଜୟ କୁମାର ଦେ, ସମ୍ମାନୀତ ଅତିଥି ସୁସାହିତ୍ୟକ ସୁକୁମାର ଦାସ, ସମାଜସେବୀ ସତ୍ୟକାମ ମହାନ୍ତି, ଅଧ୍ୟାପକ ବରେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ସରକାର ମହିଳା ମାନଙ୍କୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏବେ ସବୁ କ୍ଷେତ୍ରରେ ନାରୀ ମାନଙ୍କୁ ଅଗ୍ରାଧିକାର ମିଳୁଛି। ତେଣୁ ମନ ଦେଇ ପାଠ ପଢ଼ିବା ସହିତ ବିଭିନ୍ନ କଳାରେ ପାରଦର୍ଶିତା ଦେଖାଇବା ନିତ୍ୟାନ୍ତ ଆବଶ୍ୟକ ରହିଛି ବୋଲି ଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ମତବ୍ୟକ୍ତ କହିଥିଲେ। ଅଧ୍ୟାପକ ରାଜେନ୍ଦ୍ର ବାରିକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପକ ରମେଶ ପଣ୍ଡା ଅତିଥି ପରିଚୟ କରିଥିଲେ। ବିଭିନ୍ନ ଦକ୍ଷତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।ପରେ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧ୍ୟାପକ ଉତ୍ତମ ମାହାନା ଧନ୍ୟବାଦ୍ ଅର୍ପଣ କରିଥିଲେ। ଅପର୍ଣ୍ଣା ମାଜି, ସୁଶାନ୍ତ ମହାପାତ୍ର, ପୁଷ୍ପାଞ୍ଜଳି ଆଚାର୍ଯ୍ୟ, ଦିଗମ୍ବର ରଣା, ସୁକାନ୍ତ କୁମାର ଜେନା, ବିନୋଦ ବେହେରା, ସନ୍ୟାସୀ ବେହେରା, ଅରୁଣ ମାଣିକ,ସୁବାଶିନି ପାତ୍ର ଏହି କାର ?ୟକ୍ରମ ରେ ସହଯୋଗ କରିଥିଲେ।

## ଅଗ୍ରଣୀ ସମାଜିକ ଅନୁଷ୍ଠାନ ସିଏସଏନଆର ତାଲିମ ଶିବିର

ଜୟପୁର, ୮/୨ (ନି.ପ୍ର): ଜୟପୁର ଗେଟଗୁଡା ସ୍ଥିତ ଏକ ହୋଟେଲରେ ଅଗ୍ରଣୀ ସମାଜିକ ଅନୁଷ୍ଠାନ ସି.ଏସ.ଏନ.ଆର କୋରାପୁଟ ଦ୍ୱାରା ଆୟୋଜିତ ତାଲିମ କାର୍ଯ୍ୟକ୍ରମ ଆଜି ଦିନ ୧୧ଟାରେ ଅନୁଷ୍ଠିତ ହୋଇଛି । ଏଠାରେ ଅବସରପ୍ରାପ୍ତ ଜିଲା ଜଜ ସଚିଦା ନନ୍ଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ସରକାରୀ ଓକିଲ ଶଶାନନ୍ଦ ମିଶ୍ର, ବରିଷ୍ଠ ଆଇନଜୀବି ଗୁପ୍ତେଶ୍ୱର ପାଣିଗ୍ରାହୀ, ସ୍ୱତନ୍ତ୍ର ସରକାରୀ ଓକିଲ ଗାୟତ୍ରୀ ଦେବି, ପୂର୍ବତନ ସିଡବ୍ଲୁସି ମେମ୍ବର ଧମେନ୍ଦ୍ର କୁମାର ଜେନା, ହାଇକୋର୍ଟର ବରିଷ୍ଠ ଆଇନଜୀବି ଚନ୍ଦ୍ରନାଥ ଜାନୀ, ଡେପୁଟି ଚିପ ଲିଗାଲଏଡ କାଉସିଲ ହରିଶଚନ୍ଦ୍ର ମୁଦୁଲି, କେ ଦିବାକର ରାଓ ଜୟପୁର ଆଇନଜିବି ଗିରି ଧର ଖରା, ବିନୟ ବିଶ୍ୱାସ, ଉମା କାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ନ୍ୟାୟ ଯୁକ୍ତ ଅଧିକାରି ପାଇଁ ଆଇଜୀବିଙ୍କ ଗୁରୁତ୍ୱପୁଣ୍ଣ ଭୂମିକା ଉପରେ ଏକ ଆଲୋଚନାଚକ୍ର ସିଏସଏନଆର ତରଫରୁ ଦୁଇ ଦିନିଆ ଶିବରର ପ୍ରଥମ ଦିନିଆ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ କୋରାପୁଟ, ଜୟପୁର, ଦଶମନ୍ତପୁର, ବୈପାରିଗୁଡା, ସମିଳିଗୁଡା, କୁନ୍ଦୁରା, ବୋରିଗୁମ୍ମାରୁ ପ୍ରାୟ ୫୦ ଜଣ ଆଇନଜୀବି ଭାଗ ନେଇଥିଲେ । ଆଇନ ଓ ଉଚିତ ନ୍ୟାୟ ନିମନ୍ତେ ନିଜର ମତାମତ ରଖିଥିଲେ । ସିଏସଏନଆର କୋରାପୁଟ ଜିଲା ତରଫରୁ ଆଜୟ ଖୋସ୍ଲା, ସୁନିଲ ମିଶ୍ର, କେଦାର ନାଥ ସେନାପତି ପରିଚାଳନା କରିଥିଲେ । ସଂନ୍ଧ୍ୟା ୫ଟାରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

# ନବ ନିଯୁକ୍ତ ଜିଲ୍ଲା ସଭାପତିଙ୍କୁ ଜିଲ୍ଲା ବିଜେପିର ସମ୍ବର୍ଦ୍ଧନା




ବାଲେଶ୍ୱର, ୮/୨ (ନି.ପ୍ର): ଭାରତୀୟ ଜନତା ପାର୍ଟିର ନବ ନିଯୁକ୍ତ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଇଶ୍ୱର ଚନ୍ଦ୍ର ବେହେରାଙ୍କୁ ଆଜି ପ୍ରାକ୍ତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଜିଲ୍ଲା ପକ୍ଷରୁ ଏକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଶୋଭାଯାତ୍ରା ଓ ସଭା ଆୟୋଜିତ ହୋଇଯାଇଛି। ଦିବା ୧୧ଟା ସମୟରେ ସ୍ଥାନୀୟ ମିଶନ୍ ପଡ଼ିଆରୁ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ନବ ନିଯୁକ୍ତ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଇଶ୍ୱର ଚନ୍ଦ୍ର ବେହେରାଙ୍କୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ତଥା ଶାସକ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ନିଳଗିରି ବିଧାୟକ ସନ୍ତୋଷ ଖଟୁଆ, ସଦର ବିଧାୟକ ମାନସ କୁମାର ଦତ୍ତ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ସମେତ ଦଳର ବରିଷ୍ଠ ନେତାମାନେ ଖାନନଗର ସ୍ଥିତ ଜିଲ୍ଲା ମୁଖ୍ୟକାର୍ଯ୍ୟାଳୟକୁ ନେଇଥିଲେ। ଏହା ପରେ ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ମଞ୍ଚ ଆହ୍ୱାନ କରିଥିବା ବେଳେ ପ୍ରାକ୍ତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ। ଅତିଥି ପରିଚୟ, ପ୍ରଦୀପ ପ୍ରଜ୍ୱଳନ ଓ ସାମୁହିକ ବନ୍ଦେ ମାତରଂ ଗାନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାରେ ବକ୍ତା ଭାବରେ ନିଳଗିରି ବିଧାୟକ ସନ୍ତୋଷ ଖଟୁଆ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୋଭନା ମହାନ୍ତି, ବାଲେଶ୍ୱର ଜିଲାର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ମୟୁରଭଞ୍ଜ ଜିଲ୍ଲାର ନବ ନିଯୁକ୍ତ ଜିଲ୍ଲା ସଭାପତି ନିହାର ମୋଦି ଓ ସହଅଧିକାରୀ ଶୁଭଙ୍କର ମହାପାତ୍ର, ରାଜ୍ୟ ପ୍ରବକ୍ତା ଠାକୁର ରଣଜିତ ଦାସ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ଓ ତାଙ୍କ ସାଂଗଠନିକ ଅଭିଜ୍ଞତା ବିଷୟରେ ଆଲୋକପାତ କରିଥିଲେ। ଶେଷରେ ନୂତନ ସଭାପତି ତାଙ୍କର ବ୍ୟକ୍ତବ୍ୟରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏହାପରେ ବିଧାନସଭା ସ୍ତରରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜିଲ୍ଲାର ସମସ୍ତ ମୋର୍ଚ୍ଚା, ସେଲ୍ ଓ ବରିଷ୍ଠ ନେତୃତ୍ୱ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସର୍ବଶେଷରେ ଅନ୍ୟତମ ନିର୍ବାଚନ ସହଅଧିକିରୀ ଆଶିଷ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦଳା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

## ଦେଶର ସୁରକ୍ଷା ପାଇଁ ବହୁ ସୈନିକ ଯୋଗାଇ ଦେଇଛି ଉଦଳା ଉଚ୍ଚ ବିଦ୍ୟାଳୟ : ପ୍ରମିଳା ପଣ୍ଡା



ଉଦଳା , ୮/୨ (ନି.ପ୍ର): ଉଦଳା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଚଳିତ ଫେବୃଆରୀ ୭ ତାରିଖ ଶୁକ୍ରବାର ଦିନ ପାଳିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ ସପ୍ତାହ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଭାରତର ସୈନ୍ୟବାହିନୀରେ ଉଦଳା ଉଚ୍ଚ ବିଦ୍ୟାଳୟର ଛାତ୍ର ମାନେ ଯେଉଁ ପରିମାଣରେ ଯୋଗ ଦେଇଛନ୍ତି ତାହା ସମଗ୍ର କପ୍ତିପଦା ଉପଖଣ୍ଡରେ ଥିବା ଅନ୍ୟ ଉଚ୍ଚ ବିଦ୍ୟାଳୟ ମାନଙ୍କରେ ଦେଖିବାକୁ ମିଳେ ନାହିଁ ବୋଲି ବ୍ୟକ୍ତ କରିଥିଲେ। ଜଳ, ସ୍ଥଳ ଓ ଆକାଶ ବାହିନୀ ସବୁଥିରେ ଉଦଳା ଉଚ୍ଚ ବିଦ୍ୟାଳୟର ଛାତ୍ରଙ୍କୁ ଦେଖିବାକୁ ମିଳିଥାଏ । ଦେଶ ସେବା ପାଇଁ ଉଦଳା ଉଚ୍ଚ ବିଦ୍ୟାଳୟର ଏପରି ଏକ ଅବଦାନ କଥା ମନେ ପଡ଼ିଲେ ଗର୍ବରେ ଛାତି ଫୁଲି ଉଠେ ବୋଲି ନଗରପାଳ ଶ୍ରୀମତୀ ପଣ୍ଡା ବ୍ୟକ୍ତ କରିଥିଲେ । ବାଙ୍ଗିରିପୋଷିର ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ବଂଚି ରହିବା ପାଇଁ ଶିକ୍ଷାର ଆବଶ୍ୟକତା ଆଜି କିଭଳି ଜରୁରୀ ହୋଇପଡ଼ିଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଆଲୁମିନି ସଂପାଦକ ଅଶୋକ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ପରୀକ୍ଷାଫଳ ପ୍ରକାଶନରେ ଅତିତରେ ଉଦଳା ଉଚ୍ଚ ବିଦ୍ୟାଳୟ ସମଗ୍ର ଓଡ଼ିଶାରେ ବହୁବାର ରେକର୍ଡ଼ କରିଛି । ସେଥିପାଇଁ ସମଗ୍ର ରାଜ୍ୟରେ ଉକ୍ତ ବିଦ୍ୟାଳୟର ସୁନାମ ବିଭିନ୍ନ ମହଲରେ ଶୁଣିବାକୁ ମିଳିଥାଏ ବୋଲି ଭାଷଣରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉଦଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ନିତିଶ କୁମାର ଘୋଷ, ପରିଚାଳନା କମିଟି ସଦସ୍ୟା ମଂଜୁଲତା ଧଳ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଉଦଳା ଉଚ୍ଚ ବିଦ୍ୟାଳୟର ଶୈକ୍ଷିକ ବାତାବରଣ କିପରି ସମସ୍ତଙ୍କୁ ଆକୃଷ୍ଟ କରିଛି ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ପାର୍ଥସାରଥି ବେହେରା କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । କମଳା ମୁଦୁଲି ଧନ୍ୟବାଦ ଅର୍ପଣ କରିବା ପରେ ଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ଦୁଇଟି ସ୍ଥାନରୁ ୭୭ ଲିଟର ମଦ, ୨ ବାଇକ୍ ଜବତ : ଦୁଇ ଗିରଫ

ବଲାଙ୍ଗିର, ୮/୨ (ନି.ପ୍ର): ତୁଷୁରା ପୋଲିସ ଦୁଇଟି ସ୍ଥାନରେ ଚଢଉ କରି ୭୭ ଲିଟର ମଦ ଦୁଇଟି ବାଇକ ଜବତ କରିବା ସହିତ ଦୁଇ ଜଣଙ୍କୁ ଗିରଫ କରିଛି। ଗତକାଲି ସକାଳ ପ୍ରାୟ ସାତଟା ବେଳେ ତୁଷୁରା ଥାନା ଅନ୍ତର୍ଗତ ଅର୍ଜୁନ ପୁର ଛକ ଠାରେ ହିରୋ ହୁଣ୍ଡା ସି ଡି ଡନ ବାଇକ୍ ଓ ଆର୍ ୦୩ ଇ ୩୨୭୦ ପେଟ୍ରୋଲିଂ ବେଳେ ଧରିଥିଲା ତାର ତଲାସୀ ରେ ୫୫ ଲିଟର ଦେଶୀ ମଦ ପଲିଥିନରେ ପାଇ ଗାଡ଼ି ଚାଳକ ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା ଅନ୍ତର୍ଗତ ଅଇଁଲା ପାଲି ଗ୍ରାମର ଲମ୍ବୋଦର ରଣା (୩୭)କୁ ଗିରଫ କରିଥିଲା। ଏହି ଦିନ ସକାଳ ପ୍ରାୟ ୯ଟା ୩୦ ବେଳେ ତୁଷୁରା ଥାନା ଅନ୍ତର୍ଗତ କେନ୍ଦୂଘାଟ ଛକରେ ସେହି ଗ୍ରାମର ଗୋପାଳ ସା (୫୫) କୁ ଟି ଭି ଏସ ଭିକ୍ଟର ନମ୍ବର ଓ ଆର ୦୩ ସି ୨୯୮୨ ବାଇକ କୁ ତଲାସୀ ବେଳେ ସେଥିରେ ୨୨ ଲିଟର ଦେଶୀ ମଦ ଚାଲାଣ ହେଉଥିବା ଧରିଥିଲା। ତୁଷୁରା ପୋଲିସ ପାଟ୍ରୋଲିଂ ଦଳ ତାକୁ ଗିରଫ କରି ମଦ ସହିତ ବାଇକ ଜବତ କରିଥିଲା।

# ୧୨ ତମ ବାଲିଆପାଳ ମହୋତ୍ସବ ଉଦ୍‌ଘାଟିତ



ବାଲିଆପାଳ , ୮/୨ (ନି.ପ୍ର): ମନୋଜ୍ଞ ପରିବେଶରେ ଉଦଘାଟିତ ହୋଇଛି ଦ୍ୱାଦଶ ବାଲିଆପାଳ ମହୋତ୍ସବ । ମହୋତ୍ସବ ଅଞ୍ଚଳର ବିକାଶ,ସଂସ୍କୃତି ଏବଂ ଭାଇଚରାର କଥା କହେ ବୋଲି ବାଲିଆପାଳ ମହୋତ୍ସବ ଉଦଘାଟନ ଉତ୍ସବରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ମହୋତ୍ସବ କମିଟିର ଆବାହାକ ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଅତିଥିମାନେ ଉଦଘାଟନ କରିଛନ୍ତି । ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ନାଟ୍ୟକାର ପ୍ରାକ୍ତନ ଅଧିକ୍ଷଣ ଯନ୍ତ୍ରୀ ଇଂ ନନ୍ଦ ଦୁଲାଲ ଘଡ଼େଇ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ବାଲିଆପାଳର ଐତିହ୍ୟ ବଳିଷ୍ଠ,ସଂସ୍କୃତି ବହୁତ ମହାନ । ଏହି ଐତିହ୍ୟ ଓ ସଂସ୍କୃତିକୁ ଲୋକ ଲୋଚନକୁ ଅଣିବା ପାଇଁ ଏଭଳି ମହୋତ୍ସବର ଆବଶ୍ୟକତା ରହିଛି । ମହୋତ୍ସବ ସମନ୍ୱୟର ପ୍ରତୀକ ଓ ସଂସ୍କାରମୁଖୀ ଚେତନାର ବାର୍ତ୍ତାବହ ସେହି ବାର୍ତ୍ତାକୁ ବହନକରି ଏହି ମହୋତ୍ସବ ଅନୁଷ୍ଠିତ ହେଉଛି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ବିଶିଷ୍ଟ କବି ଡ. କାଳିପଦ ପଣ୍ଡା ଯୋଗଦେଇ ମହୋତ୍ସବ ଜରିଆରେ ଅଞ୍ଚଳର ବିକାଶ ସାଧନ ହେବା ସହ ପରବର୍ତ୍ତୀ ପିଢିଙ୍କ ମଧ୍ୟରେ ଏକତା ଭାଇଚାରା ଏବଂ ସଦଭାବ ସୃଷ୍ଟି କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ମହୋତ୍ସବ କମିଟି ର ଉପଦେଷ୍ଟା ଭାବେ ମଧୁପୁରା ପଞ୍ଚାୟତର ପୂର୍ବତନ ସରପଞ୍ଚ ମୁରଲୀ ମୋହନ ସାହୁ,ବାଲିଆପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକ, ସମାଜସେବୀ ଭାସ୍କର ଚନ୍ଦ୍ର ସାହୁ ନିଜ ବକ୍ତବ୍ୟରେ ଏହି ମହୋତ୍ସବ ଦ୍ୱାରା ସ୍ନେହମମତାର ଡୋରୀରେ ଅଞ୍ଚଳବାସୀ ବାନ୍ଧି ହୋଇଯାଇଛନ୍ତି । ଏହାସବୁଦିନ ବଜାୟ ରହୁ ବୋଲି ସେ କହିଥିଲେ । ଉତ୍ସବ କମିଟିର ସଦସ୍ୟମଞ୍ଚ ଆହ୍ୱାନ ବ୍ୟୋମକେଶ ସାହୁ,ପ୍ରଦୀପ୍ତ ପାତ୍ର ଅତିଥି ପରିଚୟ ପ୍ରଦାନ ଏବଂ ନରେଶ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ସଭାକାର୍ଯ୍ୟ ପରେ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରର ପ୍ରତିଭା ଓ ଶ୍ରାଦ୍ଧ କ୍ରିଏଟିଭ କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଉତ୍ସବ କମିଟର ସଦସ୍ୟ ଅରୁଣ ପାତ୍ର, ହରବନ୍ଧୁ ଜେନା, ସତ୍ୟବ୍ରତ ରାୟ , ମୁକୁନ୍ଦ ସିଂ, ଅସୀତ ପଟ୍ଟନାୟକ, ଜଗନ୍ନାଥ ବାରିକ, ଉମାକାନ୍ତ ନାୟକ, ପ୍ରବୀର ସି,ବିନୋଦ ବେହେରା, ସନାତନ ସି, କୃଷ୍ଣବର୍ଷଳ ସାହୁ ସମେତ କମିଟିର ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ୨୭ ବର୍ଷ ପରେ...

ଅଧିକ ଭୋଟରେ ପରାସ୍ତ କରିଛନ୍ତି। କେଜ୍ରିୱାଲଙ୍କ ପୂର୍ବତନ ଡେପୁଟି ତଥା ଆପ୍‌ର ନମ୍ବର ୨ ନେତା ମନୀଷ ସିସୋସିଆ ଜଙ୍ଗପୁର ଆସନରେ ୬ଶହରୁ ଅଧିକ ଭୋଟରେ ବିଜେପିର ତରଭିନ୍ଦର ସିଂହଙ୍କ ଠାରୁ ହାରି ଯାଇଛନ୍ତି। ଦଳର ଅନ୍ୟତମ ଦୁଇ ହେଭିୱେଟ ସତ୍ୟେନ୍ଦ୍ର ଜୈନ ଓ ସୌରଭ ଭରଦ୍ୱାଜ ମଧ ନିଜ ନିଜ ଆସନ ବଞ୍ଚାଇବାକୁ ସକ୍ଷମ ହୋଇ ନାହାନ୍ତି। ତେବେ ମୁଖ୍ୟମନ୍ତ୍ରୀ ଆତିଶୀ କିଛି ମାତ୍ରରେ ଆପ୍‌ର ମାନ ରଖିବାକୁ ସକ୍ଷମ ହୋଇଛନ୍ତି। ସେ ବିଜେପିର ରମେଶ ବିଧୁରୀଙ୍କ ଠାରୁ ଆରମ୍ଭରୁ ପଛରେ ଥିଲେ ହେଁ ଶେଷ ବେଳକୁ ଲିଡ ହାସଲ କରିଥିଲେ। ଏହାପରେ ୧ ହଜାରରୁ କମ ଭୋଟରେ ହେଉ ପଛେ ଆତିଶୀ କାଲକାଜୀ ଆସନରୁ ବାଜିମାତ କରିଛନ୍ତି। ଆପ୍ ଏଥର ବଡ଼ ରିସ୍କ ନେଇଥିଲା। ଏହା ଦଳକୁ ମହଙ୍ଗା ବି ପଡ଼ିଛି। ଶିକ୍ଷାବିତ ଅବଧ ଓଝା ଦଳରେ ସାମିଲ ହେବାରୁ ତାଙ୍କୁ ଆପ୍ ପକ୍ଷରୁ ମନୀଷ ସିସୋଦିଆଙ୍କ ପାରମ୍ପରିକ ଆସନ ପତପରଗଞ୍ଜରୁ ପ୍ରାର୍ଥୀ କରିଥିଲା। ୨୦୧୩ରୁ ସିସୋଦିଆ ଏଠାରୁ ଜିତି ଆସୁଥିଲେ। ହେଲେ ସେ ଓଝାଙ୍କ ପାଇଁ ଏହାକୁ ଛାଡ଼ି ଜଙ୍ଗପୁରା ଚାଲି ଯାଇଥିଲେ। ଆପ୍ ଏଥିଯୋଗୁ ଉଭୟ ପତପରଗଞ୍ଜ ଓ ଜଙ୍ଗପୁରାରେ ହାରିଛି। ଦିଲ୍ଲୀ ଦଖଲ କରିବା ପରେ ଆପ୍ ଦେଶରେ ବିକଳ୍ପ ଭାବେ ଉଭା ହୋଇଥିଲା।

## ଆପ୍‌ଦାରୁ ମୁକ୍ତ ...

ଦିଲ୍ଲୀକୁ ଏକ ଆଧୁନିକ ସହର କରିବୁ। ଆଜି ଦେଶ ସହରୀକରଣ ମୁହାଁ। ଏହା ଏକ ସୁଯୋଗ। ଗରିବ ଓ ମଧ୍ୟବିତ୍ତଙ୍କୁ ସଶକ୍ତ କରିବାକୁ ଏହା ଏକ ମାଧ୍ୟମ। ଦିଲ୍ଲୀବାସୀଙ୍କ ଆକାଂକ୍ଷା ପୂରଣ କରିବାରେ ଲାଗିପଡ଼ିବୁ। ଏହା ସହିତ ସେ ଯୁବବର୍ଗଙ୍କୁ ରାଜନୀତିକୁ ଆସିବାକୁ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶକୁ ପଲିଟିକାଲ ଟ୍ରାନ୍ସଫର୍ମେଶନର ଆବଶ୍ୟକତା ଅଛି। ଦେଶର ଯୁବବର୍ଗ ରାଜନୀତିକୁ ଆସିଲେ ଦେଶର ଭବିଷ୍ୟତ ବଦଳିବ। କ୍ଷମତା ଲୋଭ ନୁହେଁ, ସେମାନେ ସେବାରେ ନିଜକୁ ନିୟୋଜିତ କରିବା ଆବଶ୍ୟକ। ଏହି ଅବସରରେ ମୋଦି ଆପ୍‌କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ରାଜନୀତିରେ ପରିବର୍ତ୍ତନ ଆଣିବୁ କହି ସେମାନେ ରାଜନୀତିକୁ ଆସିଥିଲେ। କିନ୍ତୁ ସେମାନେ କଟ୍ଟର ବେଇମାନ ବାହାରିଲେ। ବିଧାନସଭା ପ୍ରଥମ ଅଧିବେଶନରେ ସିଏଜି ରିପୋର୍ଟ ଉପସ୍ଥାପନ କରିବୁ। ଯିଏ ବି ଲୁଟିଛନ୍ତି, ଫେରାଇବାକୁ ପଡ଼ିବ। ଦୁର୍ନୀତିର ଯାଞ୍ଚ ହେବ, ଏହା ମୋଦିଙ୍କ ଗ୍ୟାରେଣ୍ଟି। କଂଗ୍ରେସକୁ ବି ଧୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ କହିଛନ୍ତି, ଆଜି ପୁଣିଥରେ କଂଗ୍ରେସକୁ କଡ଼ା ସନ୍ଦେଶ ମିଳିଛି। ପୁଣି ଥରେ ଖାତା ଖୋଲିବାରେ ବିଫଳ ହୋଇଛି କଂଗ୍ରେସ। ୬ ଥର ଖାତା ଖୋଲିପାରିନି କଂଗ୍ରେସ। ଦିଲ୍ଲୀରେ କଂଗ୍ରେସକୁ ଜିରୋର ଡବଲ ହ୍ୟାଟ୍ରିକ ମିଳିଛି।

## କାହିଁକି ହାରିଲେ ...

କ୍ଷମତାରୁ ଯିବା ପରେ ଅରବିନ୍ଦ କେଜରିୱାଲ ଓ ଆପର ଭବିଷ୍ୟତ ନେଇ ଅନେକ ଅଙ୍କକଷା ଆରମ୍ଭ କରିଛନ୍ତି । ନୂଆଦିଲ୍ଲୀ ଆସନରେ କେବଳ ଅରବିନ୍ଦ କେଜରିୱାଲ ନୁହନ୍ତି , ଆପର ବଡ ବଡ ନେତା ମନୀଷ ସିସୋଦିଆ, ସତ୍ୟେନ୍ଦ୍ର ଜୈନ,ସୋମନାଥ ଭାରତୀ ଓ ସୌରଭ ଭରଦ୍ୱାଜ ବି ହାରିଯାଇଛନ୍ତି । ଏବେ ନିର୍ବାଚନ ହାରିବା ପରେ ଦଳରେ ଯେଉଁ ଗୋଷ୍ଠୀ କନ୍ଦଳ ଆରମ୍ଭ ହେବ ତାକୁ ମୁକାବିଲା କରିବାରେ କେଜରିୱାଲ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ୨୦୧୩ରେ ତତକାଳୀନ ମୁଖ୍ୟମନ୍ତ୍ରୀ ଶୀଲା ଦିକ୍ଷିତଙ୍କୁ ହରାଇଥିଲେ ଅରବିନ୍ଦ କେଜରିୱାଲ । ଏବେ ସମୟଚକ୍ରରେରେ ସେ ସମଦଶା ଭୋଗିଛନ୍ତି । ଏବେ ଦେଖିବାର କଥା, ପରାଜୟ ପରେ ଆପ୍ କି ପ୍ରକାର ଆଭିମୁଖ୍ୟ ନେଉଛି ।

## ସବୁ ଗରିବଙ୍କୁ ‘ଅନ୍ତ୍ୟୋଦୟ ...

ଯୋଜନାରେ ପକ୍କାଘରର ସଂଜ୍ଞାକୁ ସରଳୀକରଣ କରାଯାଇ ଆଜବେଷ୍ଟସ, ଟିଣ ଓ ଟାଇଲ ଛାତଘରକୁ କଚ୍ଚାଘର ରୂପେ ବିବେଚନା କରାଯାଇଛି । କେବଳ ସିମେଂଟ ଯୋଡ଼େଇ କାନ୍ଥ ସହିତ ଆରସିସି ଛାତକୁ ପକ୍କାଘର ଭାବେ ବିବେଚନା କରାଯିବ । ପରିବାରର ସଂଜ୍ଞାକୁ ମଧ ସରଳୀକରଣ କରାଯାଇ ଯୋଜନାରେ ପରିବାରର ଅର୍ଥ ସ୍ୱାମୀ,ସ୍ତ୍ରୀ, ନିର୍ଭରଶୀଳ ପିତାମାତା ଓ ସନ୍ତାନଙ୍କୁ ବୁଝାଉଛି । ଏହାଦ୍ୱାରା ସୃଷ୍ଟି ହୋଇଥିବା ନୂଆ ପରିବାରମାନେ ଯୋଜନାରେ ଉପକୃତ ହୋଇପାରିବେ । ପ୍ରାକୃତିକ ଅବା ମନୁଷ୍ୟକୃତ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ପରିବାର, ବିଭିନ୍ନ ସରକାରୀ ପ୍ରକଳ୍ପ ହେତୁ ବିସ୍ଥାପିତ ପରିବାର, ମୁଖ୍ୟ ଉପାର୍ଜନକାରୀ ବ୍ୟକ୍ତି ଭିନ୍ନକ୍ଷମ ହେଶଇଥିଲେ, ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ ପରିବାର ଓ ପ୍ରଚଳିତ ଗୃହ ନିର୍ମାଣ ଯୋଜନାରେ ଉପକୃତ ହୋଇନଥିବା ଯୋଗ୍ୟ ପରିବାରଗୁଡ଼ିକୁ ଏହି ଅନ୍ତୋଦୟ ଗୃହ ଯୋଜନାରେ ପକ୍କାଘର ଯୋଗାଇ ଦିଆଯିବ । ଏହି ଯୋଜନାରେ ହିତାଧିକାରୀଙ୍କୁ (ଶୌଚାଳୟ ଅଂଚଳକୁ ବାଦ୍ ଦେଇ) ୨୫ବର୍ଗ ମିଟର ବିଶିଷ୍ଟ ପକ୍କାଘର ନିର୍ମାଣ ପାଇଁ ୧.୨୦ଲକ୍ଷ ଟଙ୍କା ଆର୍ଥିକ ସହାୟତା ରାଶି ପାଇବେ । ଅନ୍ତୋଦୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ), ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଭିଯାନ ଓ ଅନ୍ୟାନ୍ୟ ସରକାରୀ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାର ହିତାଧିକାରୀ, ଯେଉଁମାନେ ପ୍ରଥମ କିସ୍ତି ପାଇବାର ୪ମାସ ଓ ୬ମାସ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ କରୁଛନ୍ତି, ସେମାନଙ୍କୁ ଯଥାକ୍ରମେ ୨୦ହଜାର ଓ ୧୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବା ପାଇଁ ଏହି ଅନ୍ତୋଦୟ ଗୃହ ଯୋଜନାରେ ବ୍ୟବସ୍ଥା ହୋଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ପ୍ରେସ୍ ରିଲିଜରେ ଦର୍ଶାଯାଇଛି ।

## କ୍ୟାବିନେଟ୍ ନିଷ୍ପତ୍ତି...

କେନ୍ଦ୍ର ସରକାରଙ୍କ କର୍ମଚାରୀଙ୍କ ପାଇଁ ୟୁପିଏସ୍ ବ୍ୟବସ୍ଥା ଲାଗୁ କରିବାକୁ କେନ୍ଦ୍ର କ୍ୟାବିନେଟ୍ ଅଗଷ୍ଟ ୨୪ତାରିଖରେ ନିଷ୍ପତ୍ତି ନେବାପରେ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯିବା ପରେ ଆଜି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନା ଅନୁସାରେ ଓଡ଼ିଶାରେ ଏହି ଏକୀକୃତ ପେନସନ ଯୋଜନାକୁ ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ କାର୍ଯ୍ୟକାରୀ କରାଯିବ । ୨୫ବର୍ଷର ସର୍ବନିମ୍ନ ଯୋଗ୍ୟତା ଅର୍ଜନକାରୀ ସେବା ଅବଧି ପାଇଁ ଅବସର ପୂର୍ବରୁ ୧୨ମାସରେ ମିଳିଥିବା ହାରାହାରି ମୂଳ ଦରମାର ୫୦ ପ୍ରତିଶତ ହାରରେ ପେନସନ୍ ମିଳିବ । ସର୍ବନିମ୍ନ ୧୦ବର୍ଷର ଚାକିରି ଅବଧିଠାରୁ ଆରମ୍ଭ କରି ୨୫ବର୍ଷ ପର୍ଯ୍ୟନ୍ତ ଚାକିରି ଅବଧି କ୍ଷେତ୍ରରେ ପେନସନ ଆନୁପାତିକ ଭାବେ ମିଳିବ । ସେହିପରି ମୃତ୍ୟୁ ପୂର୍ବରୁ କର୍ମଚାରୀ ପାଉଥିବା ପେନସନର ୬୦ ପ୍ରତିଶତ ହାରରେ ପାରିବାରିକ ପେନସନ୍ ମିଳିବ । ସର୍ବନିମ୍ନ ୧୦ବର୍ଷ ଚାକିରି ଅବଧି ସାରି ଅବସର ନେବା ପରେ ମାସିକ ୧୦ହଜାର ଟଙ୍କା ପେନସନ୍ ମିଳିବ । ମୁଦ୍ରାସ୍ଫୀତି ଅନୁରୂପ ସୁନିଶ୍ଚିତ ପେନସନ୍ ?, ସୁନିଶ୍ଚିତ ପାରିବାରିକ ପେନସନ୍ ଓ ସୁନିଶ୍ଚିତ ସର୍ବନିମ୍ନ ପେନସନ୍ ନିର୍ଦ୍ଧାରଣ କରାଯିବ । ସେବା କର୍ମଚାରୀଙ୍କ କ୍ଷେତ୍ରରେ ଶିଳ୍ପ ଶ୍ରମିକଙ୍କ ପାଇଁ ସର୍ବଭାରତୀୟ ଉପଭୋକ୍ତ ମୂଲ୍ୟ ସୂଚକାଙ୍କ ଆଧାରରେ ମହଙ୍ଗା ସହାୟତା ମିଳିବ । ଅବସର ପରେ ଗ୍ରାଚ୍ୟୁଇଟି ବ୍ୟତୀତ ଏକକାଳୀନ ରାଶି ଭାବେ ପ୍ରତ୍ୟେକ ସମ୍ପୂର୍ଣ୍ଣ ୬ମାସ ପାଇଁ ଅବସର ତାରିଖରେ ମିଳୁଥିବା ମାସିକ ପାରିଶ୍ରମିକର ଏକ ଦଶମାଂଶ ଏକକାଳୀନ ରାଶି ମିଳିବ । ଏହି ରାଶି କାରଣରୁ ସୁନିଶ୍ଚିତ ପେନସନର ପରିମାଣ କମ୍ ହେବ ନାହିଁ ।

## ଏୟାରଲିଫ୍ଟ ହେଲେ ...

ପ୍ରଫେସର ଡାକ୍ତର ମନୋଜ ସାହୁ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ । କିମ୍ସ କ୍ୟାନସର ହସ୍ପିଟାଲ ନିର୍ଦ୍ଦେଶକ ଡାକ୍ତର ମନୋଜ ସାହୁଙ୍କ କହିବା ଅନୁସାରେ ’୩ ଦିନ ଧରି ଉତ୍ତମ ମହାନ୍ତି କିମ୍ସରେ ଆଡ଼ମିଶନ ହୋଇ ରହିଥିଲେ । ସେ ଲିଭର ସିରୋସିସ ରୋଗରେ ପୀଡିତ ହୋଇଛନ୍ତି ।’ ଅଭିନେତା ରବି ମିଶ୍ର, ବବି ମିଶ୍ର, ପ୍ରଯୋଜକ ସ୍ମିତ ପଟ୍ଟନାୟକ, ଟୁଟୁ ନାୟକ ହସ୍ପିଟାଲରେ ପହଞ୍ଚି ଉତ୍ତମ ମହାନ୍ତିଙ୍କୁ ଦେଖା କରିବା ସହ ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରିଥିଲେ । ଉତ୍ତମ ମହାନ୍ତି ୧୯୭୭ ମସିହାରେ ’ଅଭିମାନ’ ଚଳଚ୍ଚିତ୍ର ଜରିଆରେ ଓଡ଼ିଆ ସିନେ ଜଗତରେ ଅଭିନୟ କରିବା ଆରମ୍ଭ କରିଥିଲେ ।ଏହାପରେ ଉତ୍ତମ ତାଙ୍କ ପାଠପଢ଼ାରେ ବ୍ୟସ୍ତ ରହିଥିଲେ । ତିନିବର୍ଷ ପରେ ପୁଣି ’ପତିପତ୍ନୀ’ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ । ଏହା ପରେ ସେ ଆଗକୁ ଆଗକୁ ମାଡି ଚାଲିଥିଲେ । ମୟୂରଭଞ୍ଜ ଜିଲ୍ଲାର ବାରିପଦାଠାରେ ଜନ୍ମିତ ଉତ୍ତମ ମହାନ୍ତି ୧୩୫ଟି ଓଡ଼ିଆ, ୩୦ଟି ବଙ୍ଗଳା ଓ ଗୋଟିଏ ହିନ୍ଦୀ ସିନେମାରେ ଅଭିନୟ କରିସାରିଛନ୍ତି । ତାଙ୍କ ପତ୍ନୀ ଅପରାଜିତା ମହାନ୍ତି ମଧ ଜଣେ ସୁପ୍ରସିଦ୍ଧ ଅଭିନେତ୍ରୀ ।

## ଆଜି ବାରବାଟୀ...

ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଶନିବାର ଖେଳାଳିମାନଙ୍କ ଅଭ୍ୟାସ ଦେଖିବା ପାଇଁ ଦର୍ଶକମାନଙ୍କୁ ଷ୍ଟାଡିୟମରେ ଗ୍ୟାଲେରି ନଂ-୫କୁ ଯିବା ସୁବିଧା କରାଯାଇଛି। ଦର୍ଶକଙ୍କ ଭିଡ଼କୁ ଅନୁମାନ କରି ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମ୍ୟାଚ୍ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ୫୦ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ।

## ମେଳାରୁ ଫେରିବା...

ବିଭିନ୍ନ ଗ୍ରାମରୁ ଏହି ମେଳା ଦେଖିବା ପାଇଁ ଶହ ଶହ ଲୋକଙ୍କ ସମାଗମ ହୋଇଥିଲା। ଶୁଳିଆପଦା ବ୍ଲକ୍ କୁଜିଡିହି ପଞ୍ଚାୟତ ଅଧୀନ ଧାଡିକା ଗ୍ରାମର ରଞ୍ଜିତ ଦେଓଙ୍କ ପୁଅ ବିଜନ ଦେଓ, କାମେଶ୍ୱର ଦେଓଙ୍କ ପୁଅ ରବୀନ୍ଦ୍ର ଦେଓ ଓ ସନାତନ ନାଏକଙ୍କ ପୁଅ ବାଦଲ ନାଏକ ସାଙ୍ଗ ହୋଇ ଏକ ବାଇକ୍ ଯୋଗେ ଭୀମମେଳା ଘଟତ୍ତୋଳନ ଦେଖିବାକୁ ଆସିଥିଲେ। ଘଟତ୍ତୋଳନ ଦେଖି ଘରକୁ ଫେରୁଥିବା ବେଳେ ଡିମିଆ ଗ୍ରାମଠାରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛ ସହିତ ଧକ୍କା ହୋଇଥିଲା। ଏତେ ଜୋରରେ ଧକ୍କା ହୋଇଥିଲାଯେ ବାଇକ୍‌ଟି ୨ ଖଣ୍ଡ ହୋଇ ଯାଇଥିଲା। ବାଇକ୍‌ଷର ୩ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

## ଛତିଶଗଡର ...

ସେ କହିଛନ୍ତି ଯେ ମୃତ୍ୟୁର ପ୍ରକୃତ କାରଣ ପୋଷ୍ଟମଟମ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ।କୁହାଯାଉଛି ଯେ ବୁଧବାର ପୁର୍ବରୁ ଜଣଙ୍କର ମୃତ୍ୟୁ ହୋଇଥିଲା ।ପୁଣି ଦୁଇଜଣ ପ୍ରାଣ ହରାଇଥିଲେ ।ପରିବାର ସଦସ୍ୟ ଅସୁସ୍ଥତା ହେତୁ ତାଙ୍କ ମୃତ୍ୟୁକୁ ଅନୁମାନ କରି ତାଙ୍କର ଅନ୍ତିମ ସଂସ୍କାର କରିଥିଲେ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସବୁଜର ପ୍ରତିଷ୍ଠାତା ଦୂର୍ଗେଶ ନାୟକଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ

ବାସୁଦେବପୁର, ୮/୨ (ନି.ପ୍ର): ବାସୁଦେବପୁର ସହର ସ୍ଥିତ ହୋଟେଲ ପଦ୍ମା ପରିସରରେ ସମତାର ସ୍ୱର ସବୁଜର ପ୍ରତିଷ୍ଠାତା ତଥା ଯୁବ ଅଭିନେତା ଓ ସମାଜସେବୀ ଦୂର୍ଗେଶ ନାୟକଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଓ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଯୁବ ଆଇନଜୀବୀ ଇଞ୍ଜିନିୟର ନିରଦ କୁମାର ଦାଶ ସଭାପତିତ୍ୱ କରିଥିଲେ। ବିଶିଷ୍ଟ କବି ତଥା ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ଦୀନବନ୍ଧୁ ପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ସ୍ୱର୍ଗତ ନାୟକଙ୍କ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ସ୍ୱାମୀଜୀ ମହାରାଜ, ବିଜେପି ଯୁବ ନେତା ଉଦୟ ନାରାୟଣ ମଲ୍ଲିକ, ଆଇନଜୀବୀ ପ୍ରଦୀପ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଓ ସ୍ମୃତି ଚାରଣ କରିଥଲେ। ପୂର୍ଣ୍ଣିମା ମହାନ୍ତି ସମସ୍ତ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ବାଇ ଚଢେଇ ପତ୍ରିକାର ସମ୍ପାଦକ କବି ବିକାଶ କୁମାର ଶତପଥୀ, ସମାଜସେବୀ ମମତା ଜେନା, ନାଟ୍ୟକାର ଓ ନିର୍ଦ୍ଦେଶକ ସୁଶାନ୍ତ ଦାସ, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି, ହେମନ୍ତ ସନ୍ଧି ବିଗ୍ରହ ପ୍ରମୁଖ ସ୍ୱର୍ଗତ ଦୂର୍ଗେଶ ନାୟକଙ୍କ ସମ୍ପର୍କରେ ସ୍ମୃତି ଶ୍ରଦ୍ଧାଞ୍ଜଳି ବାଢ଼ିଥିଲେ। ଶେଷରେ ସମ୍ପାଦକ ଆନନ୍ଦ ଶଙ୍କର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତେ ଦୂର୍ଗେଶ ନାୟକ ଲିନୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନେକ ସୁନ୍ଦର ଓ ମନଛୁଆଁ ନାଟକରେ ଲିନୁ ଅଭିନୟ କରି ଅଳ୍ପ ଦିନ ମଧ୍ୟରେ ଓଡ଼ିଶାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଭୁବନେଶ୍ୱରର ଖଣ୍ଡଗିରି ମୁକ୍ତି ଥିଏଟରରେ ଲିନୁ ନାଟକରେ ଅଭିନୟ ସମ୍ପର୍କରେ ତାଲିମ ନେଇଥିଲେ। ମୁକ୍ତିର ନାଟ୍ୟ ନିର୍ଦ୍ଦେଶକ ସୂର୍ଯ୍ୟ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଦୂର୍ଗେଶ ନାୟକ ଅନେକ ନାଟକରେ ଅଭିନୟ କରିଥିଲେ ଯାହା ଜୀବନରେ ଆଦୌ ଭୁଲି ହେବ ନାହିଁ।



# ଚକଅର୍ଜୁନୀ ଆମ ଗାଁ ଯୁବ ପରିଷଦ ପକ୍ଷରୁ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

ଜଳେଶ୍ୱର, ୮/୨ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ଗ୍ରାମ ପଞ୍ଚାୟତ ଚକଅର୍ଜୁନୀ ଗ୍ରାମର ଆମ ଗାଁ ଯୁବ ପରିଷଦ ପକ୍ଷରୁ ସାଂସ୍କୃତିକ ମହୋତ୍ସବ ଗ୍ରାମ ମୁଖ୍ୟ ତଥା ଅଧ୍ୟାପକ ଶ୍ରୀଯୁକ୍ତ କାର୍ତିକେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ଉଦଯାପିତ ହୋଇଯାଇଛି। ଗଣତନ୍ତ୍ରର ସଫଳତା ଯୁବପିଢ଼ି ଉପରେ ନିର୍ଭର କରେ ବୋଲି ଜଳେଶ୍ୱର ବିଡିଓ ଶ୍ରୀଯୁକ୍ତ ଗୌରାଙ୍ଗ ଚରଣ ଘୋଷ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଜଳେଶ୍ୱର ଆଇଆଇସି ଶ୍ରୀଯୁକ୍ତ ରଞ୍ଜନ କୁମାର ସେଠୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଆପୋଷ ବୁଝାମଣା ମାଧ୍ୟମରେ ଗ୍ରାମୀଣ ସମସ୍ୟାର ସମାଧାନ ଦିଗରେ ଯୁବଗୋଷ୍ଠୀ ଆନ୍ତରିକତାର ସହ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଉତ୍ତର ବାଲେଶ୍ୱରର ସମ୍ବାଦର ବଶିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ସତ୍ୟବ୍ରତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଯୁବକ ମାନଙ୍କୁ ଶକ୍ତି ଓ ସୃଜନୀଶିଳତାର ପ୍ରତୀକ ଭାବରେ ଅଭିହିତ କରିଥିଲେ।



ବରିଷ୍ଠ ସମାଜସେବୀ ଶ୍ରୀଯୁକ୍ତ ବ୍ରଜ ମୋହନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଯୁବ ପରିଷଦର କାର୍ଯ୍ୟଧାରାକୁ ଶତମୁଖରେ ପ୍ରସଂସା କରିବା ସହ ଆହୁରି ଅଧିକ କ୍ରିୟାଶୀଳ ଓ ସଂଘଠୀତ ହୋଇ କାର୍ଯ୍ୟ କରିବାକୁ ଯୁବ ସମାଜକୁ ବାର୍ତ୍ତା ପ୍ରଦାନ କରିଥିଲେ। ସରପଞ୍ଚ ତପନୀ ଭୂୟାଁ, ପ୍ରାକ୍ତନ ସରପଞ୍ଚ ମଧୁସୁଦନ ଦତ୍ତ,ପ୍ରମିଳା ସାମଲ, ପୂର୍ବତନ ସମିତି ସଦସ୍ୟ ରାଜେନ୍ଦ୍ର ପାତ୍ର,ଯୁବ ପରିଷଦର ସଭାପତି ରାଜେନ୍ଦ୍ର ନାରାୟଣ ଦାସ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ସମାଜସେବୀ ଶ୍ରିକଣ୍ଠ ମହାନ୍ତି ଓ ସାମ୍ବାଦିକ ମନୋଜ କୁମାର ଭୂୟାଁ ଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା।ଜିତାରମ ସାମଲ ଓ ଶୁଭଦର୍ଶୀନୀ ପ୍ରଧାନ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୋନାଲିସା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ମଧୁସୁଦନ ପ୍ରଧାନ,ଉପ ସଭାପତି ଶତ୍ରୁଘ୍ନ ଦେ,କୋଷାଧ୍ୟକ୍ଷ ଚନ୍ଦନ କୁମାର ସେଠୀ,ସଭ୍ୟ ଗୌରାଙ୍ଗ ପ୍ରଧାନ,ନାରାୟଣ ପ୍ରଧାନ, ଚନ୍ଦନ ଭଞ୍ଜ,ରତନ ସେଠୀ, ଜୟନାରାୟଣ ଦେ, ଆରଜିତ ଭଞ୍ଜ, ବିଜନ କୁମାର ଭଞ୍ଜ, କାର୍ତ୍ତିକ ଦେ,ଓଁ ପ୍ରକାଶ ଦେ, ଜୟଶ୍ରୀ ଦାସ ପ୍ରମୁଖ ସହଯୋଗ କରିଥିଲେ। ୨ ତାରିଖରେ କଳସ ଶୋଭାଯାତ୍ରା ସହ ଘଟ ଉତ୍ତୋଳନ ହୋଇଥିଲା। ୩ ତାରିଖ ସଂାସ୍କୃତିକ ସଭାରେ ଅବସରପ୍ରାପ୍ତ ଅଧକ୍ଷ, ବିଶିଷ୍ଟ ସାହିତ୍ୟକ ଡ.ବିପିନ ବିହାରୀ ବିଶ୍ୱାଳ ଓ ଗବେଷକ ଡ.ରଜନୀ କାନ୍ତ ଭୂୟାଁ ଅତିଥି ଭାବେ ଯୋଗ ଦେଇ ଥିଲେ। ୪ତାରିଖ ଦିନ ପଞ୍ଚାୟତ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଙ୍କୁ ନେଇ ବହୁବିଧ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଗ୍ରାମର ମହିଳା ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗୀତା, ନୃତ୍ୟ ପ୍ରତିଯୋଗୀତା, ହରିନାମ ସଙ୍କୀର୍ତ୍ତନ, ନାଟ୍ୟାଭିନୟ, ମେଲୋଡି, ଧାରାବାହିକର ଅଭିନେତା ଅଭିନେତ୍ରୀ, ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

# କାଉମାରୀ ଭଗବାନ ଚନ୍ଦ୍ର ବିଦ୍ୟାଳୟ ଓ ନରସିଂହ ସହଯୋଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲିଆପାଳ , ୮/୨ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲିଆପାଳ ବ୍ଲକ ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ କାଉମାରୀ ସ୍ଥିତ ଭଗବାନ ଚନ୍ଦ୍ର ବିଦ୍ୟାଳୟ ଓ ନରସିଂହ ସହଯୋଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଳିତ ଭାବେ ବାର୍ଷିକ ଉତ୍ସବ ଶନିବାର ପୂର୍ବାହ୍ନ ୧୧ ରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ଅନାଦି କୁମାର ପଣ୍ଡାଙ୍କ ସଭାପତିତ୍ୱ ଆୟୋଜିତ ସଭା କୁ କବି କାଳିପଦ ପଣ୍ଡା ଉଦଘାଟନ କରିଥିଲେ । ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ପିଲାମାନେ ଭବିଷ୍ୟତରେ ଯେଉଁଭଳି ଭଲ ପାଠ ପଢ଼ିବା ସଙ୍ଗେ ସଙ୍ଗେ ଭଲ ମଣିଷ ହୋଇ ଆମ ଦେଶ ଓ ଜାତିର ନାଁ ରଖିବେ, ସେଥିଲାଗି ସକାରାତ୍ମକ ଚିନ୍ତାଧାରା, ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ ଓ ଇଶ୍ୱରଙ୍କ ଉପରେ ବିଶ୍ୱାସ ଏହି ଚାରୋଟି ଦିଗ ପ୍ରତି ଯତ୍ନବାନ ହେବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ କରିଥିଲେ । ମୁଖ୍ୟବକ୍ତା ଭାବେ ଲତାଯୋଡି କଲେଜ ର ଅଧକ୍ଷ ପ୍ରିୟବ୍ରତ ପଣ୍ଡା, ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକ କାଳିକିଙ୍କର ଦାସ, କ୍ଷେତ୍ର ମୋହନ ମୌଳିକ ବିଜ୍ଞାନ ମହାବିଦ୍ୟାଳୟ ବାଲେଶ୍ୱର ପ୍ରତିଷ୍ଠାତା କାଳିଚରଣ ସେଠି, କାଉମାରୀ ସିଆରସିସି ବସନ୍ତ କୁମାର ରାଉତ, ନୂଆଗାଁ ସରପଞ୍ଚ ଦିପାରାଣୀ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଖେଳ ଶିକ୍ଷକ ସୁନିଲ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ସୁଦର୍ଶନ ପାଢୀ ଓ ରଞ୍ଜନ କୁମାର ପଣ୍ଡା ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷକ ଚନ୍ଦନ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଦୁଇ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ , ଛାତ୍ର ଅଭିଭାବକ, ପରିଚାଳନା କମିଟି ସଦସ୍ୟ ସଦସ୍ୟା ଉପସ୍ଥିତ ରହି କାର ?ୟକ୍ରମରେ ସହଯୋଗ କରିଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ବଡ଼ାଗାଂଓରେ ଟ୍ରାକ୍ଟର ଓଲଟି ୩ ମୃତ

ବାରାଣାସୀ, ୮/୨ (ନି.ପ୍ର): ବଡ଼ାଗାଂଓ ଥାନା ଅନ୍ତର୍ଗତ ଔସାନପୁର ଗ୍ରାମ ନିକଟରେ ଦ୍ରୃତ ଗତିରେ ଆସୁଥିବା ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡିବା ଫଳରେ ଦୁର୍ଘଟଣାରେ ଟ୍ରାକ୍ଟରରେ ଥିବା ବାପ-ପୁଅ ସମେତ ଭଣଜାର ମୃତ୍ୟୁ ଘଟିଛି । ଟ୍ରାକ୍ଟର ତଳେ ଚାପି ହୋଇ ଏମାନଙ୍କର ମୃତ୍ୟୁ ଘଟିଛି । ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା କ୍ଷଣି ପୋଲିସ ଘଟଣାସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା । ସୂଚନା ଅନୁଯାୟୀ, ଔସାନପୁର ଗ୍ରାମର ରାମଦୁଲାର ରାମ ଓରଫ ଭୋନୁ (୬୨) ଶୁକ୍ରବାର ରାଜାତାଲାବ ମୋହନସରାୟ ଠାରୁ ଏକ ପୁରୁଣା ଟ୍ରାକ୍ଟର କିଣିଥିଲା । ଟ୍ରାକ୍ଟର ନେଇ ସୋନୁ ନିଜ ପୁଅ ମନୁ ରାମ (୩୫) ଏବଂ ଭଣଜା ବିନୋଦ ରାମ (୪୫) ସହିତ ଅଦଲପୁରା ସ୍ଥିତ ବଡ଼ ଶୀତଳା ଧାମରେ ଠାକୁର ଦର୍ଶନ ଓ ପୂଜାର୍ଚ୍ଚନା କରିବାକୁ ଯାଇଥିଲେ । ତିନି ଜଣ ଟ୍ରାକ୍ଟର ଯୋଗେ ଘରକୁ ଫେରୁଥିବା ବେଳେ ଟ୍ରାକ୍ଟରକୁ ଚଳାଉଥିଲା ସୋନୁ ।

# ଘନ କୁହୁଡ଼ି ସମ୍ଭାବନା: ଆସନ୍ତା ୨୪ ଘଂଟା ପାଇଁ ୧୦ ଜିଲ୍ଲାକୁ ଚେତାବନୀ

ଭୁବନେଶ୍ୱର, ୮/୨ (ନି.ପ୍ର): ଆଗାମୀ ୨ ଦିନ ରାଜ୍ୟର କେତେକ ସ୍ଥାନରେ ଘନ କୁହୁଡ଼ି ଦେଖାଦେବାର ସମ୍ଭାବନା ରହିଛି । ଏନେଇ ଆସନ୍ତା ୨୪ ଘଂଟା ପାଇଁ ୧୦ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ସେହି ଜିଲ୍ଲା ଗୁଡିକ ହେଲା କଟକ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରି । ଏସବୁ ଜିଲ୍ଲା ଗୁଡିକରେ ଗୋଟିଏରୁ ଦୁଇଟି ସ୍ଥାନରେ ଘନ କୁହୁଡ଼ି ନେଇ ଚେତାବନୀ ରହିଛି । ଏସବୁ ସ୍ଥାନରେ କୁହୁଡ଼ିର ଦୃଶ୍ୟମାନ ଦୂରତା ୫୦ରୁ ୨୦୦ ମିଟର ମଧ୍ୟରେ ରହିପାରେ । ସେହିପରି ୯ ତାରିଖ ସକାଳ ୮ଟା ୩୦ ଠାରୁ ୧୦ ତାରିଖ ସକାଳ ୮ଟା ୩୦ ପର୍ଯ୍ୟନ୍ତ ଘନ କୁହୁଡ଼ି ନେଇ ୪ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ ।

# ‘ମଦର’ ପକ୍ଷରୁ ଜାହାନିଆ ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମ

ଅସ୍ତରଙ୍ଗ, ୮/୨ (ନି.ପ୍ର): ସାମାଜିକ ଅନୁଷ୍ଠାନ 'ମଦର' ପକ୍ଷରୁ ଆଜି ପରିବେଶ ସୁରକ୍ଷା ଅଭିଯାନ ଅନ୍ତର୍ଗତ ଏକ ବେଳାଭୂମି ସଫେଇ କାର୍ଯ୍ୟକ୍ରମ କରାଯାଇଅଛି । ପୁରୀ ଜିଲ୍ଲା ଅସ୍ତରଙ୍ଗର ଜାହାନିଆ ବେଳାଭୂମି ଠାରେ ସ୍ଥାନୀୟ ଗୁଣ୍ଡଳବା ବନ ସୁରକ୍ଷା ସମିତି ସହଯୋଗରେ ଏହି ବିଶାଳ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ମଦର ଅନୁଷ୍ଠାନର ସଂପାଦିକା ସସ୍ମିତା ଦାସଙ୍କ ତତ୍ତ୍ୱାବଧାନରେ ଗୁଣ୍ଡଳବା ବନ ସୁରକ୍ଷା ସମିତିର ପ୍ରାୟ ୩୦ରୁ ଉର୍ଦ୍ଧ ମହିଳା ସଦସ୍ୟ ମାନେ ଏହି ସଫେଇ କାମ କରିଥିଲେ । ସମୁଦ୍ର କୂଳରେ ପଡ଼ିଥିବା ପ୍ଲାଷ୍ଟିକ ବୋତଲ, ଜରି ସହ ଅନ୍ୟ ଆବର୍ଜନା ସବୁକୁ ସଫା କରା ଯାଇଥିଲା । ଏହି ଅବସରର ଉପସ୍ଥିତ ଥିବା ମଦରର ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ଦାସ କହିଥିଲେ କି, ବେଳାଭୂମିକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ । ଆଉ ଏହି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟରେ ସ୍ଥାନୀୟ ଅଧିବାସୀଙ୍କ ମୁଖ୍ୟ ଭୂମିକା ରହିଛି । ବିଶେଷ କରି ଆଜି ଯେଉଁଭଳି ଭାବେ ସ୍ଥାନିୟ ମା ମାନେ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ରେ ସହଯୋଗ କରିଛନ୍ତି ତାହା ସତରେ ଧନ୍ୟବାଦ ଯୋଗ୍ୟ ଏବଂ ଏହି ସେବା ଦ୍ୱାରା ସ୍ୱଚ୍ଛତା କାମ ଅନ୍ୟ ମାନଙ୍କ ପାଇଁ ପ୍ରେରଣା ଦେବ ନିଶ୍ଚୟ । ଅନ୍ୟ ମାନଙ୍କ ମଧ୍ୟରେ ଗୁଣ୍ଡଳବା ବନ ସୁରକ୍ଷା ସମିତିର ସଭାନେତ୍ରୀ ଚାରୁଲତା ବିଶ୍ୱାଳ, ବରିଷ୍ଠ ସଦସ୍ୟା ଶାନ୍ତିଲତା ବିଶ୍ୱାଳ ଏବଂ ସ୍ଥାନୀୟ ସମାଜସେବୀ ଶୁଭଙ୍କର ବେହେରା ଉପସ୍ଥିତ ରହି ସହଯୋଗ କରିଥିଲେ ।




# କବି ଅଭିମନ୍ୟୁ ବେହେରାଙ୍କ ପୁସ୍ତକ ଭକ୍ତ ପ୍ରହ୍ଲାଦ ଉନ୍ମୋଚିତ



ବାସୁଦେବପୁର, ୮/୨ (ନି.ପ୍ର): ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ କବି ଓ ଅନୁବାଦକ ଅଭିମନ୍ୟୁ ବେହେରା ଙ୍କ ନାଟକ ପୁସ୍ତକ ଭକ୍ତ ପ୍ରହଲ୍ଲାଦ ଇତି ମଧ୍ୟରେ ଉନ୍ମୋଚିତ ହୋଇ ଯାଇଛି। ଫିନିକ୍ସ ଏକାଡ଼େମୀ ଆବାସିକ ଉଚ୍ଚ ବିଦ୍ୟାଳୟର ଷୋଡଶ ବାର୍ଷିକ ଉତ୍ସବ ଅବସରରେ ଏହି ପୁସ୍ତକ ଉନ୍ମୋଚନ ହୋଇ ଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ କବି ସୁଧାଂଶୁ ଶେଖର ମିଶ୍ର, ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ବିଶିଷ୍ଟ କବି ଓ ସମାଜସେବୀ ଅଚ୍ୟୁତାନନ୍ଦ ପାଢ଼ୀ, ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ ଡକ୍ଟର ପ୍ରଦୀପ୍ତ କୁମାର ମିଶ୍ର, ଫିନିକ୍ସ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗବନ୍ଧୁ ନାୟକ। ସମସ୍ତ ଅତିଥି ଏହି ନାଟକ ପୁସ୍ତକକୁ ପ୍ରଶଂସା କରିଥିଲେ। କବି ଅଭିମନ୍ୟୁ ବେହେରାଙ୍କ ଲେଖିବା ଶୈଳୀ ଓ ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଫିନିକ୍ସ ଏକାଡେମୀ ର ସମ୍ପାଦକ ଚନ୍ଦ୍ର ଶେଖର ବେହେରା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବୁନ୍ଦେଲଖଣ୍ଡ ଏକ୍ସପ୍ରେସ-ୱେରେ ଟ୍ରକ୍‌କୁ ପିଟିଲା ବସ୍: ୨ ତୀର୍ଥଯାତ୍ରୀଙ୍କ ମୃତ୍ୟୁ

ହମୀରପୁର, ୮/୨ (ନି.ପ୍ର): ହମୀରପୁର ଜିଲ୍ଲାର ବୁନ୍ଦେଲଖଣ୍ଡ ଏକ୍ସପ୍ରେସ-ୱେ ରେ ଶନିବାର ଦ୍ରୃତ ଗତିରେ ଆସୁଥିବା ଏକ ଟୁରିଷ୍ଟ ବସ୍ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଏକ ଟ୍ରକ୍ କୁ ଧକ୍କା ଦେବା ଫଳରେ ବସ୍ ରେ ଯାଉଥିବା ୨ ଜଣ ତୀର୍ଥଯାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ଯେତେବେଳେ କି ୯ ଜଣ ଆହତ ହୋଇଛନ୍ତି । ସମସ୍ତ ତୀର୍ଥଯାତ୍ରୀ ପ୍ରୟାଗରାଜ ସଙ୍ଗମରେ ସ୍ନାନ କରି ହିମାଚଳ ପ୍ରଦେଶ ଫେରୁଥିଲେ । ଦୁର୍ଘଟଣା ସମ୍ପର୍କରେ ଖବର ପାଇବା କ୍ଷଣି ପୋଲିସ ଘଟଣାସ୍ଥଳରେ ପହଂଚି ଆହତ ମାନଙ୍କୁ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ସରକାରୀ ହସ୍ପିଟାଲକୁ ପଠାଇଥିଲା । ପରେ ଆହତଙ୍କୁ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି । ପୋଲିସ ମୃତକ ଦ୍ୱୟଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ମୃତକ ଦ୍ୱୟ ହେଲେ ହିମାଚଳ ପ୍ରଦେଶ କାଂଗଡ଼ା ଗ୍ରାମ ନିବାସୀ ନିର୍ମଳା (୬୦) ଓ ସୁରେନ୍ଦ୍ର ରାଣା (୫୧) ।

# ମାଟିଆଲୀ ଲ୍ୟାମ୍ପରେ ଅଧିକାରୀଙ୍କ ପ୍ରୀୟାପ୍ରିତି ତୋଷଣ: ତାତିଲେ ଚାଷୀ, ରାଜ୍ୟ ରାଜପଥ ଅବରୋଧ



ନୀଳଗିରି , ୮/୨ (ନି.ପ୍ର): ମୁଣ୍ଡଝାଳ ତୁଣ୍ଡରେ ମାରି କଷ୍ଟଅର୍ଜିତ ବର୍ଷକର ସୁନାର ଫସଲକୁ ସରକାରୀ ଦରରେ ବିକ୍ରୀକରି ଦୁଇପଇସା ଅଧିକ ଟଙ୍କା ପାଇବାର ଆଶାରଖି ଚାଷୀ ବାପୁଡ଼ା ଅନାଇ ବସିଥାଏ। ମାତ୍ର କିଛି ଅସାଧୁ କର୍ମଚାରୀଙ୍କ ପାଇଁ ଶେଷରେ ଆଶା ଆଶାରେ ମରିଯାଏ। ଏଭଳି ଘଟଣା ପ୍ରତିବର୍ଷ ଘଟୁଥିବା ବେଳେ ଚଳିତବର୍ଷ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ମାଟିଆଲୀ ଲ୍ୟାମ୍ପର ଅଧିକାରୀ ଚାଷୀଙ୍କ ଠାରୁ ଧାନକିଣାରେ ପ୍ରିୟାପ୍ରୀତି କରୁଥିବାର ଅଭିଯୋଗ ଆଣି ନ୍ୟାୟପାଇବା ପାଇଁ ରାଜ୍ୟରାଜପଥ ୧୯ ଛତ୍ରପୁର ଠାରେ ଧାନବସ୍ତା ଗାଦିମାରି ଦୀର୍ଘ ୬ଘଣ୍ଟା ରାସ୍ତା ଅବରୋଧ କରି ଧାରଣା ଦେଇଥିଲେ। ସୂଚନା ଅନୁଯାୟୀ ମାଟିଆଳି ଲ୍ୟାମ୍ପ ଅଧୀନରେ ଥିବା ଛତ୍ରପୁର ଶାଖାରେ ଚାଷୀଙ୍କର ଅନଲାଇନ୍ ଟୋକନର ସିରିଏଲକୁ ଆଗ ପଛ କରିବା ସହ ପ୍ରିୟାପ୍ରୀତି ତୋଷଣ କରି ଧାନ କିଣାରେ ବ୍ୟାପକ ଅନିୟମିତତା କରାଯାଉଥିବା ଅଭିଯୋଗ ନେଇ ସମାଜସେବୀ ଉପେନ୍ଦ୍ର ଦାସ, ସୁରେଶ ଶଙ୍ଖୁଆ, ଅରବିନ୍ଦ ଶଙ୍ଖୁଆ , ବାବୁଆ ଶତପଥୀ, ସଞ୍ଜୟ ବେହେରା, ଭଗବାନ ସିଂ, ବିଶ୍ୱଜିତ୍ ମାଝୀ, ରମେଶ ସେନାପତି ଆଦି ବହୁ ଚାଷୀ ଓ ସମାଜସେବୀଙ୍କ ନେତୃତ୍ୱରେ ଶହଶହ ଚାଷୀ ଧାରଣା ଦେଇଥିଲେ। ଖବରପାଇ ବରହମପୁର ପୋଲିସ ଏବଂ ବାଲେଶ୍ୱର ଏସସିଏସଓ଼ ହିମାଂଶୁ ଭୂଷଣ ସାହୁ ଓ ଦୀପକ ରଞ୍ଜନ ବେହେରା ଘଟଣା ସ୍ଥଳରେ ପହଞ୍ଚି ଚାଷୀଙ୍କ ସମସ୍ୟା ବୁଝିଥିଲେ। ବିଶେଷକରି କଟନୀ ଛଟନି ବନ୍ଦକରିବା ସହିତ ସୋସାଇଟି କାନ୍ଥରେ ସିରିଏଲ ନମ୍ବରର ନୋଟିସ ସର୍ବସାଧାରଣରେ ପ୍ରତିଫଳନା କରାଯିବା ସହିତ ସିରିଏଲ ଅନୁଯାଇ ଧାନକ୍ରୟ କରିବା, ଶେଷ ହୋଇ ଯାଇଥିବା କ୍ରୟ ଅବଧି ବୃଦ୍ଧିକରିବା ପ୍ରମୁଖ ଦାବି ଚାଷୀ ମାନେ ଉପସ୍ଥାପନ କରିଥିଲେ। ଏଥିରେ ଏସସିଏସଓ଼ ଶ୍ରୀଯୁକ୍ତ ସାହୁ ସମସ୍ତ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଖବରପାଇ ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ରାସ୍ତାରୋକ ଠାରେ ପହଞ୍ଚି ଚାଷୀଙ୍କ ସମସ୍ୟା ବୁଝିବା ସହିତ ଅଧିକାରୀଙ୍କ ସହ ଆଲୋଚନା କରି ଦୁର୍ନୀତିରେ ଲିପ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଥିଲେ। ତେବେ ଚାଷୀଙ୍କର ସମସ୍ତ ସମସ୍ୟା ସମାଧାନ କରାଯିବାର ଏସସିଏସଓଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ପୋଖରୀରୁ ଯୁବକର ମୃତଦେହ ଉଦ୍ଧାର

ମୁଖିଗୁଡା, ୮/୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ଜୟପାଟଣା ଗୀତା ଭବନ ଚିର୍କା ଯିବା କେନାଲ ରାସ୍ତାର ଏକ ଖଳା ପାଖରେ ଥିବା ପୋଖରୀରୁ ଏକ ଯୁବକର ମୃତଦେହ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି। ଯୁବକ ଜଣକ ଜୟପାଟଣା ଗାନ୍ଧିଗ୍ରାମ ପଡାର ପ୍ରମୋଦ ନାଏକ(୩୧) ବୋଲି ଜଣାପଡ଼ିଛି। ପରିବାର ପକ୍ଷରୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ ହୋଇଛି। ପ୍ରମୋଦ ଗତ ରାତି ୮ଟା ସମୟରେ କେହି ଜଣେ ଫୋନ କରିବାରୁ ଘରୁ ବାହାରି ଆସିଥିଲେ, ହେଲେ ଆଉ ଘରକୁ ଫେରି ନଥିଲେ। ଆଜି ସକାଳୁ ଏକ ନିଛାଟିଆ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖା ଯାଇଥିଲା। ପ୍ରମୋଦଙ୍କ ଦୁଇ ପୁଅ ଓ ସ୍ତ୍ରୀ ଥିବା ବେଳେ ସେ ୱାଟର ସର୍ଭିସିଂ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ପରିବାର ଲୋକେ ବାନେର ଧନୁଯାତ୍ରାରେ ପ୍ରମୋଦଙ୍କ ସହ କିଛି ଲୋକେ ଝଗଡା କରିଥିବା ବେଳେ ତାକୁ କେନ୍ଦ୍ର କରି ଏ ହତ୍ୟା ହୋଇଥିବା ସନ୍ଦେହ କରିଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ତଦନ୍ତ କରି ଦୋଷୀ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ବର୍ତମାନ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# କ୍ଲଷ୍ଟର ସ୍ତରୀୟ ନିପୁଣ ଓଡିଶା ମେଳା କାର୍ଯ୍ୟକ୍ରମ



ବଡ଼ସାହି , ୮/୨ (ନି.ପ୍ର): ରାଜ୍ୟସରକାରଙ୍କ ଦ୍ୱାରା ସଂପ୍ରତି ‘ ନିପୁଣ ଓଡିଶା ମେଳା‘ ଶୀର୍ଷକ ନୂତନ ଭାବେଏକ ଶୈକ୍ଷିକ କାର୍ଯ୍ୟକ୍ରମ ସମ୍ପ୍ରତି ଚାଲୁ ରହିଛି। ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ମାତୃଭାଷା ଓ ଗଣିତର ସଂଖ୍ୟା ଗଣନା ଉପରେ ଗୁରୁତ୍ୱ ଦେବାକୁ ଏହା ଉଦ୍ଦିଷ୍ଟ ଏବଂ ୨୦୨୬ ସୁଦ୍ଧା ସେମାନଙ୍କ ଦକ୍ଷତା ବୃଦ୍ଧି ଏହାର ଲକ୍ଷ୍ୟ । ସର୍ବ ପ୍ରଥମେ ବିଦ୍ୟାଳୟମାନଙ୍କରେ, ପରେ କ୍ଲଷ୍ଟର ସ୍ତରୀୟହୋଇ ତାପରେ ବ୍ଲକ୍ ଓ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ବଡସାହି ବ୍ଲକ୍ ର କୋଚିଲାଖୁଣ୍ଟା କ୍ଲଷ୍ଟରର ଝିଲଦାମସାହି ପ୍ରାଥମିକ ବିଦ୍ୟାଳୟଠାରେ ଉକ୍ତ କାର୍ଯ୍ୟକ୍ରମ ଆଞ୍ଚଳିକ ସାଧନ କର୍ମୀ ମିନତୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । କାର୍ଯ୍ୟକ୍ରମର ସଂଯୋଜକ ଥିଲେ, ବାଗୁଲିର ଶିକ୍ଷକ ଜୟନ୍ତ କୁମାର ଜେନା । ଆୟୋଜକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ମହାନ୍ତ ସଭାର ଉଦ୍ଦେଶ୍ୟଜ୍ଞାପନ କରିଥିଲେ । ଏଥିନିମନ୍ତେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ବଡସାହି ବ୍ଲକ୍ ରୁ ରାଜ୍ୟ ଓ ଜାତୀୟ ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ଯୋଗଦେଇ ସରକାର ତଥା ରାଜ୍ୟ ଶିକ୍ଷା ବିଭାଗର ଏହି କାର୍ଯ୍ୟକ୍ରମ ସମ୍ବନ୍ଧିତ ବକ୍ତବ୍ୟ ସହ ଏହାର ଉପଯୋଗ ଉପର ଗୁରୁତ୍ୱ ଆରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗୀନୂଆଗାଁ ପଞ୍ଚାୟତର ସରପଞ୍ଚ ଗୋପୀନାଥ ନାଏକ ଓ ସମିତି ସଭ୍ୟ ନବୀନ ମହାନ୍ତ, ପ୍ରଧାନ ଶିକ୍ଷକ ରଜତକୁମାର ବେହେରା, ବରିଷ୍ଠ ଶିକ୍ଷକ ଅଜୟ କୁମାର ଦାଶ ପ୍ରମୁଖ ମଞ୍ଚାସୀନ ଥାଇ ଏହି ଶିକ୍ଷଣ ପ୍ରକ୍ରିୟାର ସଦୁପଯୋଗ ସମ୍ବନ୍ଧରେ ବ୍ୟକ୍ତବ୍ୟ ରଖିଥିଲେ । ଇତ୍ୟବସରରେ କ୍ଲଷ୍ଟରରୁ ୧୦ ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀ ବିଷୟଭିତ୍ତିକ ଶିକ୍ଷଣ ସାମଗ୍ରୀ ମାନ ପ୍ରଦର୍ଶନ ସହ ଶିକ୍ଷକମାନଙ୍କ ସହଯୋଗରେ ଶ୍ରେଣୀଗୃହରେ ଏହାର ପ୍ରୟୋଗ କର୍ମଶାଳାରେ ପ୍ରଦର୍ଶନ କରିଥିଲେ। ଅନେକ ଅଭିଭାବକ ଓ ଶିକ୍ଷକ,ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଶେଷରେ ଶିକ୍ଷକ ସୁଶାନ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida